ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୧୭, ସଂଖ୍ୟା: ୨୮୩
୨୦ ଫେବୃଆରୀ, ୨୦୨୬ ଶୁକ୍ରବାର
କେନ୍ଦ୍ରାପଡ଼ା

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

ODISHA EXPRESS
SIGHTS TRUTH WRITES TRUTH
ଠିକ୍ ଦେଖେ ଠିକ୍ ଲେଖେ

Pages-8
Price ₹ 5.00
Vol. 17, Issue No. : 283
20th February, 2026 Friday
Kendrapara

Website : www.odishaexpress.in E-mail : odishaexpress@gmail.com RNI Regd. No. ODIODI/2009/28880 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

## ନୀତି ବାଣୀ

**ଇତର କର୍ମଫଳାନି ଯଦୃଚ୍ଛୟା, ବିଲିଖିତାନି ସହେ ଚତୁରାନନ**
**ଅରସିକେଷୁ କବିତ୍ୱ ନିବେଦନଂ, ଶିରସି ମା ଲିଖ ମା ଲିଖ ମା ଲିଖ**

ହେ ବିଧାତା, ମୋ କପାଳରେ ଯାହା ଇଚ୍ଛା ତାହା କର୍ମଫଳ ଲେଖ ସେଥିରେ ମୋର ଆପତ୍ତି ନାହିଁ । ମାତ୍ର ଅରସିକ ଲୋକ ନିକଟରେ କବିତ୍ୱ ନିବେଦନ ଭଳି କର୍ମଫଳ ମୋ କପାଳରେ ଲେଖ ନାହିଁ ।

# ମାଗଣା ବଣ୍ଟା ଛାଡ଼ି ନିଯୁକ୍ତିକୁ ଗୁରୁତ୍ୱ ଦେବା ଉଚିତ୍: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୧୯।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ସୁପ୍ରିମକୋର୍ଟ ରାଜନୈତିକ ଦଳଗୁଡ଼ିକ ଦ୍ୱାରା ସେମାନଙ୍କର ନିର୍ବାଚନ ପ୍ରତିଶ୍ରୁତିର ଅଂଶ ଭାବରେ ମାଗଣା ଉପହାର ବଣ୍ଟନକୁ କଡ଼ା ସମାଲୋଚନା କରିଛନ୍ତି । ପ୍ରଧାନ ବିଚାରପତି କହିଛନ୍ତି ଯେ ଅନେକ ରାଜ୍ୟ ସରକାର ଭାରୀ ଋଣ ଏବଂ କ୍ଷତି ସତ୍ତ୍ୱେ ମାଗଣା ଯୋଜନା ବଣ୍ଟନ କରୁଛନ୍ତି । "ଯଦି ସରକାର ମାଗଣା ଟଙ୍କା, ବିଦ୍ୟୁତ୍ ଏବଂ ଅନ୍ୟାନ୍ୟ ସୁବିଧା ପ୍ରଦାନ କରିବା ଜାରି ରଖନ୍ତି, ତେବେ କିଏ ଖର୍ଚ୍ଚ ବହନ କରିବ ?" କୋର୍ଟ ଗୁରୁତ୍ୱାରୋପ କରିଛନ୍ତି ଯେ ସରକାରମାନେ ମାଗଣା ଉପହାର ବଣ୍ଟନ କରିବା ଅପେକ୍ଷା ନିଯୁକ୍ତି ସୃଷ୍ଟି ଉପରେ ଅଧିକ ଧ୍ୟାନ ଦେବା ଉଚିତ ।



କିଛି ସମ୍ପ୍ରଦାୟ ପାଇଁ ତାମିଲନାଡୁ ସରକାରଙ୍କ ବିଦ୍ୟୁତ୍ ଶୁଳ୍କ ସବସିଡି ଯୋଜନାକୁ ଚ୍ୟାଲେଞ୍ଜ କରୁଥିବା ଏକ ଆବେଦନର ଶୁଣାଣି ସମୟରେ ଏହି ମନ୍ତବ୍ୟ ଆସିଥିଲା । ଏହି ଯୋଜନା ବିଦ୍ୟୁତ୍ ବଣ୍ଟନ କମ୍ପାନୀଗୁଡ଼ିକ ଉପରେ ଆର୍ଥିକ ଚାପ ବୃଦ୍ଧି କରିଥିଲା, ଯାହା ଫଳରେ ତାମିଲନାଡୁ ବିଦ୍ୟୁତ୍ ବଣ୍ଟନ ନିଗମ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ବିଦ୍ୟୁତ୍ (ସଂଶୋଧନ) ନିୟମ ୨୦୨୪ର ନିୟମ ୨୩ ଉଦ୍ଧୃତ କରି କୋର୍ଟ କହିଛନ୍ତି ଯେ ବିଦ୍ୟୁତ୍ କମ୍ପାନୀଗୁଡ଼ିକ ଶୁଳ୍କ ମାଧ୍ୟମରେ ସମ୍ପୂର୍ଣ୍ଣ ମୂଲ୍ୟ ଆଦାୟ ସୁନିଶ୍ଚିତ କରିବା ଆବଶ୍ୟକ ।

ଦେଶର ମାଗଣା ବ୍ୟବସ୍ଥା ଉପରେ ମତାମତ ଦେଇ ସିଜେଆଇ ସୂର୍ଯ୍ୟକାନ୍ତ କହିଛନ୍ତି ଯେ ଏହି ପ୍ରକାରେ ମାଗଣା ବଣ୍ଟା ଦେଶର ଆର୍ଥିକ ବିକାଶକୁ ବାଧା ଦେବ । ଯେଉଁମାନେ ଶିକ୍ଷା କିମ୍ବା ମୌଳିକ ଜୀବନଯାପନ ଖର୍ଚ୍ଚ ବହନ କରିପାରୁନାହାଁନ୍ତି ସେମାନଙ୍କୁ ସୁବିଧା ଯୋଗାଇବା ରାଜ୍ୟର କର୍ତ୍ତବ୍ୟ, କିନ୍ତୁ ଯେଉଁମାନେ ଉପଭୋଗ କରୁଛନ୍ତି ସେମାନେ ପ୍ରଥମେ ମାଗଣା ବଣ୍ଟାକୁ ପକେଟରେ ପକାଉଛନ୍ତି । ଏହା କ'ଣ ସରକାର ଧ୍ୟାନ ଦେବା ଉଚିତ ନୁହେଁ?

ଆମେ ଏପରି ଏକ ରାଜ୍ୟ ବିଷୟରେ ଜାଣୁ ଯେଉଁଠାରେ ବିଦ୍ୟୁତ ମାଗଣା; ଯଦି ଆପଣ ଜଣେ ବଡ଼ ଜମିଦାର ହୁଅନ୍ତି, ତେବେ ଆପଣ ଲାଇଟ୍ ଜାଳିଦିଅନ୍ତି । ଯଦି ଆପଣଙ୍କୁ କୌଣସି ସୁବିଧା ଆବଶ୍ୟକ ହୁଏ, ତେବେ ଆପଣଙ୍କୁ ଏଥିପାଇଁ ଦେୟ ଦେବାକୁ ପଡିବ । ଏହା ଟିକସ ଟଙ୍କା । ଆମେ କେବଳ ତାମିଲନାଡୁ ବିଷୟରେ କହୁନାହୁଁ । ଆମେ ପଚାରିବାକୁ ଚାହୁଁଛୁ ଯେ ନିର୍ବାଚନ ପୂର୍ବରୁ କାହିଁକି ଯୋଜନା ଘୋଷଣା କରାଯାଉଛି ?

ସମସ୍ତ ରାଜନୈତିକ ଦଳ, ସମାଜବିଜ୍ଞାନୀ ଏବଂ ବିଚାରଧାରାକୁ ଏହା *(ଶେଷ ପୃଷ୍ଠା ଦେଖନ୍ତୁ)*

## ୩୧ ନୂଆ ଜିଲ୍ଲା ପ୍ରସ୍ତାବ

**ଭୁବନେଶ୍ୱର,୧୯।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟରେ ଆଉ ୩୧ଟି ନୂଆ ଜିଲ୍ଲା ପାଇଁ ସରକାରଙ୍କ ନିକଟକୁ ପ୍ରସ୍ତାବ ଦିଆଯାଇଛି । ଏନେଇ ବିଧାନସଭାରେ ଲିଖିତ ଉତ୍ତର ରଖିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ।

ବିଧାନସଭାରେ ବିଧାୟକ ବିଜୟ ଦଳବେହେରାଙ୍କ ଅଣତାରକା ପ୍ରଶ୍ନରେ ଲିଖିତ ଉତ୍ତର ରଖି ବଡ ସୂଚନା ଦେଇଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ । ମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟରେ ଏପର୍ଯ୍ୟନ୍ତ ୩୧ଟି ନୂତନ ଜିଲ୍ଲା ଗଠନ କରିବା ନିମନ୍ତେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ବିଭାଗକୁ ପ୍ରାପ୍ତ ହୋଇଛି । ତେବେ ଏଥିନେଇ ପ୍ରଚଳିତ ନୀତି ନିୟମ ଅନୁଯାୟୀ ସରକାର ଉପଯୁକ୍ତ ସମୟରେ ବିଚାର କରିବେ ବୋଲି ମନ୍ତ୍ରୀ ଉତ୍ତର ରଖିଛନ୍ତି । ସୂଚନା ଅନୁସାରେ ନୂତନ ଜିଲ୍ଲା ପାଇଁ ଦାବି ହେଉଥିବା ସ୍ଥାନ ଗୁଡ଼ିକ ହେଲା ; ପଦମପୁର, ଧର୍ମଗଡ଼, ପଶ୍ଚିମ ମୟୁରଭଞ୍ଜ, ରାଇରଙ୍ଗପୁର, ଖ୍ରିଚିଂ, କରଞ୍ଜିଆ, ବଣାଇ, ରାଉରକେଲା, ବେଦବ୍ୟାସ, ଟିଟିଲାଗଡ, କଣ୍ଟାବାଞ୍ଜି, ପାଟଣାଗଡ଼, ତାଳଚେର, ପାଲଲହଡା, ଭୁବନେଶ୍ୱର, ଘୁମୁସର, ଋଷିକୂଲ୍ୟା, ବ୍ରହ୍ମପୁର, ଭଞ୍ଜନଗର, କବିସୂର୍ଯ୍ୟନଗର, ଚଣ୍ଡିଖୋଲ, ଆଠଗଡ଼, କୁଚିଣ୍ଡା, ବାଲିଗୁଡା, ଆନନ୍ଦପୁର, ନୀଳଗିରି, ସୋର, ଜଳେଶ୍ୱର, ନିମାପଡା, ଗୁଣୁପୁର ଓ ଜୟପୁର ।

## ୪୦ ହଜାର ନେଇ ତହସିଲଦାର ଗିରଫ

**ସୋର,୧୯।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ବାଲେଶ୍ୱର ଜିଲ୍ଲା ସୋର ତହସିଲର ଭାରପ୍ରାପ୍ତ ତହସିଲଦାର ଦୈତାରୀ ମଲ୍ଲିକ ୪୦ ହଜାର ଟଙ୍କା ଲାଞ୍ଚ ନେବା ବେଳେ ମାଡ଼ି ବସିଲା ଭିଜିଲାନ୍ସ । ପଥର ଗାଡ଼ି ଛାଡ଼ିବାକୁ ନେଇ ଅଫିସ୍ ଭିତରେ ନେଉଥିଲେ ଲାଞ୍ଚ ଟଙ୍କା ।

ସୂଚ୍ନାଯୋଗ୍ୟ ଯେ, ଗୁରୁବାର ଦିନ ୩ଟାରେ ସେ ସୋର ଟ୍ରକ୍ ସଂଘର ଜଣେ ବ୍ୟକ୍ତିଙ୍କ ଜରିଆରେ ଲାଞ୍ଚ ଟଙ୍କା ନେବାବେଳେ ମାଡିବସିଲା ଭିଜିଲାନ୍ସ । ସୋର ପୌରପାଳିକା ପଠାଣ ମହଲାର ଖାନ କାଦ୍ରୀଙ୍କ ଦୁଇ ଟ୍ରକ୍ ଓ ତାଙ୍କ ଭିଣୋଇଙ୍କର ତିନି ଟ୍ରକ ଜବତ କରିଥିଲେ ଭାରପ୍ରାପ୍ତ ତହସିଲଦାର । ଜବତ ଟ୍ରକକୁ ଖଣି ବିଭାଗକୁ ନଦେଇ ଥାନାକୁ ହସ୍ତାନ୍ତର କଲେ ସହଜରେ ଟ୍ରକ୍ ଛାଡ଼ ହେବ ପ୍ରଲୋଭନ ଓ ଖଣି ବିଭାଗ ଫାଇନରୁ ବର୍ତ୍ତିବା ପାଇଁ ୧ ଲକ୍ଷ ଟଙ୍କା ଲାଞ୍ଚ ମାଗିଥିଲେ । ପରେ ଦୟାନିଧି ଜେନାଙ୍କ ମାଧ୍ୟମରେ ୪୦ ହଜାର ଟଙ୍କା କଥା ଛିଡିଥିଲା । *(ଶେଷ ପୃଷ୍ଠା ଦେଖନ୍ତୁ)*

# ୧୧୬୬ ବେନାମୀ ବ୍ୟାଙ୍କ୍ ଆକାଉଣ୍ଟ ଯାଞ୍ଚ ପରେ ୮୪ ଗିରଫ

**ଭୁବନେଶ୍ୱର,୧୯।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ସାଇବର ଅପରାଧ ନେଟୱର୍କକୁ ସମ୍ପୂର୍ଣ୍ଣ ରୂପେ ଧ୍ୱଂସ କରିବା ଲକ୍ଷ୍ୟରେ ଓଡିଶା ପୁଲିସ ପକ୍ଷରୁ ଆରମ୍ଭ କରାଯାଇଥିବା 'ଅପରେସନ ସାଇବର କବଚ' ଅଭିଯାନ ରାଜ୍ୟବ୍ୟାପୀ ଜୋରଦାର ଜାରି ରହିଛି । ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ନିର୍ଦ୍ଦେଶକ୍ରମେ ଏହି ଅଭିଯାନ ସପ୍ତମ ଦିନରେ ପହଞ୍ଚିଥିବା ବେଳେ ସମ୍ବଲପୁର, ରାଉରକେଲା ଓ ଝାରସୁଗୁଡ଼ା ପୁଲିସ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି । ଆଜି ସାଇବର ସେଲ, କ୍ରାଇମବ୍ରାଞ୍ଚ ଏବଂ ସମ୍ବଲପୁର ଜିଲ୍ଲା ପୁଲିସ ଏକ ବଡ଼ ଧରଣର ସାଇବର ଠକେଇକୁ ଧ୍ୱଂସ କରିବାରେ ସଫଳ ହୋଇଛନ୍ତି । ଏହି ଘଟଣାରେ ପୁଲିସ ୩୦୦ରୁ ଅଧିକ ସନ୍ଦେହଜନକ ବେନାମୀ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରିବା ସହ ସେଥିମଧ୍ୟରୁ ୧୪୦ଟି ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ୧୧୦କୋଟି ୩୦ଲକ୍ଷରୁ ଅଧିକ ଟଙ୍କା କାରବାର ହୋଇଥିବା ସମ୍ପର୍କରେ ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି । ଏହା ବ୍ୟତୀତ ୫୨ଟି ଆକାଉଣ୍ଟ ଜରିଆରେ ୭୫କୋଟି ୩୬ ଲକ୍ଷ ଟଙ୍କା କାରବାର ହୋଇଥିବା ସମ୍ପର୍କରେ ପୁଲିସ ସୂଚନା ପାଇଛି । ଏହି ଘଟଣାରେ ପୁଲିସ ୨୦ଜଣଙ୍କୁ ଗିରଫ କରିଥିବାବେଳେ ୩୨ଜଣଙ୍କୁ ଆଇନଗତ ନୋଟିସ୍ ଜାରି କରାଯାଇଛି ।

**ଅପରେସନ ସାଇବର କବଚ**



ସେହିପରି ରାଉରକେଲା ପୁଲିସ ଜିଲ୍ଲା ବନ୍ଧମୁଣ୍ଡା ଥାନା ଅଞ୍ଚଳରେ ସକ୍ରିୟ ଥିବା ଏକ ଆନ୍ତଃରାଜ୍ୟ କ୍ରିକେଟ୍ ବେଟିଂ ସିଣ୍ଡିକେଟକୁ ପୁଲିସ ସଫଳତାର ସହ ଧ୍ୱଂସ କରିଛି । ଟି-୨୦ ବିଶ୍ୱକପ୍ ମ୍ୟାଚକୁ ଆଧାର କରି ଏହି ବେଆଇନ ବେଟିଂ କାରବାର ଚାଲୁଥିବାବେଳେ ପୁଲିସ ଚଢଉ କରି ୬ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେମାନଙ୍କ ନିକଟରୁ ନଗଦ ୩୦.୬୫ଲକ୍ଷ ଟଙ୍କା, ଏକ ମହିନ୍ଦ୍ରା ଥାର୍ ଗାଡ଼ି, ୨ଟି ଲାପଟପ୍ ଏବଂ ୭ଟି ଦାମୀ ମୋବାଇଲ୍ ଫୋନ୍ ଜବତ କରାଯାଇଛି । "ସିଲଭର ଏକ୍ସଚେଞ୍ଜ" ନାମକ ଅନଲାଇନ୍ ଗେମିଂ ଆପ୍ ମାଧ୍ୟମରେ ଅଭିଯୁକ୍ତମାନେ ସାଧାରଣ ଲୋକଙ୍କୁ *(ଶେଷ ପୃଷ୍ଠା ଦେଖନ୍ତୁ)*

## ବିଧାନସଭା ଅଧିବେଶନରେ ପୁଣି ସୁନା ଖଣି ଚର୍ଚ୍ଚା

**ଭୁବନେଶ୍ୱର,୧୯।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଓଡ଼ିଶା ବିଧାନସଭାର ଚଳିତ ବଜେଟ୍ ଅଧିବେଶନରେ ପୁଣିଥରେ ରାଜ୍ୟର ସୁନା ଖଣି ପ୍ରସଙ୍ଗ ଚର୍ଚ୍ଚାର ବିଷୟ ପାଲଟିଛି । ଗୁରୁବାର ଗୃହରେ ବଡମ୍ବା ବିଧାୟକ ବିଜୟ କୁମାର ଦଳବେହେରାଙ୍କ ଏକ ପ୍ରଶ୍ନର ଉତ୍ତର ରଖି ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ରାଜ୍ୟର ବିଭିନ୍ନ ଜିଲାରେ ଥିବା ସୁନା ଗଚ୍ଛିତ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି ।

ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ, ଓଡ଼ିଶାର ଦେବଗଡ଼, କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲାରେ ସୁନା ଖଣି ଥିବା ସ୍ପଷ୍ଟ ହୋଇଛି । ଏହି ସ୍ଥାନଗୁଡ଼ିକରେ ବର୍ତ୍ତମାନ ସବିଶେଷ ଅନୁସନ୍ଧାନ କାର୍ଯ୍ୟ ଜାରି ରହିଛି । ଦେବଗଡ଼ର ଆଦାସ-ରାମପଲ୍ଲୀ ଅଞ୍ଚଳ, କେନ୍ଦୁଝରର ଗୋପୁର-ଜଳଡିହି ଅଞ୍ଚଳ ଏବଂ ମୟୂରଭଞ୍ଜର ମଦନଶାହୀ-କାଞ୍ଜିଆ ଅଞ୍ଚଳରେ ସୁନା ଖଣି ରହିଛି ।

କେବଳ ଏହି ତିନୋଟି ଜିଲା ନୁହେଁ, ବରଂ ଓଡ଼ିଶା ଖଣି ନିଗମର ପ୍ରାଥମିକ ସର୍ଭେ ଅନୁଯାୟୀ ରାଜ୍ୟର ପ୍ରାୟ ୯ଟି ଜିଲାରେ ସୁନା ମିଳିବାର ସମ୍ଭାବନା ରହିଛି । ସେଗୁଡ଼ିକ ହେଲା, କେନ୍ଦୁଝର ଜିଲାର ଗଜୀପୁର, ସାଲେଇକେନା ଓ ଦିମିରିମୁଣ୍ଡା । ମୟୂରଭଞ୍ଜର ଯଶୀପୁର, ସୁରିଆଗୋଡ଼ା, ରୁଆଁସି, ଇଦେଲକୁଚା, ମାରୁଡ଼ିହି, ସୁଲେଇପାଟ ଓ ବାଦାମପାହାଡ଼ । ସୁନ୍ଦରଗଡ଼ର ଦିଗଝରଣ, ମାଳିଡିହି, ଘୋଘର ଓ ଗିରିଙ୍ଗକେଲା । କୋରାପୁଟର ରଙ୍ଗାପାଣି, ଗାରିଆ ଓ ଦଶମନ୍ତପୁର । ମାଲକାନଗିରିର ସୁନାପଦର, କିୟାଙ୍ଗ ଓ *(ଶେଷ ପୃଷ୍ଠା ଦେଖନ୍ତୁ)*

## ଅସୁରକ୍ଷିତ ଗୋବରୀ ସୁରକ୍ଷା ବନ୍ଧ ରାସ୍ତା

**ମହାକାଳପଡ଼ା,୧୯।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ମହାକାଳପଡ଼ାର ରଢ଼ିଆ ଠାରୁ କଂସାର ବଡ଼ଦାଣ୍ଡୁଆ ଯାଏ ଥିବା ଗୋବରୀ ସୁରକ୍ଷା ବନ୍ଧ ରାସ୍ତା ତଟବନ୍ଧ ବିଭାଗର ଯନ୍ତ୍ରୀ ଓ ଠିକାଦାରଙ୍କ ଲେଉଟିଆ କିଆରୀ ସାଜିଛି । ପ୍ରତିବର୍ଷ ଏହି ସୁରକ୍ଷା ବନ୍ଧ ରାସ୍ତା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି । ଖୋଲା ଟେଣ୍ଡରରେ ହେଉ କି ଗୁପ୍ତ ଟେଣ୍ଡରରେ ହେଉ କେବଳ ନାମକୁ ମାତ୍ର କାମ କରାଯାଇ ବିଲ୍ କରି ଅର୍ଥ ଉଠାଇ ନିଆଯାଉଛି । ଯାହାର ପରିଣାମରେ ପ୍ରତିବର୍ଷ ଏହି ସୁରକ୍ଷା ବନ୍ଧ ରାସ୍ତା କେଉଁଠି ଧସି ଯାଉଛି ତ କେଉଁଠି ପଥର ପ୍ୟାକିଂ ଭୁଷୁଡ଼ି ପଡୁଛି । ବିଭାଗୀୟ ଉଚ୍ଚ ପଦାଧିକାରୀ -ଯନ୍ତ୍ରୀଙ୍କ ଠାରୁ ପ୍ରଶାସନିକ ଅଧିକାରୀ ଓ ଲୋକପ୍ରତିନିଧି ରାଜନେତା ମାନେ ସମସ୍ତେ ଦେଖୁଥିଲେ ମଧ୍ୟ ସମସ୍ତେ ଦେଖି ନଦେଖିଲା ଭଳି ରହୁଛନ୍ତି ଏବଂ ପ୍ରତିବର୍ଷ ନାମକୁ ମାତ୍ର କାମ କରାଯାଇ ଅର୍ଥ ହେରଫେର କରାଯାଉଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ଅନେକଙ୍କ କହିବା କଥାଯେ, ଗୋବରୀ ନଦୀର ଜୁଆର ଛାଡ଼ରେ ମୁଖ୍ୟତଃ *(ଶେଷ ପୃଷ୍ଠା ଦେଖନ୍ତୁ)*

## କଣ୍ଟାବାଞ୍ଜି ଜେଲର୍ ସସପେଣ୍ଡ

**କଟକ,୧୯।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

କର୍ତ୍ତବ୍ୟରେ ଅବହେଳା ପାଇଁ ଶେଷରେ କାର୍ଯ୍ୟାନୁଷ୍ଠାନର ଶିକାର ହୋଇଛନ୍ତି ବିବାଦୀୟ ଜେଲର ସନ୍ତୋଷିନୀ ଦାଶ । କଣ୍ଟାବାଞ୍ଜି ଉପକାରାଗାରର ଜେଲର-କମ-ସୁପରିଣ୍ଟେଣ୍ଡେଣ୍ଟ ସନ୍ତୋଷିନୀ ଦାଶଙ୍କୁ ନିଲମ୍ବନ କରାଯାଇଛି । ଚୌଦ୍ୱାରରୁ କଣ୍ଟାବାଞ୍ଜିକୁ ବଦଳି ହୋଇଥିଲେ ହେଁ ସେ କାର୍ଯ୍ୟରେ ଯୋଗ ଦେଇ ନଥିଲେ । ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ସେ ଛୁଟିରେ ଥିବା କହିଥିଲେ ମଧ୍ୟ କର୍ତ୍ତବ୍ୟରେ ଅବହେଳା ଓ ଅସଦାଚରଣ ପାଇଁ ଜେଲ୍ ଡିଜି ସୁଶାନ୍ତ ନାଥ ତାଙ୍କୁ ସସ୍‌ପେଣ୍ଡ୍ କରିଛନ୍ତି । ନିଲମ୍ବନ ସମୟରେ ତାଙ୍କର ମୁଖ୍ୟାଳୟ ସମ୍ବଲପୁର ସର୍କଲ ଜେଲ୍‌ରେ ରହିବ ।

ସନ୍ତୋଷିନୀ ଦାଶଙ୍କ ନିଲମ୍ବନ ପୂର୍ବରୁ ଗଣମାଧ୍ୟମ ସହ ଆଲୋଚନା ବେଳେ ଜେଲ୍ ଡିଜି ସୁଶାନ୍ତ ନାଥ ବିଭାଗର ଅନେକ ଅପାରଗତାକୁ ସ୍ୱୀକାର କରିଛନ୍ତି । ଡିଜି କହିଛନ୍ତି ଯେ, ରାଜ୍ୟରେ ଜଣେ ବି ଜେଲ୍ ଅଧିକାରୀ କିମ୍ବା କର୍ମଚାରୀ ପଦକ ପାଇବାକୁ ଯୋଗ୍ୟ ବିବେଚିତ ହେଉନାହାନ୍ତି । ଚଳିତ ବର୍ଷ ପ୍ରାୟ ୩୦ ଜଣ କର୍ମଚାରୀଙ୍କ ବିରୋଧରେ ବିଭିନ୍ନ ମାମଲା ଚାଲିଛି ।

ଚୌଦ୍ୱାର ଜେଲ୍‌ରେ ଜଣେ ମହିଳା କଏଦୀଙ୍କ ସୁନା ଚୋରି ହେବା ଓ ତା'ର ରଫାଦଫା ପାଇଁ ୧ ଲକ୍ଷ ୯୦ ହଜାର ଟଙ୍କା କ୍ଷତିପୂରଣ ଦିଆଯିବା ଘଟଣାରେ ଡିଜି କ୍ଷୋଭ ପ୍ରକାଶ କରିଛନ୍ତି । ତତ୍କାଳୀନ ଜେଲ୍ ଅଧୀକ୍ଷକ ରେଜିଷ୍ଟର୍ ତଦାରଖ କରିବାରେ ତ୍ରୁଟି କରିଥିଲେ ଏବଂ ଏହି ଟଙ୍କା କେଉଁ ପାଣ୍ଠିରୁ ଦିଆଗଲା, ସେ ନେଇ ତଦନ୍ତ କରାଯିବ ବୋଲି ସେ ସୂଚନା ଦେଇଛନ୍ତି ।

ଗତ ୨୦୨୪ରେ ୧୨ ଜଣ ଏବଂ ୨୦୨୫ରେ ୬ ଜଣ କଏଦୀ ଜେଲରୁ ଖସି ପଳାଇଛନ୍ତି । ଏହାକୁ ରୋକିବା ପାଇଁ ୩୪ଟି ଜେଲ୍‌ରେ ଏଆଇ ଟାୱାର ବ୍ୟବସ୍ଥା କରାଯାଉଛି । ବିଭାଗର ଗୁମର ଖୋଲିବା ସହ ଅଧିକାରୀଙ୍କ କୌଣସି ତ୍ରୁଟି ସାମ୍ନାକୁ ଆସିଲେ କଠୋର ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଡିଜି ନାଥ ଚେତାବନୀ ଦେଇଛନ୍ତି ।

## ରେଷ୍ଟୁରାଣ୍ଟରେ ଚାଲିଥିଲା ବେଧଡ଼କ ଦେହ ବ୍ୟବସାୟ
# କିଙ୍ଗପିନ୍ ସମେତ ସେକ୍ସ ର‍୍ୟାକେଟ୍‌ର ୪ ଗିରଫ

**କେନ୍ଦ୍ରାପଡ଼ା,୧୯।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡ଼ା-ଅଙ୍ଗୁଲାଇ ରାସ୍ତା କଡ଼ରେ ଥିବା ଏକ ରେଷ୍ଟୁରାଣ୍ଟରେ ଗ୍ୟାଙ୍ଗ ରେପ୍ ସାଙ୍ଗକୁ ଚାଲିଥିଲା ନିରାପଦ ଦେହ ବ୍ୟବସାୟ । ଏଠାରେ କ୍ରମାଗତ ଭାବେ ଗ୍ୟାଙ୍ଗରେପ୍ ର ଶୀକାର ହେବା ସହିତ ଗର୍ଭବତୀ ହୋଇଥିବା ଜଣେ ନାବାଳିକାର ଅଭିଯୋଗକୁ ଭିତ୍ତି କରି ସଦରଥାନା ପୋଲିସ ଏହାର ପର୍ଦ୍ଦାଫାସ କରିବା ପରେ ସମଗ୍ର ଅଂଚଳରେ ଚାଂଚଲ୍ୟ ସୃଷ୍ଟି ହୋଇଛି ।

ପୋଲିସ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ ପ୍ରାୟ ୩ମାସ ତଳେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅନ୍ତର୍ଗତ ଅରୁଆ କଦଳୀବଣ ଗ୍ରାମର ବାପି ଓରଫ ରାହୁଲ ମଲିକ ନାମକ ଜଣେ ଯୁବକ ସୋସିଆଲ ମେଡ଼ିଆରେ ନିଜକୁ କଟକ ଜିଲ୍ଲା ସାଲେପୁର ଅଂଚଳର ବୋଲି ପରିଚୟ ଦେଇ ଯାଜପୁର ଜିଲ୍ଲା ବରୀ-ରାମଚନ୍ଦ୍ରପୁର ଥାନା ଅଂଚଳର ଜନୈକା ୧୭ବର୍ଷୀୟା ଜଣେ ନାବାଳିକା ସହିତ ମିଛ ପ୍ରେମ ସଂପର୍କ ଯୋଡ଼ିଥିଲା । ପରେ ନାବାଳିକାଟିକୁ କେନ୍ଦ୍ରାପଡ଼ାରେ ଭେଟଘାଟ ହେବାକୁ ଅନୁରୋଧ କରିଥିଲା । ରାହୁଲ ଉପରେ ବିଶ୍ୱାସ କରି ନାବାଳିକା ଜଣକ କେନ୍ଦ୍ରାପଡ଼ା ଆସିବା ପରେ ରାହୁଲ ତାକୁ କେନ୍ଦ୍ରାପଡ଼ା- ଅଙ୍ଗୁଲାଇ ରାସ୍ତା କଡ଼ରେ ଥିବା ଓମ୍ ସାଇ ରେଷ୍ଟୁରାଣ୍ଟକୁ ନେଇ ଯାଇଥିଲା । ସେଠାରେ ସେ ନାବାଳିକାଟି ସହିତ ବଳପୂର୍ବକ ଦୁଷ୍କର୍ମ କରିଥିଲା । ସେହିଦିନ ରାତିରେ ରାହୁଲ ନିଜର କିଛି ସହଯୋଗୀଙ୍କୁ ଡ଼ାକିବା ସହିତ ନାବାଳିକାଟିକୁ ଗଣଦୁଷ୍କର୍ମ କରିଥିଲେ । ରାହୁଲ ଏସବୁର ଫଟୋ ଓ ଭିଡ଼ିଓ ଉତ୍ତୋଳନ କରିଥିଲା । ସେଠାରେ ନାବାଳିକାଟିକୁ ରଖି ଉତ୍ତୋଳନ କରିଥିବା ଫଟୋ ଓ ଭିଡ଼ିଓକୁ ଦେଖାଇ ତାକୁ ଦେହ ବ୍ୟବସାୟ ପାଇଁ ବାଧ୍ୟ କରିଥିଲା । ସେ ରାଜି ନହେଲେ ସମସ୍ତ ଫଟୋ ଓ ଭିଡ଼ିଓକୁ ସୋସିଆଲ ମେଡ଼ିଆରେ ଭାଇରାଲ କରିଦେବାକୁ ଧମକ ଦେଇଥିଲା ।

ଗତ ୩ମାସ ଧରି ଭୟ ଦେଖାଇ ନାବାଳିକାଟକୁ ଦିନକୁ ପାଖାପାଖି ୩୦ଜଣ ଗ୍ରାହକଙ୍କ ସହିତ ସେକ୍ସ କରିବାକୁ ବାଧ୍ୟ କରୁଥିଲା ଏବଂ ଏଥିରୁ ରାହୁଲ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରିଥିଲା । କେବଳ ସଂପୃକ୍ତା ନାବାଳିକା ଜଣକ ନୁହେଁ ପଶ୍ଚିମବଙ୍ଗରୁ ୪ଜଣ ଝିଅକୁ ଆଣି ସେହି ରେଷ୍ଟୁରାଣ୍ଟରେ ନିଜର ଦେହ ବ୍ୟବସାୟ ଚଳାଉଥିଲା । ତେବେ ନାବାଳିକାଟି କ୍ରମାଗତ ଗଣଦୁଷ୍କର୍ମର ଶୀକାର ହୋଇ ଗର୍ଭବତୀ ହେବାରୁ ତାକୁ ଛାଡ଼ି ଦେବା ସହ ଦେହ ବ୍ୟବସାୟରୁ ମୁକ୍ତି ଦେବା ପାଇଁ ସେ ରାହୁଲକୁ ଆକୁଳ ନିବେଦନ କରିଥିଲା । ଫଳରେ ରାହୁଲ ନାବାଳିକାଟିକୁ ମରଣାନ୍ତକ ମାଡ଼ ମାରିବା ସହିତ ଗତ ମଙ୍ଗଳବାର ମଧ୍ୟରାତ୍ରୀରେ ଗାଡ଼ିରେ ଆଣି କେନ୍ଦ୍ରାପଡ଼ା ବସଷ୍ଟାଣ୍ଡ ନିକଟରେ ଫିଙ୍ଗି ଦେଇ ଚାଲିଯାଇଥିଲା ।

ବସଷ୍ଟାଣ୍ଡରେ ରାତି କଟାଇବା ପରେ ବିଚାରୀ ନାବାଳିକା ଜଣକ ସାହାସ ସଂଚୟ କରି କେନ୍ଦ୍ରାପଡ଼ା ସଦର ଥାନା ପୋଲିସର ଦ୍ୱାରସ୍ଥ ହୋଇଥିଲା । ପୋଲିସ ଏହି ଘଟଣାର ତଦନ୍ତ କରି ବିଏନଏସର ଧାରା ୬୪, ୬୯, ୭୦(୨), ୭୧, ୨୯୬, ୧୨୬(୨), ୧୧୫(୨), ୩(୫), ୬ ପୋକ୍ସୋ ଆକ୍ଟ ଏବଂ ୩, ୪, ୫, ୬ ଇମୋରାଲ *(ଶେଷ ପୃଷ୍ଠା ଦେଖନ୍ତୁ)*

## ଗ୍ୟାସ୍ ଲିକ୍ ହୋଇ ଜଳିଗଲା ଘର

**କେନ୍ଦ୍ରାପଡ଼ା,୧୯।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡ଼ା ଟାଉନ୍ ଥାନା ଅନ୍ତର୍ଗତ ମହିପାଳରେ ଜଣେ ବ୍ୟକ୍ତିଙ୍କ ଘରେ ଗ୍ୟାସ ଟାଙ୍କି ଲିକ ହୋଇ ଅଗ୍ନିକାଣ୍ଡ ଘଟିଛି । ଅଗ୍ନିକାଣ୍ଡରେ ସଂଖ୍ୟାଲଘୁ ସଂପ୍ରଦାୟର ଦୁଇ ମହିଳା ଆହତ ହୋଇଛନ୍ତି । ଆହତଦ୍ୱୟ ହେଉଛନ୍ତି ଜମାଲା ଫିର୍ଦ୍ଦୋଶ ଓ ତାଙ୍କୁ ଉଦ୍ଧାର କରିବା ପାଇଁ ଯାଇଥିବା ମହିଳା ଅଫସନା ବିବି । ଉଭୟଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଜମାଲାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି । ଖବର ନେବାରୁ ଜମାଲା ଫିର୍ଦ୍ଦୋଶଙ୍କ ଘରେ ରୋଷେଇ ଚାଲିଥିବା ବେଳେ ହଠାସ ଗ୍ୟାସ ସିଲିଣ୍ଡରରୁ ଗ୍ୟାସ ଲିକ ହୋଇ ଘରର ଆସବାବପତ୍ରକୁ ନିଆଁ ଧରିଥିଲା । ଜମାଲା ଘରେ ରହି ଯାଇଥିଲେ । ଅଗ୍ନିକାଣ୍ଡରେ ଗୁରୁତର ହୋଇ ସେ ଚିତ୍କାର କରିଥିଲେ । ତାଙ୍କୁ ଉଦ୍ଧାର କରିବା ପାଇଁ ପଡୋଶୀ ଅଫସନା ବିବି ଉଦ୍ୟମ କରିଥିଲେ । ଫଳରେ ସେ ମଧ୍ୟ ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । ଏହାସହ ପାଣି ପକାଇ ନଆଁ ଲିଭାଇବାକୁ ଉଦ୍ୟମ କରିଥିଲେ । ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲା ।

# ନାବାଳିକା ଅପହରଣ ମାମଲା: ୪ ଦିନ ପରେ ବି ଟେର୍ ପାଉନି ପୁଲିସ

**ପଟ୍ଟାମୁଣ୍ଡାଇ,୧୯।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅଂଚଳରେ ଜଣେ ନାବାଳିକା ଅପହରଣ ଘଟଣାକୁ ୪ ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ହାତ ଖାଲି ରହିଛି । ପରିବାର ଲୋକେ ଦୁଃଖ ଓ ଆଶଙ୍କାରେ ରହି ନ୍ୟାୟ ପାଇଁ ଥାନାକୁ ଦୌଡ଼ି ଦୌଡ଼ି ନିରାଶ ହେଲେଣି । ଝିଅକୁ ଖୋଜି ଆଣିବା ପାଇଁ ଥାନାରେ ଗୁହାରି କରୁଥିଲେ ମଧ୍ୟ ପୋଲିସ ଅଭିଯୁକ୍ତଙ୍କ ସମ୍ପର୍କରେ କୌଣସି ଟେର ପାଉନାହିଁ । ମାତ୍ର କିଛିଦିନ ତଳେ ବନବିଭାଗ ଦ୍ୱାରା ଗିରଫ ହୋଇଥିବା ବଜ୍ରକାପ୍ତା କାଟି ଚାଲାଣକାରିକୁ ଠାବ କରିବାରେ ପୋଲିସ ଅତ୍ୟଧିକ କ୍ରୀୟାଶୀଳ ହୋଇଥିବା ବେଳେ ଅପହରଣ ନାବାଳୀକା ଉଦ୍ଧାର କରିବାରେ ପୋଲିସର ବିଫଳତାକୁ ନେଇ ଜନଅସନ୍ତୋଷ ବୃଦ୍ଧିପାଇବା ସହିତ କେନ୍ଦ୍ରାପଡା ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ପ୍ରକାଶ ଥାଉକି କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅଂଚଳର ଜଣେ ଯୁକ୍ତ ଦୁଇ ଛାତ୍ରୀ ଜାଗର ଉତ୍ସବ ଦିନ ମନ୍ଦିର ଯାଇ ଆଉ ଘରକୁ ଫେରି ନଥିଲେ । ଦୀର୍ଘ ସମୟ ଧରି ନଫେରିବାରୁ ପରିବାର ଲୋକେ ବହୁ ଖୋଜାଖୋଜି ଏବଂ ତାଙ୍କ ସମ୍ପର୍କେ ସାଙ୍ଗସାଥିଙ୍କ ଠାରୁ ଆରମ୍ଭ କରି ସମ୍ପର୍କୀୟମାନଙ୍କୁ ପଚରାଉଚରା କରିଥିଲେ । ମାତ୍ର ଝିଅର ପାତା ନମିଳିବାରୁ ରବିବାର ରାତ୍ରୀ ୯ରେ ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗରେ ଦର୍ଶାଇଥିଲେ ଯେ ଝିଅର ବୟସ ୧୭ ବର୍ଷ ହୋଇଥିବା ବେଳେ ଉଚ୍ଚତା ୫ ଫୁଟ ୨ ଇଂଚ, ଝିଅର ଶ୍ୟାମଳ ବର୍ଣ୍ଣ ହୋଇଥିବା ବେଳେ ସେ ବ୍ଲୁ ରଙ୍ଗର ଓ କଳା ରଙ୍ଗର ପ୍ୟାଂଟ ସାଟ ପିନ୍ଧିଥିଲେ । ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଏନେଇ ଏକ ମାମଲା ମଧ୍ୟ ରୁଜୁ ହେଇଛି । ପୋଲିସ ସବୁଦିନ ଥାନାକୁ ଡକାଉଥିବା ବେଳେ ଦିନ ମଜୁରିଆ ପରିବାର କାମଧନ୍ଦା ବନ୍ଦ କରି ଥାନାରେ ଡୋରା ପକାଇ ଫେରୁଥିବା ତାଙ୍କ ବାପା କହିଛନ୍ତି । ସେ କୁହନ୍ତି ବିଭିନ୍ନ ଗଣମାଧ୍ୟମରୁ ମିଳୁଥିବା ଖବରରେ ନିଖୋଜ ମାମଲା ବଢିଚାଲିଥିବା ବେଳେ ଅଧିକାଂଶ ୧୨ ରୁ ୧୮ ବର୍ଷ ବୟସର ମଧ୍ୟର ନାବାଳିକା ନାବାଳକଥିବା ଖବରରୁ ଜଣା ପଡୁଛି । ଝିଅ ଏତେ ଦିନ ହେଲା ନିଖୋଜ ଅଛି । କଣ କରୁଥିବ କିପରି ଥିବ ବୋଲି ବହୁ ରକମର ଚିନ୍ତା ପସୁଛି । ଅପହରଣ କାରିଙ୍କ ଅନ୍ୟାନ୍ୟ ଅପରାଧିକ କାର୍ଯ୍ୟକଳାପର ଆଶଙ୍କା ମଧ ଥାଇପାରେ ବୋଲି ମନ ବ୍ୟାଥିତ ହେଉଛି । ଆଶ୍ଚର୍ଯ୍ୟଜନକ କଥା ଯେ ଝିଅ ନିଖୋଜ ୪ ଦିନ ବିତି ଯାଇଥିଲେ ମଧ ପୋଲିସ ଖୋଜି ପାରୁନାହିଁ । ଯାହାକୁ ନେଇ ପାରିବାରରେ ରୋଷେଇବାସ ବନ୍ଦ ହୋଇଯାଇଛି ବୋଲି ସେ କହିଛନ୍ତି । ଅନ୍ୟ ପକ୍ଷରେ ସ୍ଥାନୀୟ ଅଂଚଳର ବୁଦ୍ଧିଜୀବୀମାନେ କହିବା ଅନୁଯାଇ ଗତ କିଛିଦିନ ତଳେ ବଜ୍ରକାପ୍ତା କାଟି ଚାଲାଣ ମାମଲାରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅଂଚଳରୁ ବନବିଭାଗ ଦ୍ୱାରା ୩ ଜଣ ଗିରଫ ହୋଇଥିଲେ । ଏହି ଘଟଣାକୁ ନେଇ କାଟିଚାଲାଣକାରୀଙ୍କ ପରିବାର ପକ୍ଷରୁ ଥାନାରେ ଜଣାଇବା ମାତ୍ରେ ପୋଲିସ ଅତ୍ୟଧିକ କ୍ରୀୟାଶୀଳ ହୋଇ କିଛି ସମୟ ମଧ୍ୟରେ ତାଙ୍କୁ ବନବିଭାଗ କ୍ୟାମ୍ପରୁ ଠାବ କରିଥିଲେ । ୩ ଜଣଙ୍କୁ ମୋ ଥାନା ଏରିଆରୁ ଉଠାଇବା ପୂର୍ବରୁ ଓ ପରେ କାହିଁକି ଜଣାଇଲନି ବୋଲି ପ୍ରଶ୍ନ କରିଥିଲେ । ଯାହାକୁ ନେଇ ବିଭିନ୍ନ ଗଣମାଧ୍ୟରେ ବନବିଭାଗ ଓ ପଟ୍ଟାମୁଣ୍ଡାଇ ପୋଲିସର ଖବର ପ୍ରକାଶ ପାଇଥିଲା । ମାତ୍ର ଜଣେ ନାବାଳୀକା ଅପହରଣକୁ ୪ ଦିନ ବିତିଯାଇଥିଲେ ମଧ୍ୟ ପୋଲିସର ହାତ ଖାଲିଥିବାକୁ ନେଇ କେନ୍ଦ୍ରାପଡା ପୋଲିସର କାର୍ଯ୍ୟଦକ୍ଷତା ଉପରେ ଜନସାଧାରଣଙ୍କ ମଧ୍ୟରେ ପ୍ରଶ୍ନ ଉଠିଛି ବୋଲି ସେ କହିଛନ୍ତି ।

## ବୋଟରେ ନିଯୁକ୍ତି ପାଇଥିବା ଖଲାସୀ ଡ୍ୟୁଟି ନକରି ୬ମାସର ଦରମା ନେଇଗଲେ !

**ରାଜନଗର,୧୯।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ଅଧୀନରେ ୪ଟି ଓ ତହସିଲ କାର୍ଯ୍ୟାଳୟ ଅଧିନରେ ୪ଟି ବୋଟ ରହିଛି । ବନ୍ୟା ବାତ୍ୟା ବିପର୍ଯ୍ୟୟ ସମୟରେ ଏଗୁଡିକୁ ପ୍ରଶାସନ ବ୍ୟବହାର କରିଥାଏ । ଏଥିପାଇଁ ୨୦୨୫ ମସିହାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଚିଠି ନଂ- ୧୯୬୭ରେ ଜିଲ୍ଲାରେ ୩୧ଜଣ ଖଲାସୀ ଅସ୍ଥାୟୀ ନିଯୁକ୍ତି ପାଇଥିଲେ । ସେଥିମଧ୍ୟରୁ ରାଜନଗର ବ୍ଲକରେ ୪ଜଣ ଖଲାସୀ ନିଯୁକ୍ତି ପାଇଥିବା ବେଳେ ତହସିଲ କାର୍ଯ୍ୟାଳୟରେ ୪ଜଣ ଖଲାସୀଙ୍କୁ ନିଯୁକ୍ତି ଦିଆଯାଇଥିଲା । ବ୍ଲକରେ ନିଯୁକ୍ତି ପାଇଥିବା ୪ଜଣ ଖଲାସୀ ଯୋଗଦେବା ପରେ ବ୍ଲକ ମୁଖ୍ୟାଳୟରେ ଉପସ୍ଥିତ ରହିବା କଥା । ମାତ୍ର ସେମାନେ ଯୋଗ ଦେବା ପରେ ବ୍ଲକ ମୁଖ୍ୟାଳୟକୁ ଆସିନଥିବା ଅଭିଯୋଗ ହେଉଛି । ଏହି ଖଲାସୀମାନେ ଅନୁପସ୍ଥିତ ଥିବା ବେଳେ ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ସେମାନଙ୍କୁ ମାସିକ ୧୨ ହଜାର ୬ ଶହ ଟଙ୍କା ଲେଖାଏଁ (ଜୁନ ମାସରୁ ନଭେମ୍ବର ମାସ ପର୍ଯ୍ୟନ୍ତ) ୬ ମାସର ଦରମା ଦିଆଯାଇଥିବା ଅଭିଯୋଗ ହେଉଛି । ଅପରପକ୍ଷରେ ତହସିଲ ଅଧୀନରେ ଥିବା ବୋଟ ପାଇଁ ନିଯୁକ୍ତି ପାଇଥିବା ଖଲାସୀମାନଙ୍କୁ ତହସିଲଦାର ତହସିଲ କାର୍ଯ୍ୟାଳୟରେ କାର୍ଯ୍ୟ କରାଇଥିବା ବେଳେ ବ୍ଲକ ଅଧୀନରେ କାର୍ଯ୍ୟରତ ଖଲାସୀମାନେ କିପରି ଅନୁପସ୍ଥିତ ରହି ଦରମା ଲୁଟି ନେଲେ ଯାହା ତଦନ୍ତ ସାପେକ୍ଷ । ବ୍ଲକ କାର୍ଯ୍ୟାଳୟରେ ବାତ୍ୟା ଓ ବନ୍ୟା ସମୟରେ ସରକାରଙ୍କ ପକ୍ଷରୁ ଆସିଥିବା ଲକ୍ଷ ଲକ୍ଷ ଟଙ୍କାର ଅନୁଦାନ ହଡପ କରାଯାଇଥିବା ବେଳେ ଅନୁପସ୍ଥିତ ଥିବା ଖଲାସୀମାନଙ୍କୁ ଅନୁଗ୍ରହ ଦେଖାଇ ହଜାର ହଜାର ଟଙ୍କା ଦରମା ଦିଆଗଲା କିପରି ? ବ୍ଲକ *(ଶେଷ ପୃଷ୍ଠା ଦେଖନ୍ତୁ)*

## ପ୍ରଥମ ଦିନରେ ମାଟ୍ରିକ ପରୀକ୍ଷା ଦେବାକୁ ଆସିଲେନି ୨୭୨ ପିଲା

**କେନ୍ଦ୍ରାପଡ଼ା,୧୯।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ଜିଲାର ୧୦୭ଟି ପରୀକ୍ଷା କେନ୍ଦ୍ରରେ ଆଜି ଓଡିଆ ବିଷୟରେ ପରୀକ୍ଷା ଦେଇଛନ୍ତି ୧୯ହଜାର ୪୭୨ଜଣ ଛାତ୍ରଛାତ୍ରୀ । ୧୯ହଜାର ୩୦୧ଜଣ ଆଜି ବାର୍ଷିକ ମାଟ୍ରିକ ପରୀକ୍ଷାର ମାତୃଭାଷା ଓଡିଆ ବିଷୟରେ ପରୀକ୍ଷା ଦେବାକୁ ଥିବା ବେଳେ ସେଥିମଧ୍ୟରୁ ୧୯,୦୨୯ଜଣ ପରୀକ୍ଷା ଦେଇଥିବା ବେଳେ ୨୭୨ଜଣ ଅନୁପସ୍ଥିତ *(ଶେଷ ପୃଷ୍ଠା ଦେଖନ୍ତୁ)*

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୨୦ ଫେବୃଆରୀ ୨୦୨୬ । ଶୁକ୍ରବାର




# ମିଳିଲା ନିଖୋଜ ଯୁବକର ମୃତଦେହ

**ଘୁ.ଉଦୟଗିରି: ଏକ୍ସପ୍ରେସ ନ୍ୟୁଜ୍**

ସ୍ଥାନୀୟ ବ୍ଲକ ଅନ୍ତର୍ଗତ କଳିଙ୍ଗା ଡୁଗୁଡିପାରୀ ଜଙ୍ଗଲକୁ ପରିବାର ସହିତ ଜାଳେଣି କାଠ ଆଣିବାକୁ ଯାଇ ନିଖୋଜ ହୋଇଯାଇଥିବା ଯୁବକ ସଚ୍ଚିନ୍ଦ୍ରର ମୃତ ଦେହ ଏକ ଚୁଆ ପାଣିରେ ଭାସୁଥିବା ଅବସ୍ଥାରେ ମିଳିଥିବା ବେଳେ ଦେହରେ ପୋଷାକ ନଥିବା ଦେଖିବାକୁ ମିଳିଛି। ପାରିପାର୍ଶ୍ୱିକ ସ୍ଥିତିକୁ ଲକ୍ଷ୍ୟ କରି ପୋଲିସ ପକ୍ଷରୁ ଅପମୃତ୍ୟୁ ମାମଲା ରୁଜୁ କରିବା ସହିତ, ମୃତ ଦେହକୁ ବ୍ୟବଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ବିବରଣୀରୁ ପ୍ରକାଶ ଯେ ଶୁକ୍ରବାର ମଧ୍ୟାହ୍ନରେ କଳିଙ୍ଗା ଡୁଗୁଡିପାରୀ, ଦୋକାନ ସାହିର ସଚ୍ଚିନ୍ଦ୍ର କଂହର, ସ୍ତ୍ରୀ ଆଲିମା କଂହର ଏବଂ ଝିଅ ମିଶି ନିକଟସ୍ଥ ଜଙ୍ଗଲକୁ ଜାଳେଣି କାଠ ଆଣିବାକୁ ଯାଇଥିଲେ। ଜାଳେଣି କାଠ ଗୋଟାଗୋଟି କରି ବିଡା ବାନ୍ଧି ଘରକୁ ବାହାରିଲା ବେଳକୁ ସ୍ୱାମୀ ସଚ୍ଚିନ୍ଦ୍ର ଉପରୁ କିଏ ଡାକୁଛି ତାକୁ ଭେଟିକି ଆସୁଛି ବୋଲି କହି ଗଲେ, କିନ୍ତୁ ଆଉ ଫେରି ନଥିଲେ। ସ୍ତ୍ରୀ ଓ ଝିଅ ବହୁ ସମୟ ଜଙ୍ଗଲରେ ଜଗି ଶେଷକୁ ଘରକୁ ଫେରିଲେ। ତାପରେ ଖୋଜାଖୋଜି କରିବା ପରେ କୌଣସି ଖବର ନପାଇ ସୋମବାର ଦିନ ସ୍ତ୍ରୀ ଆଲିମା କଂହର ଘୁ.ଉଦୟଗିରି ଥାନାରେ ଜଣାଇଥିଲେ। ଘୁ.ଉଦୟଗିରି ଥାନା ଅଧିକାରୀ ବିଜୟ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ୧୪ ଜଣିଆ ଟିମ ସମ୍ପୃକ୍ତ ଜଙ୍ଗଲରେ ଦୁଇଦିନ ଧରି ଖୋଜା ଖୋଜି ଚଳାଇବା ସହିତ ଅଧିକ ଅନୁସନ୍ଧାନ ଚଳାଇଥିଲେ। ଶେଷରେ ସଚ୍ଚିନ୍ଦ୍ରଙ୍କ ମୃତ ଶରୀର ଚୁଆ ପାଣିରେ ଭାସୁଥିବା ଖବର ଶୁଣି ପରିବାର ଲୋକେ ଭାଙ୍ଗି ପଡିଥିବା ବେଳେ ସଚ୍ଚିନ୍ଦ୍ରଙ୍କ ତିନି ସନ୍ତାନ ସ୍ତ୍ରୀ ଏବଂ ବାପା ମାଙ୍କ ଆଖିରୁ ଏବେ ଲୁହ ଶୁଖୁନି।

# ଉନ୍ନତିମୂଳକ କାମରେ ବାଧା



**ଖଲ୍ଲିକୋଟ: ଏକ୍ସପ୍ରେସ ନ୍ୟୁଜ୍**

ଗୁରୁବାର ୧୧ଘଣ୍ଟା୩୦ମିନଟ ସମୟରେ ଆଇତିପୁର ପଞ୍ଚାୟତର ପ୍ରାୟ ୧୦୦ଜଣ ଯୁବ କର୍ମୀମାନେ ଖଲ୍ଲିକୋଟ ବ୍ଲକ କାର୍ଯ୍ୟାଳୟ ପରିଷରରେ ମେଳିବାନ୍ଧି ସ୍ଥାନୀୟ ବିଡ଼ିଓ ଦେବାଶିଷ ସାମଲଙ୍କ ପାଖରେ ଉନ୍ନତି ମୂଳକ କାର୍ଯ୍ୟରେ ବାଧା ଯୋଗୁଁ ଅଭିଯୋଗ କରିଥିଲେ। ଆଇତିପୁର ସରପଞ୍ଚଙ୍କ ପ୍ରତିନିଧି ଡାକ୍ତର ତରେଇଙ୍କ ନେତୃତ୍ୱରେ କର୍ମୀମାନେ ଅଭିଯୋଗ କରିଥିଲେ ଯେ ବ୍ଲକର ସରକାରୀ କର୍ମଚାରୀମାନେ ପଞ୍ଚାୟତର ଚାରି ପାଞ୍ଚ ଜଣ ଦଲାଲ ସହ ଆମ୍ଭ ୧୧ନମ୍ବର ଜୋନର ବିଜେପିର ଜଣେ ରାଜ୍ୟ କର୍ମକର୍ତ୍ତା ତଥା ପଞ୍ଚାୟତରାଜ ସଭ୍ୟଙ୍କ କଥା ଶୁଣି ଦୀର୍ଘ ଏକ ବର୍ଷ ହେଲା ଉନ୍ନତି ମୂଳକ କାର୍ଯ୍ୟ କରାଇଦେଉନାହାନ୍ତି। ଏକମାସ ହେଲା ପଞ୍ଚାୟତରେ ଆମ୍ଭେ କାର୍ଯ୍ୟ ଗୁଡିକୁ ଆରମ୍ଭ କରିବାରୁ ବ୍ଲକ ଅଫିସରେ ବିଭିନ୍ନ ମଥ୍ୟା ଅଭିଯୋଗ କରି କାମ ଗୁଡିକୁ ବନ୍ଦ କରିଛନ୍ତି। ମିଥ୍ୟା ଅଭିଯୋଗ ହେଲା ଯେଉଁ ଜାଗାରେ କାମ ହେଉଛି ତାହା ବେସରକାରୀ ଜାଗା, ଭଲ କାମହେଉନାହିଁ, ଲୋକମାନେ ଚାହୁଁନାହାନ୍ତି ଆଳ ଦେଖାଇ କାମ ବନ୍ଦ କରୁଛନ୍ତି, ଯେଉଁ ନେତା ଓ ପଞ୍ଚାୟତର ଚାରି ପାଞ୍ଚ ଜଣ ମିଶି ବନ୍ଦ କରୁଛନ୍ତି ସେମାନେ ବିଜେପି ବିଧାୟକ ଗୋଷ୍ଠିର। ସେହି ନେତା ଗତ ୧୦ତାରିଖ ଦିନ ବିଧାୟକଙ୍କ ସାଙ୍ଗରେ ଯୋଜନା କରି ସେହି ୧୧ନମ୍ବର ଜୋନର କିଛି ସରପଞ୍ଚ ଓ ସମିତି ସଭ୍ୟଙ୍କୁ ବିଜେଡିରୁ ନେଇ ବିଜେପିରେ ମିଶାଇବା ପାଇଁ ସମୟ ତାରିଖ ଧାର୍ଯ୍ୟ କରିଥିଲେ, କିନ୍ତୁ କୌଣସି କାରଣଯୋଗୁଁ ଶିଶୁପାଳ ହୋଇଗଲେ। ଉକ୍ତ ପଞ୍ଚାୟତର ସମିତି ସଭ୍ୟ, ୱାର୍ଡ ସଭ୍ୟ, ନ୍ୟାୟସରପଞ୍ଚ ଓ ମୁଖିଆ ଲୋକମାନଙ୍କ ସମେତ କିଛି ମହିଳା ଲୋକ ଏହି ଅଭିଯୋଗରେ ଯୋଗ ଦେଇଥିଲେ। ଶେଷରେ ବିଡ଼ିଓ ମହାଶୟ ସବୁ ଅଭିଯୋଗ ଶୁଣି ପଞ୍ଚାୟତରେ ଉନ୍ନତି ମୂଳକ ସବୁ କାମ ଚାଲୁ କରିବା ପାଇଁ ମୌଖିକ ପ୍ରତିଶୃତି ଦେଲେ। ବର୍ତ୍ତମାନ ସମୟରେ କୁଆଡର ପାଣି କୁଆଡେ ଯାଉଛି ଦେଖାଯାଉ।

# ବିଭିନ୍ନ ଦାବି ନେଇ ଛଦେଶ ବିକାଶ ପରିଷଦ ପକ୍ଷରୁ ରାସ୍ତାରୋକ

**ଢେଙ୍କାନାଳ: ଏକ୍ସପ୍ରେସ ନ୍ୟୁଜ୍**



ଢେଙ୍କାନାଳ ଜିଲ୍ଲା ସଦର ବ୍ଲକର ଶହଶହ ଛଦେଶବାସୀ ଭାପୁରଠାରେ ରାସ୍ତାରୁ ସଂପୂର୍ଣ୍ଣ ବନ୍ଦ କରି ଦେଇଥିଲେ। ଛଦେଶ ବ୍ଲକ ହେବା ପାଇଁ ଜୋରଦାର ଆନ୍ଦୋଳନ। ହକ ପାଇଁ ଲଢେଇ, ଲଢ଼ିଲୁ ହାସଲ କରିବୁ, ପୁଣି ଲଢ଼ିବୁ ଆଉ ଜିତିବୁ, ଏ ଲଢେଇ ଆମେ ଜିତିବା ପର୍ଯ୍ୟନ୍ତ ଜାରି ରହିବ। ଢେଙ୍କାନାଳ ଜିଲ୍ଲାର ଭାପୁର ଅଞ୍ଚଳକୁ ଛଦେଶ ବ୍ଲକ ମାନ୍ୟତା ଦେବା ଦାବିରେ ସ୍ଥାନୀୟ ଅଞ୍ଚଳର ଲୋକମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସ୍ଥାନୀୟ ଅଞ୍ଚଳର ୧୨ଟି ପଞ୍ଚାୟତର ବାସିନ୍ଦା ଦୀର୍ଘଦିନ ହେଲା ତାଙ୍କ ଅଞ୍ଚଳକୁ ଛଦେଶ ବ୍ଲକ ଭାବେ ଘୋଷଣା କରି ଆସୁଥିଲେ ମଧ ପ୍ରଶାସନିକ ଓ ରାଜନୈତିକସ୍ତରରେ ଗୁରୁତ୍ୱ ଦିଆଯାଉନାହିଁ। ଫଳରେ ଏହି ଅଞ୍ଚଳର ଲୋକମାନେ ଭାପୁର ଛକରେ ରାସ୍ତା ଉପରେ ଧାରଣା ଦେଇଥିଲେ। ପୁରୁଣା କଟକ ସମ୍ବଲପୁର ରାସ୍ତାର ଭାପୁର ଛକରେ ରାସ୍ତା ଅବରୋଧ ଯୋଗୁଁ ଏହି ରାସ୍ତାରେ ଦୀର୍ଘ ୫ଘଣ୍ଟା ଧରି ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ଠପ ହୋଇଯାଇଥିଲା। ଘଟଣାସ୍ଥଳରେ ପୋଲିସ ଫୋର୍ସ ସହିତ ପୋଲିସ ଅଧିକାରୀମାନେ ଡେରା ପକାଇଥିଲେ। ଆନ୍ଦୋଳନକାରୀଙ୍କ ଅଭିଯୋଗ ହେଲା ଢେଙ୍କାନାଳ ଜିଲ୍ଲାର ଓଡ଼ପଡା ବ୍ଲକ ଅଧୀନରେ ଘଟିପିରି କଳାଙ୍ଗ ଆଦି ୪ ପଞ୍ଚାୟତ ରହିଥିବା ବେଳେ ଭାପୁର, ଚନ୍ଦ୍ରଶେଖର ପ୍ରସାଦ ଆଦି ୮ପଞ୍ଚାୟତ ସଦର ବ୍ଲକ ଅଧୀନରେ ରହିଛି। ଫଳରେ କୌଣସି କାମ ପଡିଲେ ଲୋକଙ୍କୁ ଅନ୍ୟୁନ ୧୫/୨୦କିଲୋମିଟର ଦୂର ଯିବାକୁ ପଡୁଛି। ଏହାସହିତ ଏହି ଅଞ୍ଚଳର ଗୁରୁତ୍ୱ ବଢିଥିବାବେଳେ ପୋଲିସ ଥାନା, ଦମକଳ କେନ୍ଦ୍ର ଓ ତହସିଲ ଆଦି ଅତି ଜରୁରୀ ରହିଛି। ତେଣୁ ଏହି ଛଦେଶ ଅଞ୍ଚଳକୁ ବ୍ଲକ ମାନ୍ୟତା ଦେବା ପାଇଁ ଅଡ଼ି ବସିଥିଲେ। ପରେ ଢେଙ୍କାନାଳ ତହସିଲଦାର ଓ ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପହଞ୍ଚି ଆଲୋଚନା କରିବା ସହିତ ସେମାନଙ୍କ ଦାବିକୁ ଜିଲ୍ଲା ପ୍ରଶାସନ ପାଖରେ ଜଣାଇ ଏକ ମାସ ସମୟ ମହଲତ ନେବା ପରେ ଆନ୍ଦୋଳନକାରୀମାନେ ଆନ୍ଦୋଳନରୁ ହଟି ଥିଲେ। ଫଳରେ ଦିନ ୨ଟା ସମୟରେ ରାସ୍ତାରେ ସଧାରଣ ଯାତାୟାତ ସ୍ୱାଭାବିକ ହୋଇଥିବା ଜଣାପଡିଛି। ଛଦେଶ ବ୍ଲକ ଗଠନ ମୁଖ୍ୟ ଦାବି ଥିବାବେଳେ ଅଞ୍ଚଳର ଉନ୍ନତି ତଥା ଭାପୁର ଫାଣ୍ଡି ଥାନାରେ ପରିଣତ କରିବା। ଦମକଳ କେନ୍ଦ୍ର ସ୍ଥାପନ, ଚିକିତ୍ସାଳୟରେ ବିଭିନ୍ନ ଚିକିତ୍ସା ସୁବିଧା ଆଦି ଦାବିଗୁଡିକୁ ନେଇ ବନ୍ଦ କରାଯାଇଥିଲା। ଜିଲ୍ଲାପ୍ରଶାସନ ପକ୍ଷରୁ ଶାନ୍ତିଶୃଙ୍ଖଳା ପାଇଁ ବ୍ୟାପକ ପୋଲିସ୍ ମୁତୟନ କରାଯାଇଥିଲା। ଶେଷରେ ଅତିରିକ୍ତ ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏସଡିପିଓ ଏବଂ ପୋଲିସ ଅଧିକାରୀମାନେ ମଧ ଉପସ୍ଥିତ ଥିଲେ।

# ଅଫିସ ରୁମ୍‌ରେ ପିଅନଙ୍କ ଝୁଲନ୍ତା ମୃତଦେହ

**ନନ୍ଦପୁର: ଏକ୍ସପ୍ରେସ ନ୍ୟୁଜ୍**

କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ ବିଲାପୁଟ ପଞ୍ଚାୟତର ଜବାଗଡ଼ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଅଫିସ ରୁମ୍‌ରୁ ଗୁରୁବାର ସକାଳେ କାର୍ଯ୍ୟରତ ପିଅନ (ସିସିଏ) ଶିବା ନାୟକ (୪୦)ଙ୍କ ଝୁଲନ୍ତା ଅବସ୍ଥାରେ ମୃତଦେହ ଜବତ ହୋଇଛି। ବିଦ୍ୟାଳୟ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ଖୋସଲା ଓ ସ୍ତ୍ରୀ ସୁମିତ୍ରା ନାଇକାମଙ୍କ ଏତଲା ପ୍ରକାରେ ମାଛକୁଣ୍ଡ ଥାନା ପୋଲିସ ଅପମୃତ୍ୟୁ ମାମଲା ୧/୨୦୨୬ରେ ରୁଜୁ କରି ମୃତଦେହ ଉଦ୍ଧାର କରି ଲମତାପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିବା ଥାନାଧିକାରୀ କୁଳମଣି ବୁରୁଦା ସୂଚନା ଦେଇଛନ୍ତି।

ପ୍ରାଥମିକ ତଦନ୍ତରୁ କିଛି ପାରିବାରିକ ବିଶୃଙ୍ଖଳା ଯୋଗୁ ସିସିଏ ଶିବା ୪/୫ ଦିନ ହେଲା ଘରକୁ ନଯାଇ ଛାତ୍ରାବାସରେ ବସବାସ କରୁଥିଲେ। ବୁଧବାର ରାତି ଛାତ୍ରାବାସର ସମସ୍ତ କାର୍ଯ୍ୟସାରି ଅଫିସ ରୁମ୍ ଫ୍ୟାନ୍‌ରେ ଲୁଙ୍ଗି ଦ୍ୱାରା ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ମୃତଦେହ ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଆଇଆଇସି ବୁରୁଦା କହିଛନ୍ତି। ଘଟଣା ପ୍ରତି ଦୃଷ୍ଟି ରଖିଥିବା ନନ୍ଦପୁର ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ନଗେନ ତ୍ରିପାଠୀ ସୂଚନା ଦେଇଛନ୍ତି।

# ସ୍କର୍ପିଓ ଧକ୍କାରେ ସାଇକେଲ ଆରୋହୀ ମୃତ



**ରେଢ଼ାଖୋଲ: ଏକ୍ସପ୍ରେସ ନ୍ୟୁଜ୍**

ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଅନ୍ତର୍ଗତ ଚାରମାଳ ଥାନା ଅଧୀନ ସାଇ ମନ୍ଦିର ସମ୍ମୁଖରେ ଏକ ସ୍କର୍ପିଓ ଧକ୍କାରେ ସାଇକେଲ ଆରୋହୀ ମୃତ୍ୟୁ ହୋଇଯାଇଛି। ମୃତ ସାଇକେଲ ଆରୋହୀ ଜଣକ ହେଲେ ମୋଚିବାହାଲ ପଞ୍ଚାୟତ ବାଗଦୁଲି ଗ୍ରାମର ବାସିନ୍ଦା ପେଟୁ ଶବର। ସୂଚନା ଯୋଗ୍ୟ ଯେ ସମ୍ବଲପୁର କଟକ ୫୫ନଂ ଜାତୀୟ ରାଜପଥର ଚାରମାଳ ସାଇ ମନ୍ଦିର ସମ୍ମୁଖରେ ମଙ୍ଗଳବାର ରାତି ୯ଟା ୪୦ ମିନିଟ ସମୟରେ ଏକ ସ୍କର୍ପିଓ ଗାଡ଼ି ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ହୋଇଛି। ଏଥିରେ ଉକ୍ତ ସାଇକେଲ ଆରୋହୀ ଜଣଙ୍କ ସାଇକେଲ ଯୋଗେ ଜାତୀୟ ରାଜପଥ ଅତିକ୍ରମ କରୁଥିବା ସମୟରେ ମେରାମେଣ୍ଡୁଳୀରୁ ଝାରସୁଗୁଡ଼ା ଯାଉଥିବା ଏକ ସ୍କର୍ପିଓ ଗାଡ଼ି ଦୃତ ଗତିରେ ଆସି ଧକ୍କା ଦେଇଥିଲା। ଫଳରେ ସାଇକେଲ ଆରୋହୀ ଜଣକ ରାସ୍ତା ଉପରେ ଛିଟିକି ହୋଇ ପଡ଼ିଥିଲେ। ଖବରପାଇ ଘଟଣାସ୍ଥଳରେ ଆମ୍ବୁଲାନ୍ସ ସେବା ପହଞ୍ଚି ଉଦ୍ଧାର କରି ରେଢ଼ାଖୋଲ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେପଟେ ଚାରମାଳ ପୋଲିସ ସ୍କର୍ପିଓକୁ ଜବତ କରିବା ସହ ଚାଳକକୁ ଅଟକ ରଖିଥିବା ସୂଚନା ମିଳିଛି।

# ମନମାନୀରେ ଚାଲିଛି ଅଙ୍ଗନବାଡି କେନ୍ଦ୍ର

**ମାହାଙ୍ଗା: ଏକ୍ସପ୍ରେସ ନ୍ୟୁଜ୍**

ସରକାରଙ୍କ ପକ୍ଷରୁ କୁନି କୁନି ପିଲାମାନଙ୍କ ପାଠ ପଢାଇବା ନିମନ୍ତେ ଅଙ୍ଗନବାଡି କେନ୍ଦ୍ର ଖୋଲାଯାଇଛି। ଏହି ପିଲାମାନଙ୍କୁ ଗୀତ, ନାଚ ଓ ଖେଳନା ମାଧ୍ୟମରେ ପଢା ଯାଇଥାଏ। କିନ୍ତୁ କେତେକ କେନ୍ଦ୍ରମାନଙ୍କରେ ନିଯୁକ୍ତ ଅଙ୍ଗନବାଡି କର୍ମୀ ଓ ସହାୟିକା ସଠିକ୍ ସମୟରେ ଦେଖା ମିଳୁନାହାନ୍ତି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି କଟକ ଜିଲ୍ଲା ମାହାଙ୍ଗା ବ୍ଲକ ପଲ୍ଲିସାହି ପଞ୍ଚାୟତ ତୁଳସୀପୁର ଅଙ୍ଗନବାଡି କେନ୍ଦ୍ରରେ। ସରକାରଙ୍କ ନିୟମ ଅନୁଯାୟୀ କେନ୍ଦ୍ରଗୁଡିକ ସକାଳ ୯ଟାରେ ଖୋଲିବା ସହ ଅପରାହ୍ନ ୧ଟା ସମୟରେ ବନ୍ଦ ହୋଇଥାଏ। କିନ୍ତୁ ଏହି କେନ୍ଦ୍ରରେ ନିଯୁକ୍ତ ଅଙ୍ଗନବାଡି କର୍ମୀ ଓ ସହାୟିକା ୯ଟା ୫୫ ପର୍ଯ୍ୟନ୍ତ କେନ୍ଦ୍ରକୁ ଆସିନଥିଲେ ଯାହା ଫଳରେ ୯ଟା ୫୫ ପର୍ଯ୍ୟନ୍ତ କେନ୍ଦ୍ରରେ ତାଲା ଝୁଲିଥିବା ଦେଖିବାକୁ ମିଳିଛି। ଯାହାକି ସରକାରଙ୍କ ନିୟମକୁ ଉଭୟ ଫୁ କରିଦେଇଛନ୍ତି। ସେହିପରି ପିଲାମାନଙ୍କ ପାଠପଢା ଓ କିପରି ଖାଦ୍ୟ ଖାଇବାକୁ ଦେଉଥିବେ ତଦନ୍ତ କଲେ ଜଣାପଡିବ। ଏ ନେଇ କେନ୍ଦ୍ର ଦାୟିତ୍ୱରେ ଥିବା ସୁପରଭାଇଜର କିପରି ତଦନ୍ତ କରୁଛନ୍ତି ତାହାକୁ ନେଇ ବଡ ପ୍ରଶ୍ନ ଉଠିଛି। ସେହିପରି ଏ ସଂପର୍କରେ ସିଡିପିଓ ଗରୁବାରୀ ସିଂହଙ୍କୁ ଯୋଗାଯୋଗ କରିବାରୁ ଯଦି କୌଣସି ଅଙ୍ଗନବାଡି କର୍ମୀ କିମ୍ବା ସହାୟିକା କାର୍ଯ୍ୟରେ ଅବହେଳା କରିଛନ୍ତି। ଏନେଇ ମୁଁ ମୋ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଜଣାଇବି। ତଦନ୍ତ ପରେ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।

# ବାଇକରୁ ପଡ଼ି ଦୁଇ ଛାତ୍ର ଆହତ

**ଗଜପତି: ଏକ୍ସପ୍ରେସ ନ୍ୟୁଜ୍**

ମାଳିୟାରା ଓ ପୁଡ଼ଇଡା ଗ୍ରାମ ନିକଟରେ ସଡ଼କ ଦୁର୍ଘଟଣା। ପରୀକ୍ଷା ଦେବାକୁ ଯିବା ବେଳେ ବାଇକ୍ ଦୁର୍ଘଟଣାରେ ଛାତ୍ର ଆହତ ହୋଇଛନ୍ତି। ସେମାନଙ୍କୁ ଆମ୍ବୁଲାନ୍ସ ଯୋଗେ ଗୁମ୍ମା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁସାରେ, ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ଅନ୍ତର୍ଗତ ବାଦୀଡ଼ି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଦୁଇ ଛାତ୍ର ଲେକାଶ ଶବର ଓ ରୁହିତ ରଇତ ଗୁମ୍ମା ସରକାରୀ ଉଚ୍ଚ ବିଦ୍ୟାଳୟକୁ ପରୀକ୍ଷା ଦେବା ପାଇଁ ବାଇକରେ ଯାଉଥିଲେ। ଏହି ସମୟରେ ହଠାତ୍ ମାଳିୟାରା ଓ ପୁଡ଼ଇଡା ଗ୍ରାମ ନିକଟରେ ବାଇକ ସ୍ଲିପ ହୋଇ ହୋଇ ଦୁର୍ଘଟଣା ହୋଇଥିଲା। ବାଇକରୁ ପଡ଼ି ଦୁଇ ଛାତ୍ର ମଧ୍ୟରୁ ଜଣକର ହାତ ଭାଙ୍ଗିଯାଇଥିବା ବେଳେ ଆଉ ଜଣଙ୍କ ମୁହଁରେ ସାଙ୍ଘାତିକ ଭାବରେ ମାଡ଼ ହୋଇଛି। ଆଖ ପାଖରେ ଥିବା ଗ୍ରାମର ଲୋକମାନେ ଦୁଇ ଛାତ୍ର ବାଇକରୁ ପଡିଥିବା ଦେଖି ତୁରନ୍ତ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଗୁମ୍ମା ଚିକିତ୍ସାଳୟକୁ ପଠାଇଛନ୍ତି। ବର୍ତ୍ତମାନ ଦୁଇ ଛାତ୍ରଙ୍କ ପରୀକ୍ଷାକୁ ନେଇ ଏବଂ ତାଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିଛନ୍ତି ପରିବାର ବର୍ଗ।

# ବେଆଇନ ବାଲି ଚୋରା ଚାଲାଣ

**ନିଆଳି: ଏକ୍ସପ୍ରେସ ନ୍ୟୁଜ୍**



କନ୍ଦଳ ନଦୀର ପୋଲୋସରା ବାଲି ଘଟ ସିମା ଠାରୁ ଅଧିକ ବେଆଇନ ବାଲି ଚୋରାଚାଲାଣ ହେଉଛି। ମାଫିଆମାନେ ବାଲି ଖୋଳୁଥିବାରୁ ନବନିର୍ମିତ ବିଳାଶୁଣୀ ପୋଲ ପ୍ରତି ବିପଦ ଆଶଙ୍କା ପ୍ରକାଶ ପାଇଛି। ଏଠାରୁ ରାତିରେ ଶହଶହ ଟ୍ରିପ୍ ବାଲି ଚୋରା ଚାଲାଣ ହେଉଛି। ବିନାଦ୍ୱାର ପର୍ମିଟ୍‌ରେ ଶହଶହ ହାଇୱା ମାଧ୍ୟମରେ ଚୋରାରେ ବାଲି ଚାଲାଣ ହେଉଥିଲା ବେଳେ ଦିନରେ ଟ୍ରାକ୍ଟରରେ ଶହଶହ ଟ୍ରିପ୍ ବାଲି ବୁହା ହେଉଛି ଖଣି ବିଭାଗ ଓ ସ୍ଥାନୀୟ ପ୍ରଶାସନର ନୀରବତା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ନିଆଳି ତହସିଲ ଅଧୀନ ପୋଖରି ଗାଁ ପଞ୍ଚାୟତର ପୋଲସରା ବାଲିଘାଟକୁ ୫ ବର୍ଷିଆ ନିଲାମ ସୂତ୍ରରେ ଦିଆଯାଇଛି। ବାଲି ଖନନ ପାଇଁ ସିମା ନିଧାରଣ ହୋଇ ଥିଲେ ମଧ ତା'ଠାରୁ ଅଧିକା ନଦୀପଠାରୁ ବାଲି ଖୋଳି ସାରିଲେଣୀ ପାଇଁ ଅନୁମତି ମିଳିଛି। ଅନୁମତି ନଥାଇ ବି ଏହିସବୁ ଅଞ୍ଚଳରୁ ନିୟମିତ ବାଲି ଖୋଳାଯାଉଛି। ବିଳାଶୁଣୀ ନବନିର୍ମିତ ସେତୁ ନିକଟରୁ ବାଲି ଖୋଳାଯାଉଛି। ମୁହଁ ବନ୍ଦ ପଟେ ବାଲିଗାଡ଼ିଗୁଡ଼ିକ ଯିବାର ନିୟମ ଥିବାବେଳେ ଏବେ ଗାଁ ପଟେ ଶହଶହ ଟ୍ରିପ୍ ବାଲି ହାଇୱା ଯାତାୟାତ କରୁଛନ୍ତି। ଫଳରେ ନଦୀବନ୍ଧ ଏବଂ ନୂତନ ବ୍ରିଜ୍‌ର ସୁରକ୍ଷା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

କାଳଖ ବ୍ରିଜ୍ ନିକଟରେ ବାଲିଘାଟ ପାଇଁ ସରକାରୀ ଅନୁମତି ନଥିବା ବେଳେ ଏଠାରେ ଚାଲିଥିବା ବେଆଇନ ବାଲିଘାଟ କାହାର? ଯଦି କାଳଖ ନିକଟରେ ବାଲିଘାଟ ପାଇଁ ନିଲାମ ଦିଆଯାଇଛି, ତେବେ ଏଠାରେ ନିଲାମ ସମ୍ପର୍କରେ ସୂଚନାଫଳକ ଲାଗି ନାହିଁ କାହିଁକି? ଖଣି ବିଭାଗ ଓ ସ୍ଥାନୀୟ ପ୍ରଶାସନ କିପରି ଏହା ଜାଣିପାରୁ ନାହାନ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ବସ୍ ଧକ୍କାରେ ଓଲଟିଲା ଟ୍ରାକ୍ଟର

**ଧୂଷୁରୀ: ଏକ୍ସପ୍ରେସ ନ୍ୟୁଜ୍**

ଭଦ୍ରକ ଜିଲ୍ଲା ଧୂଷୁରୀ ଥାନା ଓ ଆରଡ଼ି ଫାଣ୍ଡି ଅଧୀନ କୁଳେଇପଦା ଓ ଆରଡ଼ିର ମଧ୍ୟବର୍ତ୍ତୀ ସ୍ଥାନରେ ୨୦ ନମ୍ବର ଜାତୀୟ ରାଜପଥରେ ଗୁରୁବାର ମଧ୍ୟାହ୍ନରେ ଏକ ବାଲି ବୋଝେଇ ଟ୍ରାକ୍ଟରକୁ ଜୟ ମାତାଦୀ ନାମକ ଘରୋଇ ବସ୍ ପଛପଟୁ ଧକ୍କା ଦେବା ସହିତ ରାସ୍ତା ତଳକୁ ଓଲଟିପଡ଼ିଛି। ଏଥିରୁ ଡ୍ରାଇଭର ରକ୍ଷା ପାଇଯାଇଛନ୍ତି। ବସ୍‌ରେ ଥିବା ୩୨ ଜଣ ଯାତ୍ରୀଙ୍କ ମଧ୍ୟରୁ ୪ ଜଣ ଓ ବସ୍ କଣ୍ଡକ୍ଟର ଆହତ ହୋଇ ଆରଡ଼ି ପ୍ରାଥମିକ ଚିକିତ୍ସାକେନ୍ଦ୍ରରେ ଚିକିତ୍ସିତ ହେଉଥିବା ବେଳେ ଜଣେ ମହିଳା ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ଆମ୍ବୁଲାନ୍ସ ଯୋଗେ ସ୍ଥାନାନ୍ତର ହୋଇଛନ୍ତି। ଦୁର୍ଘଟଣାସ୍ଥଳରେ ଆରଡ଼ି ଫାଣ୍ଡି ଅଧିକାରୀଙ୍କ ସମେତ ଅନ୍ୟ ପୋଲିସ କର୍ମଚାରୀ, ସ୍ଥାନୀୟ କୁଳେଇପଦା, ଆରଡ଼ି, ପହଣା ଆଦି ଗ୍ରାମର ଯୁବକ ପହଞ୍ଚି ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଥିଲେ। ବସ୍‌ରେ ଥିବା ଯାତ୍ରୀଙ୍କ କହିବା ଅନୁସାରେ ଭଦ୍ରକରୁ ଆରଡ଼ି ଅଭିମୁଖେ ଯାଉଥିବା ଏହି ଘରୋଇ ବସର ବ୍ରେକ୍ ଫେଲ ହେବାରୁ ଆଗରେ ଯାଉଥିବା ଟ୍ରାକ୍ଟରକୁ ପଛପଟୁ ଧକ୍କା ଦେବା ସହ ଭାରସାମ୍ୟ ହରାଇ ରାସ୍ତା ତଳକୁ ଚାଲି ଯାଇଥିଲା

## ବାଣିଜ୍ୟ

# ସ୍ପାଇସଜେଟ୍ ୧୦ ବିମାନ ପାଇଁ ଏମ୍‌ଓୟୁ ସ୍ୱାକ୍ଷର

**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**



ସ୍ପାଇସଜେଟ୍ ୧୦ଟି ବିମାନ ଯୋଡିବା ପାଇଁ ବୁଝାମଣାପତ୍ର (ଏମ୍‌ଓୟୁ) ପାଇଛି, ଯାହା ଏୟାରଲାଇନ୍‌ର ଚାଲୁଥିବା ପୁନରୁଦ୍ଧାର ଏବଂ ସମ୍ପ୍ରସାରଣ ଯୋଜନାରେ ନୂତନ ଗତିକୁ ସଙ୍କେତ ଦେଉଛି।

ଏକ ବୁଝାମଣାପତ୍ର, କିମ୍ବା ବୁଝାମଣାପତ୍ର, ଏକ ପ୍ରାରମ୍ଭିକ ଚୁକ୍ତିନାମା ଯାହା ଚୂଡ଼ାନ୍ତ ଚୁକ୍ତିନାମା ସ୍ୱାକ୍ଷରିତ ହେବା ପୂର୍ବରୁ ପକ୍ଷମାନଙ୍କ ମଧ୍ୟରେ ଉଦ୍ଦେଶ୍ୟ ବର୍ଣ୍ଣନା କରେ। ବୋର୍ଡ ଓଦା ଏବଂ ଓଦା ଲିଜ୍ ମିଶ୍ରଣ ମାଧ୍ୟମରେ ୬୦ଟି ବିମାନ ପର୍ଯ୍ୟନ୍ତ ଏକ କ୍ୟାଲିବ୍ରେଟେଡ୍ ଫ୍ଲିଟ୍ ରାମ୍ପ-ଅପ୍, ଏବଂ ପୂର୍ବରୁ ଗ୍ରାଉଣ୍ଡ ହୋଇଥିବା ବିମାନର ଧୀରେ ଧୀରେ ଫେରସ୍ତକୁ ଅନୁମୋଦନ କରିବାର କିଛି ଦିନ ପରେ ଏହି ବିକାଶ ଆସିଛି।

ସାମ୍ପ୍ରତିକ ମାସଗୁଡ଼ିକରେ ଏୟାରଲାଇନ୍‌ର କାର୍ଯ୍ୟକ୍ଷମ ପରିବର୍ତ୍ତନ ତ୍ୱରାନ୍ୱିତ ହୋଇଛି। କେବଳ ଗତ ତ୍ରୟମାସରେ, ସ୍ପାଇସଜେଟ୍ ଏହାର କ୍ଷମତା ଦ୍ୱିଗୁଣିତ କରିଛି। ଉପଲବ୍ଧ ସିଟ୍ କିଲୋମିଟର, ଏକ ପ୍ରମୁଖ ଶିଳ୍ପ ମାପକ ଯାହା ମୋଟ ଯାତ୍ରୀ ବହନ କ୍ଷମତା ମାପ କରେ, ପ୍ରାୟ ୫୫୦ ନିୟୁତରୁ ୧.୦୫ ବିଲିୟନକୁ ବୃଦ୍ଧି ପାଇଛି। ସରଳ ଭାବରେ କହିବାକୁ ଗଲେ, ଏଏସ୍‌କେଏମ୍‌ଏସ ଯାତ୍ରା କରାଯାଇଥିବା ଦୂରତା ଦ୍ୱାରା ଗୁଣିତ ଉପଲବ୍ଧ ସିଟ୍ ସଂଖ୍ୟାକୁ ପ୍ରତିନିଧିତ୍ୱ କରେ ଏବଂ ଏକ ଏୟାରଲାଇନ୍ କେତେ କ୍ଷମତା ପ୍ରଦାନ କରୁଛି ତାହା ନିର୍ଣ୍ଣୟ କରିବା ପାଇଁ ବ୍ୟବହୃତ ହୁଏ। ଏହି ପୁନରୁଦ୍ଧାର ଉପରେ ଆଧାର କରି, ସ୍ପାଇସଜେଟ୍ ଏବେ ବର୍ଷ ମଧ୍ୟରେ ଏହାର କ୍ଷମତା ଦ୍ୱିଗୁଣିତ କରିବା ଯୋଜନା କରୁଛି। ଏହା ୨୦୨୬ ଶୀତ ସୁଦ୍ଧା ପ୍ରାୟ ୨.୨ ବିଲିୟନ ଏଏସକେଏମ୍ ଲକ୍ଷ୍ୟ ରଖିଛି ଏବଂ ଏହାର ନେଟୱାର୍କରେ ଦୈନିକ ୩୦୦ରୁ ଅଧିକ ଉଡ଼ାଣ ପରିଚାଳନା କରିବାକୁ ଲକ୍ଷ୍ୟ ରଖିଛି।

ସ୍ପାଇସଜେଟର ମୁଖ୍ୟ ବ୍ୟବସାୟ ଅଧିକାରୀ ଡେବୋଜୋ ମହର୍ଷି କହିଛନ୍ତି ଯେ, କ୍ଷମତାରେ ଦ୍ରୁତ ବୃଦ୍ଧି ବ୍ୟବସାୟରେ ଉନ୍ନତ ଚାହିଦା ଏବଂ ନୂତନ ଆତ୍ମବିଶ୍ୱାସକୁ ପ୍ରତିଫଳିତ କରେ। ଗତ ତ୍ରୈମାସିକରେ ଆମର କ୍ଷମତା ଦ୍ୱିଗୁଣିତ କରିବା ଏକ ପ୍ରମୁଖ ମାଇଲଖୁଣ୍ଟ ହୋଇଛି। ଏହି ଏମ୍‌ଓୟୁ ଗ୍ରହଣ କରିବା ଏକ ଉତ୍ସାହଜନକ ବିକାଶ କାରଣ ଆମେ ଚିନ୍ତାଶୀଳ ଭାବରେ ଆମର କାର୍ଯ୍ୟଗୁଡ଼ିକୁ ପୁନଃନିର୍ମାଣ ଏବଂ ବିସ୍ତାର କରିଚାଲିଛୁ।

ଏୟାରଲାଇନ୍ସ କହିଛି ଯେ ଦୀର୍ଘକାଳୀନ ସ୍ଥାୟିତ୍ୱ ପାଇଁ କାମ କରିବା ସହିତ ଅଭିବୃଦ୍ଧି ପାଇଁ ଏକ ଶୃଙ୍ଖଳିତ ଆଭିମୁଖ୍ୟ ବଜାୟ ରଖିବା ସହିତ କ୍ଷମତା ଉନ୍ନତି, ସଂଯୋଗକୁ ସୁଦୃଢ଼ କରିବା ଏବଂ ନିର୍ଭରଯୋଗ୍ୟତାକୁ ଉନ୍ନତ କରିବା ଉପରେ ଏହାର ଧ୍ୟାନ ରହିଛି।

# ଛତ୍ରପତି ଶିବାଜୀଙ୍କୁ ମନେ ପକାଇଲେ ସୋନାଲି

## ସିନେମାଫିନେମା ଟିଭିଫିବି

୧୯ ଫେବୃଆରୀରେ ବଲିଉଡ ଅଭିନେତା ସୋନାଲି ବେନ୍ଦ୍ରେ ଏବଂ ଭିକି କୌଶଳ ଶିବ ଜୟନ୍ତୀ ଅବସରରେ ଛତ୍ରପତି ଶିବାଜୀ ମହାରାଜଙ୍କୁ ମନେ ପକାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପୂଜ୍ୟ ମରାଠା ଯୋଦ୍ଧା ରାଜାଙ୍କ ପ୍ରତିମୂର୍ତ୍ତିର ଏକ ଫଟୋ ସେୟାର କରି ସୋନାଲି ଏକ ଶକ୍ତିଶାଳୀ କ୍ୟାପସନ ଲେଖିଛନ୍ତି। ସେ ଲେଖିଛନ୍ତି, 'ଇତିହାସକୁ ଗଠନ କରିଥିବା ସିଂହହୃଦୟ ରାଜାଙ୍କୁ ମନେ ପକାଇ। ଜୟ ଭବାନୀ, ଜୟ ଶିବାଜୀ।' ଅଭିନେତ୍ରୀ ତାଙ୍କ ସୋସିଆଲ ମିଡିଆ ଆକାଉଣ୍ଟରେ ସେୟାର କରିଥିବା ଫଟୋରେ ଏକ ମହାନ ସିଂହାସନରେ ରାଜକୀୟ ଭାବରେ ବସିଥିବା ଛତ୍ରପତି ଶିବାଜୀ ମହାରାଜଙ୍କ ଏକ ଆକର୍ଷଣୀୟ ପ୍ରତିମୂର୍ତ୍ତି ରହିଛି। ଭିକି କୌଶଳ ମରାଠୀ ଭାଷାରେ କାମନା କରିଛନ୍ତି, ଯାହାକୁ ଇଂରାଜୀରେ 'ଛତ୍ରପତି ଶିବାଜୀ ମହାରାଜ ଜୟନ୍ତ୍ୟ ହାର୍ଦ୍ଦିକ ଶୁଭେଚ୍ଛା' କୁହାଯାଏ।

ଅଜ୍ଞାତ ଲୋକଙ୍କ ପାଇଁ, ଶିବ ଜୟନ୍ତୀ ମରାଠା ସାମ୍ରାଜ୍ୟର ପ୍ରତିଷ୍ଠାତା ଛତ୍ରପତି ଶିବାଜୀ ମହାରାଜଙ୍କ ଜନ୍ମବାର୍ଷିକୀ। ମହାରାଜ, ୪୦୦ ବର୍ଷରୁ ଅଧିକ ବର୍ଷ ପରେ ମଧ ତାଙ୍କ ସାହସିକତା, ପ୍ରଗତିଶୀଳ ଶାସନ ଏବଂ ସାମରିକ ବୁଦ୍ଧି ପାଇଁ ମନେ ରଖାଯାଏ। ସାରା ଦେଶରେ, ବିଶେଷକରି ମହାରାଷ୍ଟ୍ରରେ ଶିବ ଜୟନ୍ତୀକୁ ବଡ଼ ଉତ୍ସାହର ସହିତ ପାଳନ କରାଯାଏ, ଯେଉଁଥିରେ ତାଙ୍କ ଐତିହ୍ୟକୁ ସମ୍ମାନ ଜଣାଇ ଶୋଭାଯାତ୍ରା, ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଏ।



ମହାରାଷ୍ଟ୍ରୀୟ ପରିବାରରୁ ଆସିଥିବା ଅଭିନେତ୍ରୀ ସୋନାଲି ବେନ୍ଦ୍ରେଙ୍କ ବିଷୟରେ କହିବାକୁ ଗଲେ, ସେ ପ୍ରାୟତଃ ତାଙ୍କ ମୂଳ ପ୍ରତି ଗର୍ବ ପ୍ରକାଶ କରିଛନ୍ତି। ବୃତ୍ତିଗତ କ୍ଷେତ୍ରରେ, ସେ ୩୦ ବର୍ଷ ଧରି ମନୋରଞ୍ଜନ ଶିଳ୍ପର ଏକ ଅଂଶ। ଅଜ୍ଞାତ ଲୋକଙ୍କ ପାଇଁ, ସେ ୧୯୯୪ ମସିହାରେ 'ଆଗ' ସହିତ ବଲିଉଡରେ ଡେବ୍ୟୁ କରିଥିଲେ ଏବଂ 'ଦିଲଜଲେ', 'ସରଫରୋଶ', 'ଜଖମ', 'ହମ ସାଥ-ସାଥ ହେ' ଏବଂ 'ମେଜର ସାବ' ସମେତ ଅନେକ ଲୋକପ୍ରିୟ ଫିଲ୍ମରେ ଅଭିନୟ କରିଥିଲେ। ସୋନାଲି ଟେଲିଭିଜନରେ ମଧ ସକ୍ରିୟ ଅଛନ୍ତି। ସମ୍ପ୍ରତି, ସେ ଶେଷ ଥର ପାଇଁ ଷ୍ଟାଣ୍ଡ-ଅପ୍ କମେଡିଆନ ମୁନାୱର ଫାରୁକୀଙ୍କ ସହିତ କପଲ୍ ଫନ୍ ରିଆଲିଟି ଶୋ 'ପତି ପତ୍ନୀ ଔର ପଙ୍ଗା' ହୋଷ୍ଟିଂ କରିଥିବାର ଦେଖାଯାଇଥିଲା। ଏହି ଅଭିନେତ୍ରୀ ବିଭିନ୍ନ ରିଆଲିଟି ଶୋ'ରେ ବିଚାରକ ଭାବରେ ମଧ କାର୍ଯ୍ୟ କରିଛନ୍ତି। ଏହି ଅଭିନେତ୍ରୀ ସମ୍ପ୍ରତି ଟେଲିଭିଜନରେ ସର୍ବୋତ୍ତମ ହୋଷ୍ଟ ଭାବରେ ପୁରସ୍କାର ମଧ ଜିତିଛନ୍ତି। ଏହି ଅଭିନେତ୍ରୀ ପ୍ରଯୋଜକ ଗୋଲ୍ଡି ବେହଲଙ୍କୁ ବିବାହ କରିଛନ୍ତି ଏବଂ ଏହି ଦମ୍ପତି ଜଣେ କିଶୋର ପୁଅ ରଣବୀରଙ୍କ ପିତାମାତା।

ଭିକି କୌଶଳ, ଫେବୃଆରୀ ୨୦୨୫ରେ ଛତ୍ରପତି ଶିବାଜୀ ମହାରାଜଙ୍କ ଯୋଦ୍ଧା ପୁଅ ଛତ୍ରପତି ସମ୍ଭାଜୀ ରାଜେଙ୍କ ଉପରେ ଆଧାରିତ ଚଳଚ୍ଚିତ୍ର 'ଛାଭା'ରେ ଅଭିନୟ କରିଥିଲେ। ଏହି ଚଳଚ୍ଚିତ୍ରରେ ତାଙ୍କର ଚରିତ୍ର ଚିତ୍ରଣ ପାଇଁ ସେ ଦର୍ଶକ ଏବଂ ସମାଲୋଚକମାନଙ୍କଠାରୁ ଉତ୍ତମ ସମୀକ୍ଷା ପାଇଥିଲେ।

# ମୁମ୍ବାଇରେ ଦ୍ୱିତୀୟ ଓଡିଶା ଭବନ ନିର୍ମାଣ କେବେ ?

**ମୁମ୍ବାଇ: ଏକ୍ସପ୍ରେସ ନ୍ୟୁଜ୍**

ଦେଶର ଅର୍ଥନୈତିକ ରାଜଧାନୀ ମୁମ୍ବାଇ ମହାନଗରରେ ୨୦୧୦ରୁ ଓଡିଶା ସରକାରଙ୍କ ଦ୍ୱାରା ପରିଚାଳିତ ଓଡିଶା ଭବନ ଥିଲେ ହେଁ ଲୋକଙ୍କ ଆବଶ୍ୟକତା ବଢୁଥିବାରୁ ଏହା ଯଥେଷ୍ଟ ହେଉ ନାହିଁ। ପ୍ରତିଦିନ ଓଡ଼ିଶାରୁ ବହୁ ସଂଖ୍ୟାରେ ଲୋକେ ଚିକିତ୍ସା ନିମନ୍ତେ, ଉଚ୍ଚ ଶିକ୍ଷା, ବାଣିଜ୍ୟ ବ୍ୟବସାୟ ପାଇଁ, ମୁମ୍ବାଇ ଗସ୍ତ କରୁଛନ୍ତି। ବିଭିନ୍ନ ଉଚ୍ଚ ପଦାଧିକାରୀ, ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ, ବିଚାରପତି ବିଧାନସଭା କମିଟି, ବିଧାୟକଗଣ ମଧ ବିଭିନ୍ନ କାର୍ଯ୍ୟରେ ଓଡିଶାରୁ ମୁମ୍ବାଇ ଗସ୍ତରେ ଥାନ୍ତି।

ବର୍ତ୍ତମାନର କୋଠାଟି ୨୦୦୦ ମସିହାରେ ପରିକଳ୍ପନା କରାଯାଇଥିଲା। ଯାହାର ନକ୍ସା ବହୁ ପୁରୁଣା। ଏଥିରେ କୋଠରୀ ସଂଖ୍ୟା ସୀମିତ, ଯାହାକି ଓଡ଼ିଶାଲୋକଙ୍କ ଆବଶ୍ୟକତାକୁ ପୂରଣ କରିବା ସମ୍ଭବ ହେଉନି। ବିଶେଷତଃ ଚିକିତ୍ସା ଲାଗି ଯାଉଥିବା ବହୁ ସଂଖ୍ୟାରେ କର୍କଟ ରୋଗୀଙ୍କ ପାଇଁ ଏହା ଏକ ପ୍ରାଣ କେନ୍ଦ୍ର ରୂପେ ବିବେଚନା କରାଯାଏ। ସ୍ୱଳ୍ପ ମୂଲ୍ୟରେ ରହଣି, ଖାଦ୍ୟ ପରିବେଷଣ, ଶିକ୍ଷା, ବିଦେଶରେ ଥିବା ଲୋକମାନଙ୍କୁ ବିଭିନ୍ନ ସମୟରେ ଉଦ୍ଧାର କରିବା କ୍ଷେତ୍ରରେ ଏହା ଓଡ଼ିଶାର ଏକ ଦୂତାବାସ ସମତୁଲ କାର୍ଯ୍ୟାଳୟ ରୂପେ ଓଡିଶା ସରକାରଙ୍କ ବ୍ୟବହୃତ ହୋଇ ସରକାର ଏଥିନେଇ ସୁନାମ ଅର୍ଜନ କରିଛନ୍ତି। ସମସ୍ତ ବିଷୟକୁ ବିଚାରକୁ ନେଇ ଓଡ଼ିଶା ମୁଖ୍ୟମନ୍ତ୍ରୀ ୨୦୧୬ ମସିହାରେ ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀଙ୍କୁ ଆଉ ଏକ ଜମି ଆବଣ୍ଟନ ପାଇଁ ଅନୁରୋଧ କରିଥିଲେ। ଯାହା ୧୦ ବର୍ଷ ଧରି ମହାରାଷ୍ଟ୍ର ସରକାରଙ୍କ ପାଖରେ ପଡିରହିଥିବା ଜଣାଯାଏ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଏହାକୁ ଅନୁଧ୍ୟାନ କରି ଓଡିଶାବାସୀଙ୍କ ଆବଶ୍ୟକତା ପୂରଣ ନିମନ୍ତେ ଗତ ବର୍ଷ ବର୍ତ୍ତମାନର ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀଙ୍କୁ ଏକ ପତ୍ର ମାଧ୍ୟମରେ ଅନୁରୋଧ କରିଛନ୍ତି।

ମୁମ୍ବାଇ ସହରରେ ପ୍ରାୟ ୨୦ ଲକ୍ଷ ଓଡିଆ ରହୁଛନ୍ତି। ଦୁଇଟି ସ୍ଥାନରେ ଶ୍ରୀ ଜଗନ୍ନାଥ ମନ୍ଦିର, ସହରର ବିଭିନ୍ନ ପ୍ରାନ୍ତରେ ଛୋଟ ଛୋଟ ମନ୍ଦିର, ଓଡ଼ିଆ ବିଦ୍ୟାଳୟମାନ ଖୋଲା ଯାଇ ଓଡିଆ ଅସ୍ମିତାର ପ୍ରଚାର, ପ୍ରସାର ଲାଗି ଉଦ୍ୟମ ହେଉଛି। ୨୦୦୦ରୁ ୨୦୨୬ ମଧ୍ୟରେ ଓଡିଶା ବହୁ ଆର୍ଥିକ, ଶିଳ୍ପ, ପର୍ଯ୍ୟଟନସ୍ଥଳୀ, ଶିକ୍ଷା, ବାଣିଜ୍ୟ, ଶିଳ୍ପ ସ୍ୱାସ୍ଥ୍ୟ ସେବାରେ, ଗମନାଗମନରେ ଉନ୍ନତି ପରିଲକ୍ଷିତ ହୋଇଛି ଓଡିଶା ଏକ ବିକଶିତ ରାଜ୍ୟ ରୂପେ ମୁମ୍ବାଇରେ ପରିଗଣିତ। ଓଡିଶାବାସୀଙ୍କ ବ୍ୟବହାର ନିମନ୍ତେ ମୁମ୍ବାଇ ସହରରେ ଏକ ସାଂସ୍କୃତିକ କେନ୍ଦ୍ର, ଓଡ଼ିଆ ପାଠାଗାର ତଥା ମନୋରଞ୍ଜନ କେନ୍ଦ୍ର ସହିତ ବହୁ ଶଯ୍ୟା ବିଶିଷ୍ଟ, ଏକ ଗୃହର ଆବଶ୍ୟକତା ରହିଛି।

ବର୍ତ୍ତମାନ ଓଡ଼ିଶା, ମହାରାଷ୍ଟ୍ର, କେନ୍ଦ୍ରରେ ଗୋଟିଏ ଦଳର ସରକାର ଥିବାରୁ ଏଥିନେଇ ଜରୁରୀ ପଦକ୍ଷେପ ନେବା ପାଇଁ ମତ ପ୍ରକାଶ ପାଉଛି। ପ୍ରକାଶ ଥାଉକି ଦିଲ୍ଲୀରେ ତିନୋଟି ଭବନ ଓଡିଶା ସରକାରଙ୍କ ଅଛି। ସେହି ଅନୁସାରେ ମୁମ୍ବାଇରେ ଅନ୍ୟ ଗୋଟିଏ ଜାଗା କିମ୍ବା କୋଠାର ଆବଶ୍ୟକତା ଜରୁରୀ। ମୁଖ୍ୟମନ୍ତ୍ରୀ ଏହି ସମସ୍ତ କଥା ବିଚାରକୁ ନେଇ ପଦକ୍ଷେପ ନେବାକୁ ଦାବି ହେଉଛି।

ଓଡ଼ିଶା

# ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଅବହେଳା, ସ୍ୱଚ୍ଛ ଭାରତ ବାଟବଣା

**୧୯।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ବୈଶିଙ୍ଗା ବଜାର ମଧ୍ୟ ଦେଇ ଯାଇଥିବା ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଜଳ ନିଷ୍କାସନ ପାଇଁ ଠିକ୍ ଭାବରେ ଡ୍ରେନ୍ ନିର୍ମାଣ ହୋଇ ନ ଥିବାରୁ ଯାନବାହନ ଚଳାଚଳରେ ବାଧାପ୍ରାପ୍ତ ହେବା ସହିତ ସାଧାରଣ ଲୋକ ତଥା ସାଇକେଲ ଓ ବାଇକ ଚାଳକଙ୍କୁ ବିପଦରେ ପକାଉଛ । ଅଧିକ ବର୍ଷା ହେଲେ ରାଜପଥ ଉପରେ ପାଣି ପ୍ରବାହିତ ହେଉଛି । ବଜାର ମଧ୍ୟ ଭାଗରେ ଏକ କିଲୋମିଟର ଲମ୍ବର ଉଡନ୍ତା ପୋଲ ନିର୍ମାଣ ହୋଇଥିବାରୁ ଉଭୟ ପାର୍ଶ୍ୱରେ ଯାନବାହନ ଚଳାଚଳ ପାଇଁ ଆପ୍ରୋଚ୍ ରୋଡ ନିର୍ମାଣ ହୋଇଛି ସତ ମାତ୍ର ଠିକ୍ ମାପ ଜୋଖରେ ତିଆରି ହୋଇ ନ ଥିବାରୁ ଅଧିକାଂଶ ସମୟରେ ଦୁର୍ଘଟଣା ଘଟି ଚାଲିଛି । ଉଭୟ ପାର୍ଶ୍ୱରେ ନିର୍ମାଣ ହୋଇଥିବା ଡ୍ରେନ ଉପରେ ଦୋକାନୀମାନେ ନିଜର ଗୁଜୁରାଣ ମେଣ୍ଟାଇବା ପାଇଁ ବ୍ୟବସାୟ କରିଥିବା ଯୋଗୁଁ ରାସ୍ତା ଅଣଓସାରିଆ ହୋଇଯାଇଥିବାରୁ ସାଧାରଣ ଲୋକଙ୍କ ଚଳପ୍ରଚଳରେ ବାଧା ସୃଷ୍ଟି ହେଉଛି । ପାଞ୍ଚ ଶହ ମିଟର ବ୍ୟବଧାନରେ ଏହି ରାଜପଥକୁ ଦୁଇଟି ସ୍ଥାନରେ ମାଣତ୍ରୀ ରାସ୍ତା ଓ ରୁପସା ରାସ୍ତା ସଂଯୋଗ କରୁଥିବାରୁ ଦୁଇଟି ଅଣ୍ଡରପାସ୍ ନିର୍ମାଣ ହେବାର ଯୋଜନା ରହିଥିଲା । ମାତ୍ର ଶେଷ ମୁହୂର୍ତ୍ତରେ ଦୁଇଟି କରିବା ବଦଳରେ ବଜାରର ମଧ୍ୟ ଭାଗରେ ହିଁ ଗୋଟିଏ ଅଣ୍ଡରପାସ୍ ନିର୍ମାଣ ହୋଇଥିବାରୁ ଟ୍ରାଫିକ ନିୟମର ଉଲ୍ଲଙ୍ଘନ ଘଟାଇ ଯାନବାହନ ଚଳାଚଳ କରିବା ହେତୁ ଏଭଳି ଦୁର୍ଘଟଣାର ଶୀକାର ହେଉଛନ୍ତି ଗାଡି ଚାଳକମାନେ । ଏହି ଆପ୍ରୋଚ୍ ରୋଡର ଶେଷ ଭାଗରେ ଓଭରବ୍ରିଜ୍ ପାଣି ବୋହି ଆସି ଗୋଟିଏ ସ୍ଥାନରେ ରାସ୍ତା ପାର୍ଶ୍ୱକୁ ବୋହିବା ଯୋଗୁଁ ରାସ୍ତା ପାର୍ଶ୍ୱରେ ପ୍ରାୟ ଦଶ ଫୁଟ ଗଭୀରର ଗର୍ତ୍ତ ସୃଷ୍ଟି ହେବା ସହ ପିଚୁ ରାସ୍ତାର ତଳ ପାର୍ଶ୍ୱକୁ ଖାଇ ଯାଇଥିଲା । ବହୁ ଦାବି ପରେ ଏକ କିମି ଡ୍ରେନ ନିର୍ମାଣ ହୋଇ ଥିବାରୁ ଆପାତତଃ ସମାଧାନ ହୋଇଯାଇଛି । ଛଅ ମାସ ଧରି ଓଭର ବ୍ରିଜ୍‌ର ଉଭୟ ପାର୍ଶ୍ୱର ଏକ କିମି ଆଲୋକ ସ୍ତମ୍ଭ ଲାଗିଥିଲେ ମଧ୍ୟ ଆଲୋକିକରଣ ପାଇଁ ଲଗାଯାଇଥିବା ଲାଇଟ୍ ଜଳୁନାହିଁ । କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ସୁଦ୍ଧା କୌଣସି ଫଳପ୍ରଦ ହୋଇପାରି ନାହିଁ । ଏଣୁ ତୁରନ୍ତ ଏହାର ପ୍ରତିକାର ନିମନ୍ତେ ଦାବୀ ହେଉଛି । ଏଥି ସହିତ ଓଭରବ୍ରୀଜ୍‌ର ଉଭୟ ପାର୍ଶ୍ୱରେ ସଫେଇ କରା ନ ଯିବା ଯୋଗୁଁ ପରିବେଶ ପ୍ରଦୂଷଣ ହେବାରେ ଲାଗିଛି ।



## ଆଜିର ରାଶିଫଳ

| ତାରିଖ | ଶୁକ୍ରବାର- ତୃତୀୟା |
|---|---|
| ୨୦.୨.୨୦୨୬ | ନକ୍ଷତ୍ର- ଉତ୍ତରଭାଦ୍ର, ମୀନଚନ୍ଦ୍ର |



| | |
|---|---|
| ମେଷ | : ଆୟ ଅପେକ୍ଷା ବ୍ୟୟ ବୃଦ୍ଧି ହେବ । |
| ବୃଷ | : ବ୍ୟବସାୟରେ ଲାଭ ହିଁ ଲାଭ । |
| ମିଥୁନ | : କର୍ମକ୍ଷେତ୍ରରେ ଆନନ୍ଦିତ ହେବେ । |
| କର୍କଟ | : ବନ୍ଧୁଙ୍କ ସାହାଯ୍ୟ ପାଇବେ । |
| ସିଂହ | : ଯନ୍ତ୍ରଣା ବୃଦ୍ଧି ପାଇବ । |
| କନ୍ୟା | : ହସଖୁସିରେ ଦିନ କଟିବ । |
| ତୁଳା | : ଦ୍ରବ୍ୟଲାଭ ଯୋଗ ରହିଛି । |
| ବିଛା | : ଦିନଟି ଅଶାନ୍ତି ମଧ୍ୟରେ କଟିବ । |
| ଧନୁ | : ଅସନ୍ତୋଷ ବୃଦ୍ଧି ପାଇବ । |
| ମକର | : ଧନପ୍ରାପ୍ତ ଯୋଗ ରହିଛି । |
| କୁମ୍ଭ | : ବ୍ୟବସାୟରେ ସାମାନ୍ୟ ଲାଭ । |
| ମୀନ | : ସୁସମ୍ବାଦ ପ୍ରାପ୍ତି ହେବେ । |

## ସାଇବର ଠକେଇରେ ୧୯ବର୍ଷୀୟ ଯୁବକ ଗିରଫ

**ଆନନ୍ଦପୁର, ୧୯।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଅତି କମ୍ ବୟସରୁ ସାଇବର ଠକେଇ ଭଳି ଜଘନ୍ୟ ଅପରାଧ କରି ଜେଲ ଯିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି । କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ଥାନା କୃଷ୍ଣପୁର ଗ୍ରାମର ବିପିନବିହାରୀ ଜେନାଙ୍କ ପୁଅ ଅବିନାଶ ଜେନା(୧୯) ବିଭିନ୍ନ ସମୟରେ ଅନଲାଇନ ଗେମ୍ ସହ ସାଇବର ଠକେଇ କରି ବ୍ୟାଙ୍କ ଅଫ ଇଣ୍ଡିଆ ରାମଚନ୍ଦ୍ରପୁର, ଅଳତି ଏବଂ ୟୁକୋ ବ୍ୟାଙ୍କ ଘସିପୁରା ଶାଖା ଜରିଆରେ ଅନଲାଇନ ଠକେଇ କରି ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ଅଭିଯୋଗରେ ରାମଚନ୍ଦ୍ରପୁର ପୁଲିସ ହାତରେ ଧରାପଡିଛି । ବିଭିନ୍ନ ସ୍ଥାନରେ ସାଇବର ଠକେଇ ନେଇ ଅଭିଯୋଗ ପାଇବା ପରେ କେନ୍ଦୁଝର ଏସପିଙ୍କ ନିର୍ଦ୍ଦେଶରେ ରାମଚନ୍ଦ୍ରପୁର ଥାନା ଅଧିକାରୀ ମନୋଜ ସ୍ୱାଇଁ, ଏସଆଇ ସୁଶାନ୍ତ ମହାକୁଡ ଅଧିକ ଖୋଳତାଡ କରି କୃଷ୍ଣପୁର ଗାଁରେ ଚଢାଉ କରି ଅଭିଯୁକ୍ତ ଯୁବକକୁ କାବୁ କରିଥିଲେ । ଥାନାରେ ପଚାରା ଉଚାରା କରିବା ପରେ କେସ୍ ନଂ ୫୦/୨୬ରେ ଏକ ମାମଲା ରୁଜୁ କରିବା ସହ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ତା' ନିକଟରୁ ତିନୋଟି ବ୍ୟାଙ୍କ ପାସବୁକ, ଦୁଇଟି ଏଟିଏମ କାର୍ଡ, ପାନକାର୍ଡ, ଆଧାରକାର୍ଡ ସହ ଗୋଟିଏ ଆଇଫୋନ୍ ଜବଦ କରାଯାଇଛି । ରାମଚନ୍ଦ୍ରପୁର ଉପଖଣ୍ଡ ପୁଲିସ ଅଧିକାରୀ କମଳ କୁମାର ପଣ୍ଡା ଏନେଇ ବିସ୍ତୃତ ସୂଚନା ପ୍ରଦାନ କରିଛନ୍ତି ।

### ୧୦ ବର୍ଷ ପରେ ମଧ୍ୟ ଅଧୁରା କଲ୍ୟାଣୀ ଚେକଡ୍ୟାମ ପ୍ରକଳ୍ପ

# କେନାଲ ନାହିଁ, ଗଚ୍ଛିତ ପାଇପ ନେଇ ପ୍ରଶ୍ନରେ ବିଭାଗ ଓ ଠିକାଦାର

**ରାୟଗଡ଼ା, ୧୯।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଚାଷୀଙ୍କ ଜମିକୁ ସିଚାଇ ସୁବିଧା ଯୋଗାଇବା ଲକ୍ଷ୍ୟରେ କଳାହାଣ୍ଡି-ରାୟଗଡା ସୀମାନ୍ତର କଲ୍ୟାଣୀ ନଦୀ ଉପରେ ନିର୍ମିତ ଚେକଡ୍ୟାମ ପ୍ରକଳ୍ପ ଦଶ ବର୍ଷ ପରେ ମଧ୍ୟ ସଫଳ ହୋଇପାରିନାହିଁ । ଚେକଡ୍ୟାମ ତିଆରି ହେଲେ ମଧ୍ୟ ଆଜିପର୍ଯ୍ୟନ୍ତ କେନାଲ ନିର୍ମାଣ ନ ହେବାରୁ ଚାଷୀମାନେ ଆଶାଭଙ୍ଗର ସମ୍ମୁଖୀନ ହେଉଛନ୍ତି ।

୨୦୧୪ ମସିହାରେ କଳାହାଣ୍ଡି ଜିଲ୍ଲାର ବିଜେପୁର ପଞ୍ଚାୟତ ଅନ୍ତର୍ଗତ କାଳକୁପା ନିକଟରେ ପ୍ରାୟ ଦୁଇ କୋଟି ଟଙ୍କା ବ୍ୟୟରେ ରାୟଗଡା କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ଏହି ଚେକଡେମ ନିର୍ମାଣ କରାଯାଇଥିଲା । ପରବର୍ତ୍ତୀ ସମୟରେ କେନାଲ ମାଧ୍ୟମରେ ଜଳସେଚନ ବ୍ୟବସ୍ଥା କରାଯିବ ବୋଲି ଘୋଷଣା ହୋଇଥିଲେ ମଧ୍ୟ ଏହା କାଗଜରେ ସୀମିତ ରହିଗଲା । ଗତ ସାଧାରଣ ନିର୍ବାଚନ ପୂର୍ବରୁ ୨୦୨୪ ଜାନୁଆରୀରେ କେନାଲ କାମର ଭର୍ଚୁଆଲ ଉଦଘାଟନ କରାଯାଇଥିଲା । ପରେ ସିଙ୍ଗାରି ହାଟପଦା ନିକଟରେ ଚାଷୀମାନଙ୍କୁ ଡାକି ବୈଠକ କରି କେନାଲ ପରିବର୍ତ୍ତେ ଭୂଗର୍ଭ ପାଇପ ଯୋଗେ ପାଣି ଯୋଗାଣ କରାଯିବ ବୋଲି ବିଭାଗ ନୂତନ ପ୍ରସ୍ତାବ ଦେଇଥିଲା । କିନ୍ତୁ ବର୍ଷ ବିତି ଯାଇଥିଲେ ମଧ୍ୟ କାମ ଆରମ୍ଭ ହୋଇନାହିଁ । ଗତ ବର୍ଷ ଆଣାଯାଇଥିବା ପାଇପଗୁଡିକ ଛତାପଦର ଛକ ନିକଟରେ ଗଚ୍ଛିତ ଅବସ୍ଥାରେ ପଡିରହିଛି । ଦୁଇ ବର୍ଷ ହେଲା ଏହାର କୌଣସି ବ୍ୟବହାର ହୋଇନଥିବାରୁ ଠିକା ସଂସ୍ଥାର କାର୍ଯ୍ୟପ୍ରଣାଳୀ ଉପରେ ସନ୍ଦେହ ସୃଷ୍ଟି ହେଉଛି ।

ଉଲ୍ଲେଖନୀୟ ଯେ, ୨୦୧୭ ମସିହାର ପ୍ରଳୟଙ୍କରୀ ବନ୍ୟାରେ ଚେକଡ୍ୟାମର କିଛି ଅଂଶ କ୍ଷତିଗ୍ରସ୍ତ ହୋଇଥିଲା । ପରେ ମରାମତି ପାଇଁ ଏକ କୋଟି ଟଙ୍କାରୁ ଅଧିକ ଖର୍ଚ୍ଚ କରାଯାଇଥିଲେ ମଧ୍ୟ ମୂଳ ଲକ୍ଷ୍ୟ-ସିଚାଇ ବ୍ୟବସ୍ଥା-ପୂରଣ ହୋଇନାହିଁ । ଏହି ପ୍ରକଳ୍ପ ମାଧ୍ୟମରେ କଲ୍ୟାଣସିଂହପୁର ବ୍ଲକର ସିଙ୍ଗାରି ଓ ଧାମୁଣିପଙ୍ଗା ପଞ୍ଚାୟତର ପ୍ରାୟ ଦୁଇ ହଜାର ଏକର ଜମିକୁ ସିଚାଇ ସୁବିଧା ଦେବା ଯୋଜନା ଥିଲା । କଳାହାଣ୍ଡିର କିଛି ଅଞ୍ଚଳରେ ଜଳସେଚନ ସୁବିଧା ମିଳୁଥିବାବେଳେ ରାୟଗଡା ପକ୍ଷରେ ଚାଷୀମାନେ ଏପର୍ଯ୍ୟନ୍ତ ବଞ୍ଚିତ । ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଲୋକପ୍ରତିନିଧିମାନଙ୍କ ଆନ୍ତରିକତାର ଅଭାବ, ପ୍ରଶାସନିକ ଇଚ୍ଛାଶକ୍ତିର କମିତା ଓ ଠିକା ସଂସ୍ଥାର ଅଲସତାରୁ ପ୍ରକଳ୍ପ ଅଧୂରା ରହିଯାଇଛି । ଚାଷ ସମୟ ଶେଷ ହୋଇ ଅମଳ ସରିଗଲେ ମଧ୍ୟ ପାଣି ସୁବିଧା ନ ମିଳିବା ଦୁର୍ଭାଗ୍ୟଜନକ ବୋଲି ଅଞ୍ଚଳରେ ଚର୍ଚ୍ଚା ହେଉଛି । ଏହି ପରିସ୍ଥିତିରେ ପ୍ରକଳ୍ପକୁ ଶୀଘ୍ର ସମ୍ପୂର୍ଣ୍ଣ କରି ଚାଷୀଙ୍କୁ ଜଳସେଚନ ସୁବିଧା ଯୋଗାଇବାକୁ ଜିଲ୍ଲା ପ୍ରଶାସନ ତତ୍କାଳ ହସ୍ତକ୍ଷେପ କରିବାକୁ ସାଧାରଣ ମଧ୍ୟରୁ ଦାବି ଉଠିଛି ।



## ବଳକା ଖାଦ୍ୟଖାଇ ଆଦିବାସୀଲୋକେ ଅସୁସ୍ଥ

**ଭଣ୍ଡାରିପୋଖରୀ, ୧୯।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଭଣ୍ଡାରିପୋଖରୀ ବ୍ଲକର ମୋବାରକପୁର ଗେଙ୍ଗୁଟିଆ ଆଦିବାସୀ ବସ୍ତି ବାସିନ୍ଦା ବଳକା ଭୋଜି ଖାଦ୍ୟ ସେବନ କରି ମଙ୍ଗଳବାର ଅସୁସ୍ଥ ହୋଇ ପଡିଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ଆକ୍ରାନ୍ତ ଅର୍ଜ୍ଜୁନ ମୁଣ୍ଡା(୬୧)ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ଜଣାଯାଇଛି। ଆକ୍ରାନ୍ତ ହୋଇଥିବା ଅର୍ଜ୍ଜୁନ ପତ୍ନୀ ଶକୁନ୍ତଳା ଚିକିତ୍ସିତ ହୋଇ ଘରକୁ ବୁଧବାର ଫେରିଥିବା ଜଣାଯାଇଛି। ଆକ୍ରାନ୍ତ ହୋଇଥିବା ଗ୍ରାମର ଅନ୍ୟ ୧୮ ଜଣ କ୍ରମେ ସୁସ୍ଥ ହେଉଛନ୍ତି । ପରିସ୍ଥିତି ନିୟନ୍ତ୍ରଣାଧିନ ଅଛି ବୋଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକ୍ଷକ ଡାକ୍ତର ସରୋଜ କୁମାର ରାଉଳ ସୂଚନା ଦେଇଛନ୍ତି । ଡାକ୍ତର ରାଉଳଙ୍କ ନେତୃତ୍ୱରେ ଡା. ଆଦିତ୍ୟ କୁମାର ସାହୁ, ବିପିଏମ ରଶ୍ମିରେଖା ପୃଷ୍ଟି ପ୍ରମୁଖ ଗ୍ରାମକୁ ଯାଇ ଆକ୍ରାନ୍ତଙ୍କୁ ଚିକିତ୍ସା କରିବା ସହ ବ୍ଲିଚିଂ ପାଉଡର ଦ୍ୱାରା



ଶୋଧନ ବ୍ୟବସ୍ଥା କରିଥିଲେ। ନଳକୂପ ଆଦି ପାନୀୟ ଜଳ ଉତ୍ସଗୁଡିକୁ ମଧ୍ୟ ବିଶୋଧନ କରାଯାଇଛି। ଜିଲ୍ଲା ସଂକ୍ରାମକ ରୋଗ ବିଷେଶଜ୍ଞ ପାର୍ଥସାରଥି ନାୟକ ଆଦିବାସୀ ବସ୍ତିକୁ ଆସି ପରିସ୍ଥିତି ଅନୁଧାନ କରିବା ସହ ଆକ୍ରାନ୍ତଙ୍କ କାରଣ, ସ୍ୱାସ୍ଥ୍ୟାବସ୍ଥା ଓ ଚିକିତ୍ସା ସମ୍ପର୍କରେ ଅନୁଧାନ କରିଛନ୍ତି। ସାହିରେ ମେଡିକାଲ ଦଳ ମୁତୟନ ରହିଛନ୍ତି। ଏଠାରେ ପ୍ରକାଶ ଯୋଗ୍ୟ ଯେ ପାଟୁଳିର ଜନୈକ ବ୍ୟକ୍ତି ସୋମବାର ଭୋଜିର ବଳକା ଖାଦ୍ୟ ଆଦିବାସୀ ବସ୍ତି ଲୋକଙ୍କୁ ବିତରଣ କରିଥିଲେ। ଏହି ଖାଦ୍ୟ ଗ୍ରହଣ କରିବା ପରେ ସାହିର ବହୁ ଲୋକ ଆକ୍ରାନ୍ତ ହୋଇ ମଙ୍ଗଳବାର ଅପରାହ୍ନରୁ ପେଟ କାଟିବା, ନାଳଝାଡା ହେବା ଭଳି ରୋଗରେ ପୀଡିତ ହୋଇଥିଲେ। ସେମାନଙ୍କ ମଧ୍ୟରୁ କେତେକ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲେ। ମଙ୍ଗଳବାର ସନ୍ଧ୍ୟାରୁ ଗ୍ରାମରେ ସ୍ଥାନୀୟ ମେଡିକାଲ ଦଳ ପହଞ୍ଚି ଚିକିତ୍ସା ଆରମ୍ଭ କରିଥିଲେ। ବୁଧବାର ସ୍ଥିତିରେ ସୁଧାର ଆସିଥିବା ଜଣାଯାଇଛି ।

## ମାଙ୍କଡ଼ା ବୋଝେଇ ଟ୍ରକ ଜବତ, ଚାଳକ ଫେରାର

**ଖୋର୍ଦ୍ଧା, ୧୯।୨ : ଏକ୍ସପ୍ରେସ୍ ନ୍ୟୁଜ୍**

୧୬ ନମ୍ବର ଜାତୀୟ ରାଜପଥ ତୋଟାପଡା ଛକଠାରେ ମାଙ୍କଡ଼ା ପଥର ବୋଝେଇ ଏକ ଟ୍ରକ (ଓଆର -୧୬ ଡ଼ି ୨୯୬୧)କୁ ଖୋର୍ଦ୍ଧା ଅତିରିକ୍ତ ତହସିଲଦାର ଡ଼ି ଗୋପାଳ ରେଡ଼ି ଅଟକାଇ ଯାଞ୍ଚ ବେଳେ ଗାଡ଼ି ଡ୍ରାଇଭର ଗାଡ଼ିରୁ ଡେଇଁ ଗାଡ଼ି ଛାଡି ଦୌଡ଼ି ପଳେଇଗଲା । ଗାଡ଼ିରେ ମାଙ୍କଡ଼ା ପଥର ଲଦା ଯାଇଥିବା ଦେଖିବାକୁ ମିଳିଥିଲା । ଶ୍ରୀ ରେଡ଼ି ଗାଡ଼ି ଟିକୁ ଜବତ କରି ଖୋରଧା ତହସିଲ କାର୍ଯ୍ୟାଳୟକୁ ଆଣିଥିଲେ । ସୂଚନା ମୁତାବକ ପ୍ରତିଦିନ ବେଆଇନ ଚୋରା ମାଙ୍କଡ଼ା, ମୋରାମ, କଳା ମୁଗୁନି ପଥର ବୋଝେଇ ଶହଶହ ଟ୍ରକ, ଟ୍ରାକ୍ଟର ବିଭିନ୍ନ ସ୍ଥାନକୁ ଚାଲାଣ କରୁଥିବା ବେଳେ ଖଣି ବିଭାଗ ନିରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହେଉଛି । ବେଳେ ବେଳେ ଚଢ଼ାଉ କରି ଗୋଟେ ଦୁଇଟା ଗାଡ଼ି ଧରି ବାହାବା ନେଇ କାମ ସାରିଦେଉଛନ୍ତି । ଲୁଟ ଲଘୁ ଖଣିଜ ସମ୍ପଦ ସମ୍ପର୍କରେ ପଚାରିବାରୁ ଲୁଟକୁ ବରଦାସ୍ତ କରାଯିବ ନାହିଁ ଚୋରକୁ ରୋକିବା ଲାଗି ସବୁବେଳେ ଚଢ଼ାଉ କରାଯିବ ବୋଲି ଅତିରିକ୍ତ ତହସିଲଦାର କହିଛନ୍ତି । ଜିଲ୍ଲା ପ୍ରଶାସନ ପକ୍ଷରୁ ନିଆଯାଇଥିବା ନିଷ୍ପତ୍ତି ଅନୁସାରେ ରାଜସ୍ୱ ବିଭାଗ ଅଧିକାରୀ ଅତିରିକ୍ତ ତହସିଲଦାର ଦୁଇଦିନ ତଳେ ମଳିପଡ଼ା ମାଙ୍କଡ଼ା ଖଣି ଉପରେ ଚଢ଼ାଉ କରି ଗୋଟିଏ ଟ୍ରକ, ଚାରୋଟି ମଟର ସାଇକେଲ, ଗୋଟିଏ ସାଇକେଲ ଖଣିରୁ ଜବତ କରି ତହସିଲ କାର୍ଯ୍ୟାଳୟ କୁ ଆଣିଥିଲେ । ଏପରିକି ଏହି ଚୋରା ଖଣିଜ ସମ୍ପଦ ବୋଝେଇ ଗାଡିଗୁଡ଼ିକ ରାସ୍ତାରେ ଦ୍ରୁତଗତିରେ ଯାତାୟାତ କରୁଥିବ ବେଳେ ବିଭିନ୍ନ ସମୟରେ ଅଘଟଣ ଘଟାଉଛନ୍ତି । ଖୋରଧାରେ ଚୋରା ମାଙ୍କଡ଼ା, ମୋରମ ଗାଡ଼ି ଜବତକୁ ନେଇ ଚୋରା ଖଣି ମାଫିଆଙ୍କ ଉପରେ ଜୋରଦାର ପ୍ରଭାବ ପଡିଛି ବୋଲି ସାଧାରଣରେ ଖୋଲାଖୋଲି ଆଲୋଚନା ହେଉଛି ।

## ବିଦ୍ୟୁତ ଆଘାତରେ ମହିଳା ମୃତ୍ୟୁ

**ପୁରୁଷୋତ୍ତମପୁର, ୧୯।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ରାଣୀ ଗାଁ ଗ୍ରାମରେ ଏକ ଅଘଟଣ ଘଟି ମହିଳାଙ୍କର ମୃତ୍ୟୁ ହୋଇଯାଇଛି ମୃତ ମହିଳାଜଣଙ୍କ ହେଲେ ସ୍ଥାନୀୟ ଗ୍ରାମର ନିବେଦିତା ସାହୁ(୩୨) । ନିବେଦିତା ବୁଧବାର ସକାଳେ ଗାଧେଇବା ପାଇଁ ୱାଟର ହିଟ୍ ଲଗାଇଥିଲେ । କୌଣସି କାରଣବଶତଃ ବିଦ୍ୟୁତ ଆଘାତ ଲାଗି ଥିଲା ତାଙ୍କୁ ପୁରୁଷୋତ୍ତମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା ବେଳେ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ । ଶବ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ମେଡିକାଲକୁ ପଠାଯାଇଛି । ସ୍ୱାମୀ ସୁଧାଂଶୁ ସାହୁଙ୍କର ଏତଲାକୁ ଭିତ୍ତି କରି ପୁରୁଷୋତ୍ତମପୁର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି ।

## ମହୁମାଛି ଆକ୍ରମଣରେ ଛାତ୍ରୀ ଆହତ

**ଭଣ୍ଡାରିପୋଖରୀ : ଏକ୍ସପ୍ରେସ୍ ନ୍ୟୁଜ୍**

ଭଣ୍ଡାରିପୋଖରୀ ବ୍ଲକ ଦକ୍ଷିଣବାଡ ପଞ୍ଚାୟତ ହାଟଡିହି ଗ୍ରାମର ହାଇଲେବୁଲ କେନାଲ ରାସ୍ତାରେ ମହୁମାଛି ଆକ୍ରମଣରେ ଜଣେ ବାଟୋଇଙ୍କ ସମେତ ଛାତ୍ରୀମାନେ ଆହତ ହୋଇଥିବା ଜଣାଯାଇଛି। ଗ୍ରାମର ଠାକୁରାଣୀ ନିକଟ ଗଛରେ ହୋଇଥିବା ମହୁଫେଣାରୁ ମାଛିମାନେ ଉଡି ବିଦ୍ୟାଳୟକୁ ଯାଉଥିବା ଛାତ୍ରୀ ଓ ବାଟୋଇଙ୍କୁ ବୁଧବାର ୧୦ଟା ବେଳେ ଆକ୍ରମଣ କରିଥିଲେ। ଏହି ଘଟଣାରେ ୩ ଜଣ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇ ଘରକୁ ଫେରିଥିବା ଜଣାଯାଇଛି।

# ପାନୀୟ ଜଳ ପ୍ରକଳ୍ପ କେଉଁ କାମକୁ?

**ହିନ୍ଦୋଳ, ୧୯।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଏନ୍‌ଏସି ୧୩ ନଂ ୱାର୍ଡ ରାଜ ମହୋନପୁର ଗ୍ରାମ ସ୍ଥିତ ରାଶି ପାଳ ଉଚ୍ଚ ବିଦ୍ୟାଳୟ ଓ ରାଜ ମହୋନପୁର ଉପ୍ରା ବିଦ୍ୟାଳୟ ସମ୍ମୁଖ ଭାଗରେ ମୁଖ୍ୟ ରାସ୍ତା ପାର୍ଶ୍ୱକୁ ଥିବା ପାନୀୟ ଜଳ ପ୍ରକଳ୍ପଟି ଦୀର୍ଘ ୬ ବର୍ଷରୁ ଉର୍ଦ୍ଧ୍ୱ ହେବ ପରିତ୍ୟକ୍ତ ଅବସ୍ଥାରେ ବନ୍ଦ ହୋଇ ପଡ଼ିରହିଥିବାରୁ ଏହା କେଉଁ କାମକୁ ବୋଲି ଏବେ ୱାର୍ଡବାସୀଙ୍କ ମନରେ ପ୍ରଶ୍ନ ଉଙ୍କି ମାରିଚି । ଉଲ୍ଲେଯୋଗ୍ୟ ଯେ ବିଗତ ତା ୯-୭-୨୦୧୮ ମସିହାରେ ତତ୍କାଳୀନ ଢେଙ୍କାନାଳ ଲୋକ ସଭା ସାଂସଦ ତଥାଗତ ଶତପଥୀଙ୍କ କର କମଳରେ ପ୍ରକଳ୍ପଟି ଜନ ହିତରେ ଉତ୍ସଗ ହୋଇ ଥିଲା । ପ୍ରକଳ୍ପ ମଧ୍ୟରେ ଫିଜର ବ୍ୟବସ୍ଥା ଥିବାରୁ ଉଭୟ ପାଇପ ଯୋଗେ ଥଣ୍ଡା ଓ ସାଧାରଣ ବିଶୁଧ ଜଳ ଯୋଗାଣ ଆରମ୍ଭ ହୋଇ ଥିଲାଛ ପ୍ରଥମେ ଏନ୍ ଏ ସି ପକ୍ଷରୁ ଏହାକୁ ଠିକ୍ ଭବେ ପରିଚାଳନା ଓ ଦେଖା ଶୁଣା କରାଯିବାରେ ଏହା ଜଳ ଯୋଗାଣ ସେବା ଯୋଗାଇ ପାରିଥିଲା । ପ୍ରାୟ ୨୦୨୦ ମସିହା ଠାରୁ ପରିଚାଳନା ଗତ ତ୍ରୁଟି ଯୋଗୁଁ ସମୟେ ସମୟେ ଏହା ଜଳ ଯୋଗାଣ ସେବା ଦେଇ ପାରି ନଥିଲା । ତା' ପର ଠାରୁ ସ୍ଥାନୀୟ ପ୍ରଶାସନ ଓ ନେତାଙ୍କ ଅଣ ଦେଖା ଯୋଗୁଁ ଏହା ସମ୍ପୂର୍ଣ୍ଣ ଭାବେ ପରିତ୍ୟକ୍ତ ଅବସ୍ଥାରେ ବନ୍ଦ ହୋଇ ପଡ଼ି ରହିଛି । ଏବେ ଏହାକୁ କିଏ ମରାମତି କରି ସଚଳ କରିବ ପ୍ରଶ୍ନବାଚି ସୃଷ୍ଟି ହୋଇଛି । ସରକାରୀ ଅର୍ଥରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ଏଭଳି ଜନ ହିତକର ପ୍ରକଳ୍ପ ବନ୍ଦ ହୋଇ ପଡ଼ି ରହିବାକୁ ସାଧାରଣରେ ନିନ୍ଦା କରାଯାଇଛି । ସ୍ଥାନୀୟ ପ୍ରଶାସନ ଓ ଲୋକ ପ୍ରତିନିଧି ଏଥି ପ୍ରତି ଯନ୍‌ବାନ ହେବାକୁ ସାଧାରଣରେ ଦୃଢ଼ ଦାବି ହେଉଛି ।



## ସୁନା ବ୍ୟବସାୟୀଙ୍କୁ ଗୁଳି କରି ୫୦ଲକ୍ଷ ଲୁଟ୍

**ନୀଳଗିରି, ୧୯।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ବାଲେଶ୍ୱର ଜିଲ୍ଲା ନୀଳଗିରିରେ ଦିନକୁଦିନ ବଢିଚାଲିଛି ଚୋରି, ରାହାଜାନୀ, ଚୋରା ଖଣିଜସମ୍ପଦ ହେଉଛି ଲୁଟ । ସୂଚନା ମୁତାବକ ନୀଳଗିରି ଥାନା ଅଧୀନ କୁଳିଗଡି ଗ୍ରାମର କୃପାସିନ୍ଧୁ ରଣାଙ୍କର ( ୫୨) ସନ୍ତରାଗଡିଆ ବଜାରରେ ସୁନାଗହଣା ଦୋକାନ କରିଥିବା ବେଳେ ରାତିରେ ଦୋକାନ ବନ୍ଦ କରି ସାଥିରେ ଦୋକାନରେ ଥିବା ସୁନାଗହଣା ଓ ଟଙ୍କା ନେଇ ଘରକୁ ନିଜର ସ୍କୁଟିରେ ଯାଉଥିଲେ । ୪ଜଣ ଦୁର୍ବୃତ୍ତ ନିକଟସ୍ଥ ଡ଼ାକ୍ତରଖାନା ଛକରୁ ବାଇକ ଯୋଗେ କୃପାସିନ୍ଧୁଙ୍କ ପିଛା କରି ତାଙ୍କ ନିକଟରେ ଥିବା ପ୍ରାୟ ୫୦ ଲକ୍ଷ ଟଙ୍କା ମୂଲ୍ୟର ସୁନାଗହଣା ବ୍ୟାଗ ଛଡାଇ ନେବା ସହିତ ତାଙ୍କ ଉପରକୁ ଦୁର୍ବୃତ୍ତମାନେ ଗୁଳି ମାଡ଼ କରିଥିଲେ । ହେଲେ ଗୁଳିମାଡ଼ରୁ ଅଳ୍ପେକ ବର୍ତ୍ତି ଯାଇଥିଲେ କୃପାସିନ୍ଧୁ । ଦୁର୍ବୃତ୍ତମାନେ ସୁନାଗହଣା ଓ ଟଙ୍କା ଥିବା ବ୍ୟାଗକୁ ନେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ଛିନତାଇ ଖବର ପାଇ ନୀଳଗିରି ପୋଲିସ ଆଇଆଇସି ଗୋବର୍ଦ୍ଧନ ନାୟକ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତନାଘନା ଆରମ୍ଭ କରିବା ସହିତ କୃପାସିନ୍ଧୁଙ୍କ ଉପରକୁ ଗୁଳିମାଡ କରିଥିବାର ଖୋକା ଜବତ କରିଥିଲେ । ଅନ୍ୟପକ୍ଷରେ ଈଶ୍ୱରପୁର ଫାଣ୍ଡିରେ ଅଧିକାରୀ ପଦ ପ୍ରାୟ ଏକମାସ ଖାଲି ପଡ଼ିଥିବା ଯୋଗୁ ଏହାର ଫାଇଦା ଉଠାଉବା ସହ ଅଧିକ ଅପରାଧ ଘଟୁଛି ବୋଲି କହିଛନ୍ତି ସ୍ଥାନୀୟ ଅଞ୍ଚଳବାସ । ତୁରନ୍ତ ବାଲେଶ୍ୱର ଜିଲ୍ଲା ଏସପି ଈଶ୍ୱରପୁର ଫାଣ୍ଡିରେ ନୂତନ ଅଧିକାରୀ ଯୋଗଦାନ କରିବା ପାଇଁ ଦାବୀ ଜଣାଇଛନ୍ତି ।

## ପ୍ରଶାସନିକ ଅଧିକାରୀଙ୍କ ଉଦ୍ୟମ ଯୋଗୁ ଦୁଇ ଗ୍ରାମର ବିବାଦ ତୁଟିଲା

**ସାକ୍ଷୀଗୋପାଳ, ୧୯।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ମୂଳଅଳସା ପଞ୍ଚାୟତର ବଗୁଲାପାରି ଓ ତେନ୍ତୁଳିଆ ଗ୍ରାମ ମଧ୍ୟରେ ନାରାୟଣୀ ମନ୍ଦିରକୁ ନେଇ ଦିର୍ଘଦିନ ଧରି ଲାଗିରହିଥିବା ବିବାଦର ସମାଧାନ, ସତ୍ୟବାଦୀ ତହସିଲଦାରଙ୍କ କାର୍ଯ୍ୟାଳୟ ସଭା ଗୃହରେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଥିଲା । ଘଟଣାସ୍ଥଳରେ ତୀବ୍ର ଉତ୍ତେଜନା ଯୋଗୁ ଦୁଇ ଗ୍ରାମ ମଧ୍ୟରେ ପୋଲିସ ମୁତୟନ ରହିଥିଲେ । ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ



ସତ୍ୟବାଦୀ ପୋଲିସ ପକ୍ଷରୁ ଦୁଇ ଗ୍ରାମର ୧୨୦ରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ନାମରେ ନୋଟିସ ଦିଆଯାଇଥିଲା । ସତ୍ୟବାଦୀ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶାନ୍ତି କମିଟି ବୈଠକରେ ଏସଡିପିଓ ଦେବାଶିଷ ମିଶ୍ର, ସତ୍ୟବାଦୀ ଥାନା ଭାରପ୍ରାପ୍ତ ନିରୀକ୍ଷକ ସୌମ୍ୟରଞ୍ଜନ ମହାଳିକ, ପଞ୍ଚାୟତ ସମିତି ଅଧକ୍ଷ ସୁନୀଲ ପଣ୍ଡା, ଜିଲ୍ଲାପରିଷଦ, ସ୍ଥାନୀୟ ସରପଞ୍ଚ, ସମିତିସଭ୍ୟଙ୍କ ସହିତ ଦୁଇ ଗ୍ରାମର ପ୍ରମୁଖ ମୁରବିମାନେ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ବୈଠକରେ ଆଲୋଚନା ପରେ ଦୁଇ ଗ୍ରାମବାସୀ ପୂର୍ବ ବିବାଦକୁ ଭୁଲି ଭାଇଚାରା ବଜାୟ ରଖି ମନ୍ଦିରକୁ ନେଇ କୌଣସି ବିବାଦ ନକରି ଚଳିବେ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ ଦୁଇ ଗ୍ରାମବାସୀ ନିଜ ନିଜ ମଧ୍ୟରେ ହାତ ମିଳାଇବା ସହ ଆଉ କୌଣସି ବିବାଦ ନକରିବା ପାଇଁ ପ୍ରାଶାସନକୁ ପ୍ରତିଶ୍ରୁତି ଦେଇଥିଲେ ।

# ତୁମୁଣି ଗାଁ ବିକାଶରେ ବାଧକ ପ୍ରଶାସନିକ ସ୍ଥାଣୁତା

**କାଳିଆପାଣି, ୧୯।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ନଗଡ଼ା ପଡ଼ୋଶୀ ତୁମୁଣି ଗାଁ ବିକାଶରେ ବାଧକ ସାଜିଛି ପ୍ରଶାସନିକ ସ୍ଥାଣୁତା । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସବୁ ମାନଦଣ୍ଡ ପୂରଣ କରୁଥିବା ସତ୍ତ୍ୱେ ଆବାସରୁ ବଞ୍ଚିତ ଗରିବ ଜୁଆଙ୍ଗମାନେ ନିଜସ୍ୱ ଉଦ୍ୟମରେ ଘର ତୋଳୁଛନ୍ତି । ଯାଜପୁର ଜିଲ୍ଲା ସୁକିନ୍ଦା ବ୍ଲକ ଚିଙ୍ଗୁଡ଼ିପାଳ ପଞ୍ଚାୟତର ଏହି ଗାଁରେ ସମସ୍ତ ୨୧ଯାକ ମୂଳ ପରିବାର ଆଦିମ ଜନଜାତି ବର୍ଗଭୁକ୍ତ ଏବଂ ଗରିବ ଓ ବିପିଏଲ୍ ତାଲିକାଭୁକ୍ତ । ଦୈତାରୀ ସୁରକ୍ଷିତ ଜଙ୍ଗଲର ଫରେଷ୍ଟ ବ୍ଲକ-୨୭ ରେ ୫୦ ବର୍ଷ ତଳୁ ଅତି ଦୟନୀୟ ଭାବେ ଗଢ଼ି ଉଠିଥିବା ଏହି ବସ୍ତିରେ ଲୋକେ ଆରମ୍ଭରୁ ଝାଟିମାଟି ଘରେ ରହି ଆସୁଛନ୍ତି । ପଡ଼ୋଶୀ ନଗଡ଼ାର ୭୫ ପରିବାର ପାଇଁ ଖଣି ପ୍ରଭାବିତ ବିଜୁ ପକ୍କାଘର ଯୋଜନାରେ ୨୦୧୭ ମସିହାରୁ ଘର ନିର୍ମାଣ ସରିଛି ।

ଅନ୍ୟତମ ପଡ଼ୋଶୀ ଗୁହିଆଶାଳ ମେଜାର ୨୬ ଜୁଆଙ୍ଗ ପରିବାର ଲାଗି ଗତବର୍ଷରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କାଘର ନିର୍ମାଣ ଜାରି ରହିଛି । ସମାନ ଯୋଜନାରେ ପାହାଡ଼ ତଳ ଅଶୋକଝର ଜୁଆଙ୍ଗ ବସ୍ତିର ୨୦ ପରିବାର ଉପକୃତ ହୋଇଛନ୍ତି । ୨୦୧୭ ମସିହାରୁ ଗାଁର ୨୧ ଜଣ ପରିବାର ମୁଖ୍ୟଙ୍କ ନାଁରେ ଜଙ୍ଗଲ ଜମି ଅଧିକାର ଆଇନ(୨୦୦୬) ଆଧାରରେ ସ୍ଥାୟୀ ଜମିପଟ୍ଟା ରହିଛି । ହେଲେ ଏହି ଜାଗା କିମ୍ବା ଜମି ସେମାନେ ଏଯାବତ୍ ଦେଖିନଥିବା କିମ୍ବା ସେମାନଙ୍କ ଉପସ୍ଥିତିରେ ଚିହ୍ନଟ ହୋଇନଥିବା ଗାଁର ୨ ମୁଖିଆ ମିଟୁ ପ୍ରଧାନ ଓ କାଳିଆ ପ୍ରଧାନ କହନ୍ତି । ଗାଁକୁ ସଡ଼କ ନଥିବା ଦର୍ଶାଇ ପ୍ରଶାସନ ତୁମୁଣିବାସୀଙ୍କୁ ଆବାସ ଯୋଜନାରୁ ଦୂରେଇ ରଖିଥିବା ସାଧାରଣରେ ଅଭିଯୋଗ ହୋଇଛି ।

୫ଟି ପାହାଡ଼ ଯାଜପୁର ଜିଲ୍ଲା ଦକ୍ଷିଣପାର୍ଶ୍ୱ ଢେଙ୍କାନାଳ ସୀମାନ୍ତ କାଳିଆତଳ, ପଶ୍ଚିମରେ କମ୍ପାରୁଣି, ସାତକୁଳିଆ, ଦେଓଗାଁ ଓ କଙ୍କଡ଼ାଗୋଡ଼ି ମଧ୍ୟବର୍ତ୍ତୀ ସମତଳ ଭୂମିରେ ରହିଛି ତୁମୁଣି ଗାଁ । ଦେଓଗାଁ ମେଜା ବାହାଳିସାହି ଗାଁ ମୁଣ୍ଡରୁ ପଶ୍ଚିମ ଦିଗକୁ ୩ କିଲୋମିଟର ପାହାଡ଼ ଚଢ଼ି ତୁମୁଣି ଯାଇହେବ । ସେହିପରି ନଗଡ଼ା ଉପକଣ୍ଠ ନାଳିଆଡାବରୁ ସାତକୁଳିଆ ପାହାଡ଼ର ଗୁଳାବାଟରେ ସମାନ ବାଟ ଅତିକ୍ରମ କରି ତୁମୁଣି ଗାଁ ଯିବାକୁ ହୋଇଥାଏ । ବନ ବିଭାଗ ପକ୍ଷରୁ ନାଳିଆଡାବରୁ ତୁମୁଣିକୁ ବନ ସଡ଼କ ନିର୍ମାଣ ପାଇଁ ୨ ବର୍ଷ ତଳୁ ନିଆଯାଇଥିବା ପଦକ୍ଷେପ କେବଳ ବୋଲଡର ସଂଗ୍ରହରେ ସୀମିତ ରହିଛି । ଏହି ବାଟରେ ଗାଁକୁ ନିର୍ମାଣ ସାମଗ୍ରୀ (ବାଲି, ଚିପ୍ସ, ଲୁହାଛଡ଼ ଓ ସିମେଣ୍ଟ) ପରିବହନ ଅତ୍ୟନ୍ତ କଷ୍ଟକର ବ୍ୟାପାର ଓ ବ୍ୟୟ ବହୁଳ ।

୨୦୧୫ ମସିହା ମାର୍ଚ୍ଚ ୨୦ ତାରିଖରେ ଘଟିଥିବା ଅଗ୍ନିକାଣ୍ଡରୁ ଗାଁର ସବୁ ଘର ପୋଡ଼ି ଯାଇଥିଲା । ଗାଁରୁ ଅଧ କିଲୋମିଟର ଦୂର ଏକାଧିକ ଚୁଆରେ ଜଳଉତ୍ସ ଥିବାରୁ ବହୁ ପାହାଡ଼ର ମଧ୍ୟସ୍ଥ ଏହି ଗାଁରେ ଅଗ୍ନିକାଣ୍ଡ ହେଲେ ଏଥିରୁ ବର୍ତ୍ତିବା ସହଜ ନୁହେଁ । ଗାଁର ଉତ୍ସାହୀ ଯୁବକ ବନ ବିଭାଗରେ ଠିକା ଶ୍ରମିକ, ଆଖପାଖରେ ମୂଲମଜୁରି ଓ ଆଉ କିଛି ଦାଦନ ଖଟିବାକୁ ଯାଇଛନ୍ତି । ଉପାର୍ଜିତ ଅର୍ଥରୁ ଅଗ୍ନି ନିର୍ବାପନ ବ୍ୟବସ୍ଥା ଥିବା ଆଜବେସଷ୍ଟସ ଘର ତିଆରି ପାଇଁ ଅଣ୍ଟା ଭିଡ଼ିଛନ୍ତି । ବରିଷ୍ଠ ନାଗରିକ ମଧୁ ପ୍ରଧାନ ଓ ବରଜୁ ପ୍ରଧାନ ଏବଂ ୫ ଜଣ ଯୁବକ ଟାଙ୍ଗରା ପ୍ରଧାନ, ଭଜନା ପ୍ରଧାନ, ସୁବନ ପ୍ରଧାନ, ମଧୁ ପ୍ରଧାନ ଓ ନାଣ୍ଡୁ ପ୍ରଧାନ ନିଜସ୍ୱ ଉଦ୍ୟମ ଓ ପାରିଶ୍ରମିକରେ ଘର ନିର୍ମାଣ କାର୍ଯ୍ୟରେ ଲାଗିଛନ୍ତି । ସଂଘବଦ୍ଧ ଭାବେ କାଳିଆପାଣି ବଜାରରୁ ଆଜବେସଷ୍ଟସ ଓ ଆନୁଷଙ୍ଗିକ ସାମଗ୍ରୀ କିଣି ମିନିଟ୍ରକ୍‌ରେ ନାଳିଆଡାବ ଆଣିବା ପରେ ସଂପର୍କୀୟଙ୍କ ସହଯୋଗରେ ପାହାଡ଼ି ଗୁଳା ବାଟରେ ଗାଁକୁ ଭାରରେ ଆଜବେସଷ୍ଟସ ବୋହିଥିଲେ । ଏ ସଂପର୍କରେ ବିଡିଓ ପ୍ରଜ୍ଞା ପରିମିତା ପୃଷ୍ଟିଙ୍କୁ ପଚାରିବାରେ ତୁମୁଣି ଗାଁକୁ ଗମନାଗମନ ବ୍ୟବସ୍ଥା ନଥିବାରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟକାରୀ ହୋଇପାରୁନଥିବା କହିଥିଲେ ।



ଏଆଇ ଯଦି ଏକ ଦୁର୍ନୀତିମୁକ୍ତ ଭାରତବର୍ଷ ଗଢ଼ିପାରିବ, ଯେଉଁଠି ଚାଇନା ମାଲକୁ ଆମ ଉଦ୍ଭାବନ କହିବାର ସାହସ ଭାରତୀୟମାନେ କରିପାରିବେନି ତା'ହେଲେ ଜାଣିବା ଏଆଇର ପ୍ରକୃତ ପ୍ରୟୋଗ କରାଯାଇପାରିଛି, ଉପଯୁକ୍ତ ଭାବରେ ଏଆଇକୁ କାମରେ ଲଗାଯାଇପାରିଛି । ଏଆଇ ନିଶ୍ଚିତ ଭାବରେ ଏ ସମୟର ଏକ ଉନ୍ନତ ଉଦ୍ଭାବନ । କିନ୍ତୁ ପ୍ରଶ୍ନ ଉଠୁଛି ଏହାକୁ କେତେ ନିଷ୍ଠାର ସହ ଉପଯୁକ୍ତ ଭାବରେ, ଉପଯୁକ୍ତ ଢଙ୍ଗରେ କେଉଁ କେଉଁ କ୍ଷେତ୍ରରେ ବ୍ୟବହାର କରାଯାଇପାରିବ ଏବଂ ଏଆଇ ପରାମର୍ଶକୁ କେତେ ଭଲଭାବେ ମଣିଷ ପ୍ରୟୋଗରେ ଲଗାଇପାରିବ ସେଇଟା ହିଁ ମୂଳ ପ୍ରଶ୍ନ ।

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ ଭୁବନେଶ୍ୱର | ୨୦ ଫେବୃଆରୀ, ୨୦୨୬ | ଶୁକ୍ରବାର

ଓଡ଼ିଶା ଏକ୍ସପ୍ରେସ୍

## ଏଆଇକୁ ଲଜ୍ଜା ନିବାରଣ କାମରେ ଲଗାଯାଉ

ଦିଲ୍ଲୀରେ ଚାଲିଛି ଏଆଇ ସମ୍ମିଳନୀ । ଯେଉଁମାନେ ଏ ବିଷୟରେ ଅଧିକ ଜାଣନ୍ତି ସେମାନେ କହୁଛନ୍ତି– ଏମିତି କୌଣସି ପ୍ରଶ୍ନ ନାହିଁ ଯାହାର ଉତ୍ତର ଏଆଇ ଦେଇନପାରିବ । ଧର୍ମଠାରୁ ଆରମ୍ଭ କରି ଆଜିର ଦୁନିଆର ସବୁ ଟିକିନିକି ତଥ୍ୟ ରହିଛି ତା' ପାଖରେ । ଏଆଇ ବୁଦ୍ଧିମତାକୁ କାମରେ ଲଗାଇ ଯେଉଁ ରୋବର୍ଟ ତିଆରି କରାଯାଉଛି ସେଗୁଡ଼ିକ ମଣିଷମାନଙ୍କଠାରୁ ଆହୁରି ନିର୍ଭୁଲ ଭାବରେ ସେମାନଙ୍କ ଦକ୍ଷତା ପ୍ରତିପାଦିତ କରିପାରୁଛନ୍ତି । ସଂସାରର ଛୋଟମୋଟ ସମସ୍ୟାର ସମାଧାନ ସୂତ୍ର ଏବଂ ପରାମର୍ଶ ମଧ୍ୟ ଏଆଇ ଦେଇପାରୁଛି ।

ଏଆଇ ସମ୍ମିଳନୀ ଅବସରରେ ଏକ ଲଜ୍ଜାଜନକ ଖବର ପ୍ରକାଶ ପାଇଛି । ସେଇ ଖବରଟି ପଢ଼ିବା ପରେ ମନେହେଲା– ଭାରତରୁ ଦୁର୍ନୀତି ଦୂର କରିବା କାମରେ ଏଆଇ ଜ୍ଞାନକୌଶଳକୁ ଯଦି ବ୍ୟବହାର କରାଯାଇପାରନ୍ତା ତା'ହେଲେ ଆମ ଦେଶର ଅନେକ ଦୁର୍ନାମ ଦୂର ହୋଇପାରନ୍ତା ।

ଆସନ୍ତୁ ଜାଣିବା ଖବରଟି କ'ଣ–

ଏଆଇ ସମ୍ମିଳନୀରେ ଯୋଗ ଦେଇଥିବା ଗ୍ରେଟର ନୋଏଡ଼ାର ଗଲଗୋଟିୟା ବିଶ୍ୱବିଦ୍ୟାଳୟ ଚାଇନା ଜିନିଷକୁ ନିଜର ବୋଲି କହି ଏଆଇ ସମ୍ମିଳନୀରେ ଭାଗ ନେଇଥିଲା । ବିଶେଷ କରି ଚାଇନିଜ ରୋବଟିକ୍ ଡଗ୍‌କୁ ବିଶ୍ୱବିଦ୍ୟାଳୟ ନିଜର ବୋଲି କହି ବାହାବା ନେଉଥିଲା । ଏକଥା ଜଣାପଡ଼ିବା ପରେ ଉକ୍ତ ବିଶ୍ୱବିଦ୍ୟାଳୟକୁ ତୁରନ୍ତ ସମ୍ମିଳନୀରୁ ତଡ଼ି ଦିଆଯାଇଛି । ସମ୍ମିଳନୀରେ ଲାଗିଥିବା ଏ ବିଶ୍ୱବିଦ୍ୟାଳୟର ଷ୍ଟଲ୍‌କୁ ହଟାଇ ଦିଆଯାଇଛି । ବିବାଦ ଘନଉଥିବାରୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏ ବାବଦରେ କ୍ଷମାପ୍ରାର୍ଥନା କରିଛନ୍ତି ।

ପ୍ରଶ୍ନ ଉଠିପାରେ– ଯେଉଁ ବିଶ୍ୱବିଦ୍ୟାଳୟ ନିଜର ପରିଚୟକୁ ଅନ୍ୟମାନଙ୍କ ଆଗରେ ଉଚ୍ଚା ଦେଖାଇବା ପାଇଁ ଏବଂ ନିଜ ଛାତ୍ରଛାତ୍ରୀମାନଙ୍କ ବୁଦ୍ଧିମତାକୁ ଅନ୍ୟମାନଙ୍କ ଆଗରେ ଗର୍ବର ସହ ଦେଖାଇବାର ପ୍ରୟାସରେ ଚାଇନା ଉଦ୍ଭାବନକୁ ନିଜର ବୋଲି କହିପାରନ୍ତି ସେ ବିଶ୍ୱବିଦ୍ୟାଳୟ ଯେ ନିଜର ସୁନାମ ପାଇଁ ପ୍ରତିଟି ଛାତ୍ରଛାତ୍ରୀଙ୍କୁ ମେଧାବୀ କରାଇ ନିଜ ବିଶ୍ୱବିଦ୍ୟାଳୟ ପ୍ରତି ଏକ ନକଲି ଆକର୍ଷଣ ସୃଷ୍ଟି କରାଉନଥିବେ ଏଭଳି ସମ୍ଭାବନାକୁ କ'ଣ ଏଡ଼େଇ ଦେଇ ହେବ? ବିଶ୍ୱବିଦ୍ୟାଳୟର ଏଭଳି ଆଚରଣ ବିଶ୍ୱବିଦ୍ୟାଳୟର ସ୍ୱଚ୍ଛତା ଏବଂ ପିଲାଙ୍କ ପ୍ରଦର୍ଶନ ଉପରେ ସନ୍ଦେହ ଯେ ସୃଷ୍ଟି କରିବ ଏ ସମ୍ଭାବନାକୁ ଏଡାଇଦେଇ ହେବନି । ଏହାଦ୍ୱାରା ସେ ବିଶ୍ୱବିଦ୍ୟାଳୟ ପ୍ରକୃତ ମେଧାବୀ ଛାତ୍ରଛାତ୍ରୀମାନଙ୍କ ପରିଚୟ ଏବଂ ଦକ୍ଷତା ଉପରେ ଆଞ୍ଚ ଆସିପାରେ ।

ହଁ, ଆମେ ଅସଲ କଥାକୁ ଆସିବା– ଯଦି ଏଆଇ ସବୁ କରିପାରୁଛି, ଏଭଳି ଏକ ଜ୍ଞାନକୌଶଳକୁ ଆମେ ଦୁର୍ନୀତି ନିର୍ବାରଣ କ୍ଷେତ୍ରରେ ଲଗାଇପାରିବା କି? ଏଆଇ ତ ନିଶ୍ଚେ କହିପାରିବ– କେଉଁ ମନ୍ତ୍ରୀ, କେଉଁ ବିଧାୟକ ଏବଂ ଅଧିକାରୀ ଦୁର୍ନୀତି ଗ୍ରସ୍ତ? ନିର୍ବାଚନ ଲଢ଼ିବା ପୂର୍ବରୁ ପ୍ରାର୍ଥୀଙ୍କୁ ଯଦି– ଏଆଇର ଯୋଗ୍ୟତା ସାର୍ଟିଫିକେଟ ପଇଠ କରିବାର ପ୍ରାବଧାନ ରଖାଯାଆନ୍ତା ତା'ହେଲେ ବୋଧେ ଅପରାଧିକ ମାମଲା ଥିବା କିମ୍ବା ଦୁର୍ନୀତି ପ୍ରବଣତା ଥିବା ପ୍ରାର୍ଥୀମାନଙ୍କୁ ନାକଚ କରାଯାଇପାରନ୍ତା, ଯଦି ଆମେ ଗ୍ରହଣ କରୁଛେ ଏ ଏଆଇ ସବୁ କରିପାରିବ ବୋଲି ।

ଏଆଇ ଯଦି ଏକ ଦୁର୍ନୀତିମୁକ୍ତ ଭାରତବର୍ଷ ଗଢ଼ିପାରିବ, ଯେଉଁଠି ଚାଇନା ମାଲକୁ ଆମ ଉଦ୍ଭାବନ କହିବାର ସାହସ ଭାରତୀୟମାନେ କରିପାରିବେନି ତା'ହେଲେ ଜାଣିବା ଏଆଇର ପ୍ରକୃତ ପ୍ରୟୋଗ କରାଯାଇପାରିଛି, ଉପଯୁକ୍ତ ଭାବରେ ଏଆଇକୁ କାମରେ ଲଗାଯାଇପାରିଛି ।

ଏଆଇ ନିଶ୍ଚିତ ଭାବରେ ଏ ସମୟର ଏକ ଉନ୍ନତ ଉଦ୍ଭାବନ । କିନ୍ତୁ ପ୍ରଶ୍ନ ଉଠୁଛି ଏହାକୁ କେତେ ନିଷ୍ଠାର ସହ ଉପଯୁକ୍ତ ଭାବରେ, ଉପଯୁକ୍ତ ଢଙ୍ଗରେ କେଉଁ କେଉଁ କ୍ଷେତ୍ରରେ ବ୍ୟବହାର କରାଯାଇପାରିବ ଏବଂ ଏଆଇ ପରାମର୍ଶକୁ କେତେ ଭଲଭାବେ ମଣିଷ ପ୍ରୟୋଗରେ ଲଗାଇପାରିବ ସେଇଟା ହିଁ ମୂଳ ପ୍ରଶ୍ନ ।

# ଦେଶରେ ବଢୁଛି ପୁରୁଷ ନିର୍ଯାତନା



**ଜିଜ୍ଞାସା**

**ନିରଞ୍ଜନ ଶତପଥୀ**

ଆମ ସମାଜରେ ବିବାହ ବନ୍ଧନ ଏକ ପବିତ୍ର ବନ୍ଧନ । ବୈବାହିକ ଜୀବନ ଏକ ସୁଖୀ ଜୀବନ । ଏହି ବିବାହ ପ୍ରଥା କେଉଁ ଆଦିମ କାଳରୁ ବିଶ୍ୱରେ ପ୍ରଚଳିତ ହୋଇଆସିଲାଣି ତାହା କେହି ସଠିକ୍ ଭାବରେ କହିପାରିବେ ନାହିଁ । ପ୍ରଖ୍ୟାନ ସାହିତ୍ୟିକ ସୁରେନ୍ଦ୍ର ମହାନ୍ତିଙ୍କ ଭାଷାରେ 'ବିବାହ ବିଧି ନିର୍ଦ୍ଦିଷ୍ଟ' । ଯେତେ କନ୍ୟା ସେତେ ବର ପ୍ରତି କଥାରେ କୁହାଯାଇଥାଏ । ଲୋକମାନେ ବିବାହ କରି ନୂଆ ସଂସାର ଗଢ଼ିଥାନ୍ତି । ନିଃସଙ୍ଗ ଜୀବନ ଜୀବନର ପଦବାଚ୍ୟ ନୁହେଁ, ପ୍ରତ୍ୟେକ ମଣିଷର ଜୀବନ ସାଥୀଟିଏ ଆବଶ୍ୟକ ହୋଇତାଏ । ବିବାହ ପରେ ମଣିଷର ଆରମ୍ଭ ହୁଏ ନୂଆ ଜୀବନ । ଭବିଷ୍ୟତ ଜୀବନକୁ ଉଜ୍ଜ୍ୱଳମୟ କରିବା ପାଇଁ ସମସ୍ତେ ଉଦ୍ୟମ କରିଥାନ୍ତି । ଯେଉଁ ପରିବାରେ ସ୍ୱାମୀ–ସ୍ତ୍ରୀ ମଧ୍ୟରେ ଉତ୍ତମ ସମ୍ପର୍କ ଥାଏ ସେ ପରିବାର ସୁଖମୟ ହୋଇଥାଏ । ସେଠାରେ କୌଣସି ଦୁଃଖ, କଷ୍ଟ, ନିର୍ଯାତନା ନଥାଏ । ପୂର୍ବକାଳରେ ଲୋକମାନେ ଆର୍ଥିକ ଦୁର୍ବଳ ଥବଲେ ମଧ୍ୟ ପାରିବାରିକ ଜୀବନ ସୁଖଶାନ୍ତିରେ ଅତିବାହିତ ହେଉଥିଲା । କିନ୍ତୁ ବର୍ତ୍ତମାନ ସମାଜ ସମ୍ପୂର୍ଣ୍ଣ ବଦଳି ଯାଇଛି । ଯୌଥ ପରିବାରଟିଏ ଆଉ ସମାଜରେ ଦୃଷ୍ଟିଗୋଚର ହେଉନାହିଁ । ଅଶାନ୍ତି ଅସନ୍ତୋଷ ଲାଗି ରହିଛି । ବିବାହର ପରିଭାଷା ବଦଳି ଗଲାଣି । ପୁତ୍ର–କନ୍ୟା ବିବାହ ଯୋଗ୍ୟ ହେଲେ ପିତାମାତାଙ୍କର ଚିନ୍ତା ବଢ଼େ । ସେମାନଙ୍କ ବିବାହ ପାଇଁ ସେମାନେ ଖୁବ୍ ତତ୍ପର ହୋଇ ଉଠନ୍ତି । ଏଥିପାଇଁ ଜଣେ ମଧ୍ୟସ୍ଥିବା ମିଡିଏଟରର ଖୋଜା ଚାଲେ । ତାଙ୍କରି ମାଧ୍ୟମରେ ବିବାହ କାର୍ଯ୍ୟ ସୁସମ୍ପନ୍ନ ହୋଇଥାଏ । ଏଥିରେ ବର–କନ୍ୟାଙ୍କ ଉଭୟ ପକ୍ଷର କୌଣସି ଅସୁବିଧା ସୃଷ୍ଟି ହୋଇନଥାଏ । ଉଭୟ ପକ୍ଷ ଖୁସିଥିବା ପରି ଜଣାଯାଏ । ସେ ସମୟରେ କୁଳବଧୂମାନେ ପରିବାର ନୀତିନିୟମ ମାନି ଚଳୁଥିଲେ । ସେମାନେ ପରିବାର ଶୃଙ୍ଖଳା ରକ୍ଷା କରିବାରେ ସହାୟତା ପ୍ରଦାନ କରୁଥିଲେ । ଭାତୃଭାବରେ ଅଭାବ ନଥିଲା । ସରକାରୀ, ବେସରକାରୀ ସଂସ୍ଥାମାନଙ୍କରେ ଯେପରି ପରିଚାଳନା ନିର୍ଦ୍ଦେଶକ ନିଯୁକ୍ତି ପାଇ କାର୍ଯ୍ୟ କରିଥାନ୍ତି । ଠିକ୍ ସେହିପରି ଗୋଟିଏ ପରିବାରରେ ଜଣେ ମହିଳା ପରିବାରର ପରିଚାଳନା ନିର୍ଦ୍ଦେଶିକା ଭାବରେ କାର୍ଯ୍ୟ କରିଥାନ୍ତି । ପରିବାରର ଉନ୍ନତି ଓ ଅବନତି କେବଳ ଏହି ମହିଳାମାନଙ୍କ ଉପରେ ହିଁ ନିର୍ଭର କରିଥାଏ । ବାସ୍ତବରେ ମହିଳାମାନେ ହେଉଛନ୍ତି ପରିବାରରେ ଲକ୍ଷ୍ମୀ ସଦୃଶ । ସେ ସମୟରେ ମହିଳାମାନେ ଅବହେଳିତ ଅବସ୍ଥାରେ ଚାରିକାନ୍ଥର ଆବଦ୍ଧ ଗୃହରେ ବାସ କରୁଥିଲେ । ବର୍ତ୍ତମାନ ଆଉ ଦେଶରେ ସେପରି ଅବସ୍ଥା ନାହିଁ । ସମାଜରେ ବିରାଟ ପରିବର୍ତ୍ତନ ଦେଖାଦେଇଛି । ଏହି ପରିବର୍ତ୍ତିତ ପରିସ୍ଥିତି ଦେଇ ଗତି କରିବାକୁ ପଡୁଛି । ସମାଜରେ ମହିଳାମାନଙ୍କ ଉନ୍ନତି ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ସମୟରେ ବିଭିନ୍ନ ପ୍ରକାର ଯୋଜନା ପ୍ରଣୟନ କରି କାର୍ଯ୍ୟକାରୀ କରୁଛନ୍ତି ।

ମହିଳାମାନଙ୍କ ମଧ୍ୟରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ସୁରକ୍ଷା ପ୍ରଭୃତି ବିଷୟଗୁଡ଼ିକ ଉପରେ ସର୍ବାଧିକ ଗୁରୁତ୍ୱ ପ୍ରଦାନ କରାଯାଉଛି । ମହିଳାମାନେ ଆଉ ପୂର୍ବପରି ଘରର ଚାରିକାନ୍ଥ ମଧ୍ୟରେ ଆବଦ୍ଧ ହୋଇ ରହିନାହାନ୍ତି । ପୁରୁଷମାନଙ୍କ ସହିତ ସମାନ ସୁବିଧା ସୁଯୋଗ ଉପଭୋଗ କରୁଛନ୍ତି । ମହିଳାମାନଙ୍କର ଉନ୍ନତି ନ ଘଟିଲେ ଦେଶର ଉନ୍ନତି ହୋଇପାରିବ ନାହିଁ ବୋଲି କୁହାଯାଉଛି। ତେଣୁ ମହିଳାମାନଙ୍କ ଉନ୍ନତି ପାଇଁ ସରକାର ତତ୍ପର ହୋଇ ଉଠିଛନ୍ତି । ସେମାନଙ୍କୁ ଆର୍ଥିକ ସମର୍ଥନ କରିବା ପାଇଁ ବର୍ତ୍ତମାନ ଆମର ଲୋକପ୍ରିୟ ସରକାର ସୁଭଦ୍ରା ନାମକ ଏକ ନୂଆ ଯୋଜନା ଆରମ୍ଭ କରିଛନ୍ତି । ଏହି ଯୋଜନା ଅନୁସାରେ ପ୍ରତ୍ୟେକ ମହିଳା ପାଞ୍ଚବର୍ଷ ମଧ୍ୟରେ ପଚାଶ ହଜାର ଟଙ୍କା ଆର୍ଥିକ ସହାୟତା ପାଇପାରିବେ । ସମସ୍ତ ପ୍ରକାର ବ୍ୟବସ୍ଥା ସତ୍ତ୍ୱେ ମହିଳାମାନେ ନିଜକୁ ସୁରକ୍ଷିତ ମଣୁନାହାନ୍ତି । ଅନେକ ମହିଳାଙ୍କୁ ନିର୍ଯାତନାର ଶିକାର ହେବାକୁ ପଡୁଛି । ଖବରକାଗଜ ପୃଷ୍ଠା ଖୋଲିଲେ ଏହି ବଧୂ ନିର୍ଯାତନା ମାମଲା ଦୈନନ୍ଦିନ ଦେଖିବାକୁ ମିଳୁଛି । ଅନେକ ସ୍ଥାନରେ ବଧୂ ହତ୍ୟା ଘଟଣାଗୁଡ଼ିକ ଘଟୁଥିବାର ଶୁଣିବାକୁ ମିଳୁଛି । ନାରୀ ସୁରକ୍ଷା ଦିଗରେ ଅଧିକ ଗୁରୁତ୍ୱ ପ୍ରଦାନ କରାଯାଉଛି । ମହିଳା ଆଇନ୍ ପ୍ରଣୟନ କରାଯାଇଛି, ପୁରୁଷମାନଙ୍କ ଅପେକ୍ଷା ମହିଳାମାନେ ଅଧିକ ସୁରକ୍ଷିତ । ପାରିବାରିକ କ୍ଷେତ୍ରରେ ମଧ୍ୟ ମହିଳାମାନେ ଅଧିକ କ୍ଷମତାଶାଳୀ । ମହିଳା ଆଇନ୍‌କୁ ମହିଳାମାନେ ଦୁରୁପଯୋଗ ନକରି ଯଥାଯଥ ଭାବେ କାର୍ଯ୍ୟରେ ଲଗାଇବା ଉଚିତ୍ । ଅନେକ କ୍ଷେତ୍ରରେ ଏହାର ବ୍ୟତିକ୍ରମ ଘଟୁଛି । କେତେକ ପରିବାରରେ ପାରିବାରିକ ହିଂସା ସୃଷ୍ଟି ହୋଇ ଅଶାନ୍ତି ଅସନ୍ତୋଷ ସୃଷ୍ଟି ହେଉଛି । କେତେକ ମହିଳା ଏହି ମହିଳା ଆଇନ୍‌କୁ ଦୁରୁପଯୋଗ କରୁଛନ୍ତି ।

ଝିଅଟିଏ ବିବାହ ପରେ ଶାଶୁ ଶ୍ୱଶୁରଙ୍କ ପାଖରେ ନରହି ସ୍ୱାମୀ ପାଖରେ ଜୀବନ ଅତିବାହିତ କରିବା ପାଇଁ ଅଧିକ ପସନ୍ଦ କରୁଛି । ଶାଶୁ ଶ୍ୱଶୁରଙ୍କ ସେବା ବଧୂମାନଙ୍କ ଆଉ କର୍ତ୍ତବ୍ୟରେ ଗଣ୍ୟ ହେଉନାହିଁ । କେତେକ ବିବାହିତ ମହିଳା ସ୍ୱାମୀଙ୍କୁ ହାତମୁଠାରେ ରଖି ନିଜର ସ୍ୱାର୍ଥ ହାସଲ କରୁଥିବାର ଶୁଣିବାକୁ ମିଳୁଛି । ସମାଜରେ ଧର୍ମ କର୍ମ ସବୁ ହଜିଗଲାଣି । ଭୟ ଓ ହତାଶ ଭାବ ସୃଷ୍ଟି ହେଲାଣି ।

ଅନେକ ପୁରୁଷ ମଧ୍ୟ ମହିଳାମାନଙ୍କୁ ଭୟ କରୁଛନ୍ତି । ମହିଳାମାନଙ୍କ ସୁରକ୍ଷା ତଥା ନିରାପତ୍ତା ପାଇଁ ମହିଳା ଆଇନ୍‌କୁ ଅଧିକ ଗୁରୁତ୍ୱ ଦିଆଯାଉଛି । ଆମ ଦେଶରେ ଅନେକ ବିବାହିତ ପୁରୁଷ ନିର୍ଯାତିତ ଜୀବନ ବିତାଉଥିବାର ଶୁଣିବାକୁ ମିଳୁଛି । କେତେକ ଝିଅ ବିବାହ ପରେ ସ୍ୱାମୀମାନଙ୍କୁ ନିଜର ହାତମୁଠାରେ ରଖିବାକୁ ଚେଷ୍ଟା କରି ସଫଳ ହୋଇଥାନ୍ତି । ସେମାନେ ଶାଶୁ ଶ୍ୱଶୁରଙ୍କ ଆଦେଶ, ଉପଦେଶ ଅପେକ୍ଷା ନିଜର ପିତାମାତାଙ୍କ ଆଦେଶ ଉପଦେଶକୁ ଅଧିକ ଗୁରୁତ୍ୱ ଦେଇଥାନ୍ତି । ଯାହାଫଳରେ ପାରିବାରିକ ଅଶାନ୍ତି ବୃଦ୍ଧି ପାଇଥାଏ । ଆମ ଦେଶରେ ଅନେକ ପିତାମାତା ସେମାନଙ୍କ ପୁତ୍ରବଧୂ ନିକଟରେ ଶେଷ ଜୀବନ ଅତିବାହିତ କରିବାକୁ ପସନ୍ଦ କରିନଥାନ୍ତି । ସେମାନଙ୍କ ଶେଷବିଶ୍ରାମ ସ୍ଥଳ ବୃଦ୍ଧାଶ୍ରମ ହୋଇଥାଏ । ପୂର୍ବରୁ କେବଳ ପିତୃମାତୃହୀନ ଅସହାୟକ ବାଳକ ଓ ବାଳିକାମାନେ ଅନାଥ ଆଶ୍ରମରେ ଆଶ୍ରୟ ନେଉଥିଲେ। କିନ୍ତୁ ବର୍ତ୍ତମାନ ସମୟରେ ପିତାମାତାମାନେ ପିଲାଛୁଆ ଜନ୍ମ ଦେଇ ସେମାନଙ୍କୁ ଲାଳନ ପାଳନ କରି ଉଚ୍ଚଶିକ୍ଷିତ କରାଉଛନ୍ତି । ଏଥିପାଇଁ ସେମାନଙ୍କୁ କେତେ କଷ୍ଟ, ଯନ୍ତ୍ରଣା ଓ ନିର୍ଯାତନା ସହ୍ୟ କରିବାକୁ ପଡ଼ିଥା, । ପୁତ୍ରଟିଏ ଉଚ୍ଚଶିକ୍ଷିତ ହୋଇ ବିବାହ କରିବା ପରେ ପିତାମାତାଙ୍କ ତ୍ୟାଗ ଭୁଲିଯାଏ । ଶେଷରେ ଅନେକ ପିତାମାତା ବୃଦ୍ଧାଶ୍ରମରେ ରହି ଜୀବନ ଅତିବାହିତ କରିଥାନ୍ତି । ଅନେକ ପିତାମାତାଙ୍କୁ ମଧ୍ୟ ନିର୍ଯାତନାର ଶିକାର ହେବାକୁ ପଡ଼ିଥାଏ । ପୁଅ ବିବାହ କରିବା ପରେ ପିତାମାତାଙ୍କ ତ୍ୟାଗ ଭୁଲିଯାଏ । ଶେଷରେ ଅନେକ ପିତାମାତା ବୃଦ୍ଧାଶ୍ରମରେ ରହି ଜୀବନ ଅତିବାହିତ କରିଥାନ୍ତି । ଅନେକ ପିତାମାତାଙ୍କୁ ମଧ୍ୟ ନିର୍ଯାତନାର ଶିକାର ହେବାକୁ ପଡ଼ିଥାଏ । ପୁଅ ବିବାହ କରି ନିଜ ଘରକୁ ବୋହୂଟିଏ ଆଣିଥାଏ । ଅନେକ ଆଶା ଭରସାର ସୁନେଲି ସ୍ୱପ୍ନରେ ବିଭୋର ହୋଇପଡ଼େ । ସମସ୍ତଙ୍କର ଆଶା ପୂର୍ଣ୍ଣ ହୋଇତାଏ । ଅନେକ ପିତାମାତାଙ୍କର ଆଶା ନିରାଶାରେ ପରିଣତ ହୋଇଥାଏ । ଜୀବନ ଯନ୍ତ୍ରଣାରେ ପରିଣତ ହୋଇଯାଏ । ଏ ଦୋଷ କାହାର? ଅନେକ ଶାଶୁ ଶ୍ୱଶୁରମାନେ ନିଜର ପୁତ୍ରବଧୂଙ୍କୁ ଭଲରେ ମନ୍ଦରେ କିଛି କହିବାକୁ ସାହସ କରିପାରୁନାହାନ୍ତି । ସେମାନଙ୍କ ମଧ୍ୟରେ ଏହି ମହିଳା ଆଇନ୍‌କୁ ଭୟ ରହୁଛି । ବର୍ତ୍ତମାନ ବିପରୀତ ହୋଇଗଲାଣି । ସବୁକିଛିର ଏକ ବିରାଟ ପରିବର୍ତ୍ତନ ଘଟିଯାଇଛି । ଏହି ପରିବର୍ତ୍ତିତ ପରିସ୍ଥିତି ସହ ତାଳ ମିଳାଇ ଚାଲିବାକୁ ପଡୁଛି ।

ବର୍ତ୍ତମାନ ସମଗ୍ର ଦେଶରେ ପୁରୁଷ ନିର୍ଯାତନା ସଂଖ୍ୟା ବଢ଼ିବଢ଼ି ଚାଲିଛି । ପାରିବାରିକ କଳହ ସୃଷ୍ଟି ହେଉଛି । ଦେଶରେ ଏମିତି ପରିବାର ନାହାନ୍ତି ଯେଉଁଠିକି ଛୋଟ ବଡ଼ କଳହ ସ୍ୱାମୀସ୍ତ୍ରୀ ମଧ୍ୟରେ ହେଉନାହିଁ । ସ୍ୱାମୀ–ସ୍ତ୍ରୀ କଳହ ଏକ ସାଧାରଣ ଘଟଣା । ଅନେକ କ୍ଷେତ୍ରରେ ଏହି ଛୋଟବଡ଼ କଳହ ଉଗ୍ର ରୂପ ନେଉଛି । ଶେଷରେ ବିବାହ ବିଚ୍ଛେଦ ଭଳି ଘଟଣା ମଧ୍ୟ ଘଟିଯାଉଛି । ଅନେକ ବିବାହିତ ପୁରୁଷ ନିର୍ଯାତନାର ଶିକାର ହୋଇ ମାନସିକ ଭାରସାମ୍ୟ ହରାଇ ବସୁଛନ୍ତି । ଆଉ କେତେକ ପୁରୁଷ ସହ୍ୟ କରିନପାରି ଆତ୍ମହତ୍ୟା କରିବାକୁ ପଛାଉ ନାହାନ୍ତି । ବିବାହିତ ପୁରୁଷମାନଙ୍କ ମଧ୍ୟରୁ ଅଧିକାଂଶ ନିର୍ଯାତିତ ହେଉଥିବାର ଜଣାଯାଇଛି । ଗତ ୨୦୧୪ ମସିହା ଡିସେମ୍ବର ମାସରେ ବେଙ୍ଗାଲୁରୁର ଜନୈକ ଇଞ୍ଜିନିୟର ଅତୁଲ ସୁବାସ ନିର୍ଯାତନାର ଶିକାର ହୋଇ ଆତ୍ମହତ୍ୟା କରିଥିବା କଥା ଗଣମାଧ୍ୟମରୁ ଜଣାପଡ଼ିଥିଲା । ଏହି ଦୁଃଖଦ ଘଟଣା ଘଟିଯିବା ପରେ ଆମ ଦେଶରେ ବିବାହିତ ପୁରୁଷମାନେ କିପରି ନିର୍ଯାତିତ ଜୀବନ ଅତିବାହିତ କରୁଛନ୍ତି । ତାହା ଜଣା ପଡ଼ିଛି । ଆମ ଦେଶରେ ଲକ୍ଷ ଲକ୍ଷ ସଂଖ୍ୟାର ବିବାହିତ ପୁରୁଷ ଓ ସେମାନଙ୍କ ପରିବାରବର୍ଗଙ୍କୁ ମିଥ୍ୟା ଯଉତୁକ ଓ ଘରୋଇ ହିଂସା ମାମଲା ଜନିତ କେରାଯାଇ ନିର୍ଯାତନା ଦିଆଯାଉଛି । ଏହି ଇଞ୍ଜିନିୟର ଅତୁଲ ସୁବାସଙ୍କ ଆତ୍ମହତ୍ୟା ପରେ ସୁପ୍ରିମ୍‌କୋର୍ଟରେ ଦାୟର ଏକ ଜନସ୍ୱାର୍ଥ ମାମଲାରେ ଲକ୍ଷାଧିକ ବିବାହିତ ପୁରୁଷଙ୍କ ନିର୍ଯାତନା ମାମଲା ବିଚାରାଧୀନ ରହିଥିବାର ଆମେ ଖବରକାଗଜରୁ ପଢ଼ିବାକୁ ପାଉଛୁ । ଏହା ଅତ୍ୟନ୍ତ ଦୁଃଖର ବିଷୟ । ଏହି ବିବାହିତ ନିର୍ଯାତିତ ପୁରୁଷମାନେ ଅତ୍ୟଧିକ ମାନସିକ ଚାପରେ ପଡ଼ି ଆତ୍ମହତ୍ୟା ଭଳି ଏକ ଜଘନ୍ୟ କାର୍ଯ୍ୟ କରିବାକୁ ଚିନ୍ତା କରୁଛନ୍ତି । ବିବାହ ସମୟରେ ଯଉତୁକ ଦେବା ଓ ନେବା ଏକ ଦଣ୍ଡନୀୟ ଅପରାଧ ଭାବରେ ବର୍ଣ୍ଣନା କରାଯାଇଛି । ବିବାହିତ ମହିଳାମାନଙ୍କୁ ଯଉତୁକ ଓ ନିର୍ଯାତନାରୁ ରକ୍ଷା କରିବା ପାଇଁ ଯଉତୁକ ବିରୋଧ ଆଇନ୍ ପ୍ରଣୟନ କରାଯାଇଛି । ଏହି ଆଇନ୍‌କୁ ବିବାହିତ ମହିଳାମାନେ ପୁରୁଷମାନଙ୍କୁ ନିର୍ଯାତନା ଦେବା ପାଇଁ ଏକ ଅମୋଘ ଅସ୍ତ୍ର ଭାବରେ ବ୍ୟବହାର କରୁଛନ୍ତି । ବିବାହିତ ପୁରୁଷ ଯେତେ ପ୍ରଭାବଶାଳୀ ହେଲେ ମଧ୍ୟ ଦବିଯିବା ସ୍ୱାଭାବିକ । ବାସ୍ତବରେ ଯଦି ଜଣେ ବିବାହିତ ମହିଳାକୁ ଯଉତୁକ ଜନିତ ନିର୍ଯାତନା ମାମଲା ହେଉ ସବୁ ମାମଲା ସତ୍ୟ ଉପରେ ପର୍ଯ୍ୟବସିତ ହୋଇନପାରେ । ସ୍ୱାମୀ ଓ ସ୍ୱଶୁରଘର ପରିବାରଙ୍କୁ ନିର୍ଯାତନା ଦେବା ପାଇଁ ଏହି ଆଇନ୍‌କୁ ଏକ ଅମୋଘ ଅସ୍ତ୍ର ଭାବେ ବିବାହିତ ମହିଳା ବ୍ୟବହାର କରୁଛନ୍ତି । ଫଳରେ ପୁରୁଷମାନେ ନିର୍ଯାତିତ ଜୀବନ ବିତାଉଛନ୍ତି । ପୁରୁଷମାନଙ୍କ ନିର୍ଯାତନାକୁ କେହି ଗୁରୁତ୍ୱ ପ୍ରଦାନ କରୁନାହାନ୍ତି । କୌଣସି ବିଷୟରେ ସ୍ୱାମୀ ସ୍ତ୍ରୀ ମଧ୍ୟରେ ମତାନ୍ତର ଘଟିଲେ ସ୍ତ୍ରୀ ଏହି ମହିଳା ଆଇନ୍‌କୁ ଅସ୍ତ୍ର ରୂପେ ବ୍ୟବହାର କରୁଛନ୍ତି । ସବୁ ଦୋଷ ପୁରୁଷର ଏକଥା ମଧ୍ୟ ଠିକ୍ ନୁହେଁ । ଅନେକ ବିବାହିତା ମହିଳା ପରିବାରରେ ପ୍ରାଧାନ୍ୟ ବିସ୍ତାର କରି ଅଯଥା ଅଶାନ୍ତି ସୃଷ୍ଟି କରୁଥିବାର କୁହାଯାଉଛି । ଏହି ବିବାହିତା ମହିଳା ଯଉତୁକ ନିରୋଧ ଆଇନ୍‌ର ସହାୟତା ନେଇ କେବଳ ଯେ ତା'ର ସ୍ୱାମୀକୁ ନିର୍ଯାତନା ଦେଇନଥାଏ ତାହାର ଶ୍ୱଶୁର, ଶାଶୁ ଓ ପରିବାରର ଅନ୍ୟ ସଦସ୍ୟମାନଙ୍କୁ ମଧ୍ୟ ସଂପୃକ୍ତ କରିଥାଏ । ତେଣୁ ଏହି ଯଉତୁକ ନିରୋଧ ଆଇନ୍‌ର ଏପରି ଦୁରୁପଯୋଗ ରୋକିବା ବର୍ତ୍ତମାନ ସମୟରେ ଜରୁରୀ ମନେହୁଏ । ଆମ ସମାଜରେ ନାରୀ ନିର୍ଯାତନାକୁ ଯେପରି ଗୁରୁତ୍ୱ ଦିଆଯାଉଛି ପୁରୁଷ ନିର୍ଯାତନାକୁ ମଧ୍ୟ ଠିକ୍ ସେହିଭଳି ଗୁରୁତ୍ୱ ପ୍ରଦାନ କରାଗଲେ ପାରିବାରିକ ଜୀବନ ଖୁବ୍ ସୁଖମୟ ହୋଇପାରନ୍ତି । ଗୋଟିଏ ପରିବାରରେ ଉଭୟ ପୁରୁଷ ଓ ମହିଳାମାନଙ୍କର ଯେଉଁ ପବିତ୍ର କର୍ତ୍ତବ୍ୟ ରହିଛି ତାହା ଯଥାଯଥ ଭାବେ ପାଳନ କରାଗଲେ ପରିବାର ମଧ୍ୟରେ ଉପୁଜୁଥିବା ଏଭଳି ସମସ୍ୟା ବିଦୂରୀତ ହୋଇପାରନ୍ତା । ମହିଳାମାନଙ୍କ ଏହି ଯଉତୁକ ନିରୋଧ ଆଇନ୍‌ର ଦୁରୁପଯୋଗ ପୁରୁଷମାନଙ୍କର ଚିନ୍ତାର କାରଣ ହୋଇଛି । ଏହି ମହିଳା ଆଇନ୍‌କୁ ଭୟ କରି ଅଧିକାଂଶ ସ୍ୱାମୀ ତାଙ୍କ ସ୍ତ୍ରୀ କଥାରେ ପରିଚାଳିତ ହେବାକୁ ଅନିଚ୍ଛା ସତ୍ତ୍ୱେ ବାଧ ହେଉଛନ୍ତି । ଫଳରେ ପିତାମାତା ଓ ଆତ୍ମୀୟସ୍ୱଜନମାନଙ୍କ ପ୍ରତି ଅଣଦେଖା ମନୋଭାବ ସୃଷ୍ଟି ହେଉଛି । ପରିବାରରେ ଅଶାନ୍ତି ଅସନ୍ତୋଷର ନିଆଁ ଜଳୁଛି । ବିଶେଷ କରି କେତେକ ଉଚ୍ଚ ଶିକ୍ଷିତ ପରିବାରରେ ଘଟୁଛି । ଅଜାଗା ଘା' ଦେଖି ହୁଏ ନା ଅନ୍ୟକୁ ଦେଖାଇ ହୁଏ ନା ନ୍ୟାୟରେ ଅନେକ ପରିବାର ସବୁକଥା ଧୈର୍ଯ୍ୟର ସହିତ ସହିଥାନ୍ତି । ସମାଜରେ ଆତ୍ମମର୍ଯ୍ୟାଦା କ୍ଷୁଣ୍ଣ ନହେବାକୁ ଦେଇଥାନ୍ତି । ଅନେକ ସ୍ଥାନରେ ପାରିବାରିକ ବିବାଦକୁ ନେଇ ଛାଡ଼ପତ୍ର ବ୍ୟବସ୍ଥା ମଧ୍ୟ କାର୍ଯ୍ୟକାରୀ ହେଉଥିବାର ଶୁଣିବାକୁ ମିଳୁଛି । ପୁରୁଷ ନିର୍ଯାତନା ବର୍ତ୍ତମାନ ସମାଜରେ ଗୌଣ୍ୟ । ନାରୀ ନିର୍ଯାତନା ମୁଖ୍ୟ ପ୍ରସଙ୍ଗ ଭାବେ ଦେଖାଦେଇଛି । ବିଭିନ ଗଣମାଧ୍ୟମରେ ନାରୀ ନିର୍ଯାତନା ପ୍ରସଙ୍ଗ ଏକ ମୁଖ୍ୟ ପ୍ରସଙ୍ଗରେ ପରିଣତ ହେବାକୁ ବସିଛି । ସମାଜରେ ପୁରୁଷମାନଙ୍କ ନିର୍ଯାତନା ବଢ଼ିବାରେ ଲାଗିଛି । ପୁରୁଷଙ୍କ ନିର୍ଯାତନାକୁ ରୋକାଯିବା ପାଇଁ ଉଦ୍ୟମ ହେବା ଆବଶ୍ୟକ । ପୁରୁଷମାନଙ୍କ ପାଇଁ ଦୃଢ଼ ସଂଗଠନ ଗଠନ ହେବା ଆବଶ୍ୟକ । ଅନ୍ୟାୟ ଭାବରେ ପୁରୁଷମାନଙ୍କ ପ୍ରତି ହେଉଥିବା ଅତ୍ୟାଚାରକୁ ବିଚାରକୁ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ୍ ।

*କୁରୁଣ୍ଡି, ରାଜନଗର, କେନ୍ଦ୍ରାପଡ଼ା*
*ମୋ. ୮୯୧୭୨୧୩୦୭୩*

# ଲୋକସଭାର ବାଚସ୍ପତି ପଦବୀଟି ଅତି ଗାମ୍ଭିର୍ଯ୍ୟପୂର୍ଣ୍ଣ



**ଦୁନିଆର ହାଲ୍**

**ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି**

ଏମିତି କେବେ ଘଟିନଥିଲା, ଯେତେବେଳେ ବାଚସ୍ପତିଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆସି ଆଲୋଚନା ନହୋଇ ବେଶ କିଛିଦିନ ପାଇଁ ଲୋକସଭାର ଅଧିବେଶନ ସ୍ଥଗିତ ହୋଇ ରହିଛି । ଏହା ଅତି ଉଚ୍ଚ ପରମ୍ପରା ଯେତେବେଳେ ବାଚସ୍ପତି, ତାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆସିଥାଏ ଏବଂ ଏହା ଏପରି ପରିସ୍ଥିତି ଉପୁଜୁଛି ଯେ ବାଚସ୍ପତି ଲୋକସଭାରେ ସଭାପତିତ୍ୱ କରି ନଥାନ୍ତି । ଥରେ ଅନାସ୍ଥା ପ୍ରସ୍ତାବ ଆଲୋଚିତ ହୋଇଯାଇ ସଭ୍ୟ ସଭ୍ୟାମାନେ ତାଙ୍କର ମତାମତ ଦେଇ ଦିଅନ୍ତି, ତେବେ ବାଚସ୍ପତି ତାଙ୍କ ସ୍ଥାନକୁ ଫେରିଆସି ଲୋକସଭାରେ ସଭାପତିତ୍ୱ କରିଥାଆନ୍ତି । ଏ ପରିସ୍ଥିତିକୁ ମଧ୍ୟ ମନେ ରଖିବାକୁ ପଡିବ, ଯେତେବେଳେ ବାଚସ୍ପତିଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଗୃହୀତ ହେବନାହିଁ ।

ଏଥରକ ଯାହା ଘଟିଛି ବାଚସ୍ପତି ଏତେଦିନ ଲୋକସଭା ଅନୁଷ୍ଠିତ କରାଇ ନାହାନ୍ତି । ସେ ଘୋଷଣା କରିସାରିଛନ୍ତି ଯେ ଆସନ୍ତା ୯ ମାର୍ଚ୍ଚ ପର୍ଯ୍ୟନ୍ତ ଲୋକସଭାର ଅଧିବେଶନ ବନ୍ଦ ରହିବ । ସେଦିନ ହୁଏତ ଅଧିବେଶନରେ ଉପବାଚସ୍ପତି ଲୋକସଭାରେ ସଭାପତିତ୍ୱ କରିବେ । ଅନାସ୍ଥା ପ୍ରସ୍ତାବଟି କାର୍ଯ୍ୟକାରୀ ନହେଲେ ବାଚସ୍ପତି ଓମ ବିର୍ଲା ପୁଣି ତାଙ୍କ ଆସନକୁ ଫେରିଆସି ଲୋକସଭା ଅଧିବେଶନରେ ସଭାପତିତ୍ୱ କରିପାରିବେ । ଏତେ ଦିନ କାର୍ଯ୍ୟକ୍ରମକୁ ବଢାଇ ଦେଇ ଠିକ ହେଲା କି ଭୁଲ ହେଲା ତାହା ସରକାର ଓ ବିରୋଧୀ ଦଳମାନେ ସ୍ଥିର କରିବା କଥା । ଥରେ ବାଚସ୍ପତିଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆସିଲେ ତୁରନ୍ତ ସେ ବିଷୟରେ ଆଲୋଚନା ହୋଇ ଅନସ୍ଥା ପ୍ରସ୍ତାବର ଭାଗ ନିର୍ଦ୍ଧାରଣ କରାଯାଇ ପାରିଥାଆନ୍ତା ।

ସରକାର, ବିରୋଧୀ ଦଳମାନଙ୍କୁ, ବାଚସ୍ପତିଙ୍କୁ ମୁଁ ନ୍ୟୂନ କରି ଦେଖୁନାହିଁ । ସେମାନେ ଦେଶର ଅଭିଭାବକ ଓ ସମ୍ପଦ । ଯଦି ବାଚସ୍ପତି ଲୋସଭାର ସଭାପତିତ୍ୱ କରୁନାହାନ୍ତି, ତଥାପି ଦେଶ ପକ୍ଷରୁ ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରୁଛନ୍ତି । ଏହା କିପରି ସମ୍ଭବ ହେଉଛି ।

ବାଚସ୍ପତିଟି ଏପରି ପଦବୀ ଯେ ପଦବୀ ବିରୋଧରେ କିଛି କୁହାଯାଇ ପାରିବ ନାହିଁ ଏପରିକି ସେ ପଦବୀରେ ଯିଏ ଅବସ୍ଥାପିତ ହୋଇଥିବ, ତାଙ୍କ ବିରୋଧରେ କିଛି କହିହେବ ନାହିଁ । ଥରେ ଜଣେ ବାଚସ୍ପତି ନିର୍ବାଚିତ ହୋଇଗଲେ ସେ କୌଣସି ଦଳର ହୋଇନଥାନ୍ତି । ସେ ସବୁଦଳର ହୋଇ ଥାଆନ୍ତି। ସେଇ ପଦବୀରେ ବସି ଯେଉଁ ବିଚାର ପ୍ରକଟ କରିଥାଆନ୍ତି, ତାହା ସମସ୍ତଙ୍କୁ ଗ୍ରହଣୀୟ ହୋଇଥାଏ ।

ସ୍ୱର୍ଗତ ରବି ରାୟ, ଯିଏ ଏବେ ଦିବଂଗତ ହୋଇଗଲେଣି, ଥରେ କହୁଥିଲେ ଯେତେବେଳେ ରାଜୀବ ଗାନ୍ଧୀ ପ୍ରଧାନମନ୍ତ୍ରୀ ହେବାପାଇଁ ନିର୍ବାଚନ ଲଢୁଥାଆନ୍ତି ସତେବେଳେ ରାଜୀବ ଗାନ୍ଧୀ ତାଙ୍କୁ (ରବି ରାୟଙ୍କୁ) କହିଥିଲେ ଯେ ଏଥରକ ନିର୍ବାଚନରେ କଂଗ୍ରେସ ଦଳ ନିର୍ବାଚିତ ହୋଇ ସରକାର ଗଠନ କଲେ, ଆପଣ ବାଚସ୍ପତି ହେବେ ଓ ଆମ୍ଭେମାନେ ଯୁକ୍ତରାଜ୍ୟର ପରମ୍ପରା ସୃଷ୍ଟି କରିବା ବାଚସ୍ପତି କାହାର ହୋଇ ରହିବେ ନାହିଁ । ରବି ରାୟ ସେ ସମୟର ବାଚସ୍ପତି ଥିଲେ । ରାଜୀବ ଗାନ୍ଧୀ ତ ଦୁର୍ଘଟଣାରେ ମୃତ୍ୟୁବରଣ କଲେ, ରାଜୀବ ଗାନ୍ଧୀଙ୍କ ପ୍ରସ୍ତାବ ପ୍ରସ୍ତାବରେ ରହିଗଲା । ଯେଉଁ ବିଷୟଟି ନେଇ ଦ୍ୱନ୍ଦ୍ୱ ଉପୁଜିଛି, କିଏ ଠିକ କିଏ ଭୁଲ କହି ହେବନାହିଁ । ରାହୁଲ ଗାନ୍ଧୀ ସେ ବହିଟି ଦେଖାଇ ତାକୁ ଲୋକସଭାରେ ସେ ବହିଟିକୁ ଉପସ୍ଥାପିତ କରିବାର ଅଧିକାର ଅଛି ବୋଲି କହୁଛନ୍ତି । ସରକାର ଏପରି ଅପ୍ରକାଶିତ ବହିଟିକୁ ଏପରି ସ୍ତରକୁ ଆଣିବା ପାଇଁ ଚାହୁଁ ନଥାନ୍ତ । କଥାଟି ଗୋଳମାଳିଆ ହେଲାପରି ଜଣା ପଡୁଛି। ଏବେ ଏପରି ମତାମତ ସମ୍ମୁଖକୁ ଆସିଲାଣି ଯେ ଯଦି ଗୋଟିଏ ବହି ପ୍ରକାଶିତ ହେବାକୁ ଅଛି ତାହାଲେ ଲେଖକଙ୍କର ଅବସର ପରେ କୋଡିଏ ବର୍ଷ ବିତି ନଥିଲେ, ତାହା ପ୍ରକାଶ ପାଇପାରିବ ନାହିଁ । ଏସବୁ ଦ୍ୱନ୍ଦ୍ୱମୂଳକ କଥା। ଆମ୍ଭେମାନେ ସରକାରଙ୍କର ଓ ବିରୋଧୀଦଳମାନଙ୍କର ବିଜ୍ଞ ତା' ଉପରେ ନିର୍ଭର କରୁଛୁ ।

*ଜେଲରୋଡ଼, ଖୋର୍ଦ୍ଧା,*
*ମୋ ୯୪୩୭୩୦୨୪୧୭*

# ହେଲପ୍ ମାଗୁଛି ଷ୍ଟ୍ରିଟ ଲାଇନ ହେଲପ୍ ଲାଇନ

■ **ଗଙ୍ଗାଧର ସାମଲ** ■

ଧରନ୍ତୁ ଆପଣ ରାସ୍ତାରେ ଏକାକୀ ଯାଉଛନ୍ତି, ଆକସ୍ମିକ ଭାବେ ଆପଣଙ୍କ ସାମ୍ନାରେ କୌଣସି ଅପରାଧ ସଂଗଠିତ ହେଉଥିଲେ ତାହାଲେ କ'ଣ କରିବେ? ସରକାରଙ୍କ ବ୍ୟବସ୍ଥାରେ ଯାହା ରହିଛି ତାହାହେଲେ ସିଧାସଳଖ ଆପଣ କ୍ରାଇମ ୟୁନିଟକୁ ତତ୍କାଳ ଓ ଦୂରଭାଷ ମାଧ୍ୟମରେ ସୂଚନା ଦେଇପାରିବେ। ଆପଣଙ୍କ ମାତ୍ର ଗୋଟିଏ କଲ ଦ୍ୱାରା ପୋଲିସ ତୁରନ୍ତ ସଂଗଠିତ ଅଞ୍ଚଳରେ ଆପଣଙ୍କ ପାଖରେ ପହଞ୍ଚି ପାରିବ। ସେହିପରି ସବୁ ଆପି ଅଭିଯୋଗ ମଧ୍ୟ ପ୍ରଦାନ କରିବା ପାଇଁ ଯେ ଅଭିଯୋଗକାରୀଙ୍କୁ ଡିସିପିଙ୍କ କାର୍ଯ୍ୟାଳୟକୁ ଯିବାକୁ ପଡ଼ିବ ଏମିତି କିଛି ବାଧବାଧକତା ନାହିଁ । ଆପଣ ଚାହିଁଲେ ଆପଣଙ୍କ ଘରେ ମୋବାଇଲ ହ୍ୱାଟ୍ସଆପ୍‌ରେ ଏ ସମ୍ପର୍କିତ ଆପତ୍ତି ଅଭିଯୋଗ ମାମଲା ଦରଜ କରିପାରିବେ। ଆପଣଙ୍କ ଅଭିଯୋଗ ହ୍ୱାଟ୍ସଆପ୍ ଦ୍ୱାରା ହିଁ ଯଥେଷ୍ଟ। ପୋଲିସ ଆପଣଙ୍କ ଅଭିଯୋଗ ପାଇବା ପରେ ତଦନ୍ତ ଓ ପଦକ୍ଷେପ ନିଶ୍ଚିନ୍ତ ନିର୍ବାହ କରିବା କିନ୍ତୁ ବଡ଼ କଥା ହେଉଛି କଟକ ପରି ଏକ ବଡ଼ ସହରରେ ପୋଲିସ ବ୍ୟବସ୍ଥାର ଉପରୋକ୍ତ ଦୁଇଟି ଯାକ ବ୍ୟବସ୍ଥା ଏକରକମ ନିଦେଇ ଯାଇଛି। କହିବାକୁଗଲେ ଅଚଳ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଆଜିର ସମୟ ଡିଜିଟାଲ, ଅନଲାଇନ ଯୋଗାଯୋଗ ବ୍ୟବସ୍ଥାର ସମୟ। ଏପରି ଏକ ସମୟରେ ପୋଲିସ ପ୍ରଶାସନର ଜାରି କରିଥିବା ଦୁଇଟି ଯାକ ନମ୍ବର ବନ୍ଦ ହେବା ଏକ ଆଶ୍ଚର୍ଯ୍ୟକର କଥା।

ଠିକ ଦୁଇ ବର୍ଷ ତଳେ ଅର୍ଥାତ୍ ୨୦୨୪ ଫେବୃଆରୀ ମାସରେ ଅର୍ଥାତ୍ ସାଧାରଣ ନିର୍ବାଚନ ପୂର୍ବରୁ କଟକ ପୁଲିସ ପକ୍ଷରୁ ଆଉ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ନିଆଗଲା। ରାହାଜାନୀ, ନକଲି ପୁଲିସର ଠକେଇ ଘଟଣାବଢ଼ିବା ପରେ ପୁଲିସ ସହିତ ତୁରନ୍ତ ଯୋଗାଯୋଗ କରିବା ପାଇଁ ଏକ ହେଲ୍ପଲାଇନ ନମ୍ବର '୦୭୯୭୮୮୯୪୪୦୫' ଆରମ୍ଭ କରାଗଲା। ଷ୍ଟ୍ରିଟ କ୍ରାଇମ ପ୍ରିଭେନସନ ଆଣ୍ଡ ଡିଟେକସନ ୟୁନିଟରେ ଏହି ମୋବାଇଲ ନମ୍ବର ରହିଲା। ଲୋକେ ଫୋନ କଲା ମାତ୍ରେ ସୂଚନା ଆଧାରରେ ତୁରନ୍ତ କଂଟ୍ରୋଲ ରୁମ କାର୍ଯ୍ୟାନୁଷ୍ଠାନ ନେବାକୁ ସ୍ଥାନୀୟ ଥାନା ଓ ପିସିଆର ଭ୍ୟାନ ଏବଂ ବାଇକ ପିସିଆର ଆଲର୍ଟ କରୁଥିଲା। ଯେଉଁ କଲ ୧୧୨କୁ ଗଲେ କିଛି ପର୍ଯ୍ୟାୟରେ ଆସି ଥାନାରେ ପହଞ୍ଚୁଥିଲା ତାହା ସିଧାସଳଖ ପିସିଆର ପାଖରେ ପହଞ୍ଚିବାରୁ କାର୍ଯ୍ୟାନୁଷ୍ଠାନ ମଧ୍ୟ ତତକ୍ଷଣାତ ହେଲା । ତେଣୁ ସହରରେ ବିଭିନ୍ନ ଅପରାଧ ଓ ଅଘଟଣ ବିଷୟ ଜାଣି ଲୋକେ ସେହି ନମ୍ବରରେ ଜଣାଇଲେ । ମାତ୍ର ଏହି ନମ୍ବରର ପ୍ରଚାର ପ୍ରସାର ନ ହେବାରୁ ତାହା ସହରବାସୀ ଠିକ ଭାବେ କାମରେ ଲଗାଇଲେ ନାହିଁ । କିଛି ମାସ ପରେ ଉକ୍ତ ନମ୍ବରରେ ଆଉ କଲ ଆସିବା ବନ୍ଦ ହୋଇଗଲା । ଏବେ ଏହି ନମ୍ବର ଚାଲୁଛି କି ନାହିଁ ତାହା ଲୋକ ଜାଣିନାହାନ୍ତି । ସବୁଦିନ ସହରରେ ମାଳମାଳ ଚୋରି, ଛିନ୍‌ତାଇ ଓ ଦୁର୍ଘଟଣା ହେଉଥିଲେ ବି ଏହି ନମ୍ବରରେ କେହି ଫୋନ କରୁନାହାନ୍ତି।

ଅନ୍ୟପକ୍ଷରେ ଗତ ୨୦୨୧ମେ' ମାସରେ କଟକ ପୁଲିସ ପକ୍ଷରୁଏକ ହ୍ୱାଟ୍ସଆପ ନମ୍ବର ୮୭୬୩୦୬୮୧୬୭ ଜାରି କରାଯାଇଥିଲା । ଏହି ନମ୍ବରରେ ସହରବାସୀ ନିଜର ଅଭିଯୋଗକୁ ପିଟିସନ ଭାବେ ଦାଖଲ କରିପାରିବେ ବୋଲି ପୁଲିସ ପକ୍ଷରୁ କୁହାଗଲା। ଏହାକୁ କାର୍ଯ୍ୟକାରୀ କରିବା ପରେ ବହୁ ଲୋକଙ୍କ ଅଭିଯୋଗ ତତକ୍ଷଣାତ ସମାଧାନ ହୋଇପାରିଲା। ଜଣେ ଏଡ଼ିସିପି ଓ ଜଣେ ଏସିପି ଅଭିଯୋଗ ଆଧାରରେ ନିଆଯାଉଥିବା ପଦକ୍ଷେପର ଅଗ୍ରଗତି ଟ୍ରାକ କରିଲେ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ପୂର୍ବରୁ ଅଭିଯୋଗ ଦାଖଲ ପାଇଁ ଜଣେ ଅଧିକାରୀଙ୍କୁ ଭେଟିବାକୁ ସମୟ ନେବାକୁ ପଡୁଥିଲା । ମାତ୍ର ହ୍ୱାଟ୍ସଆପରେ ଅଭିଯୋଗ ଯିବା ପରେ ଉକ୍ତ ଅଫିସରଙ୍କ ପାଖରେ ତାର କପି ତୁରନ୍ତ ପହଞ୍ଚିଲା ଓ କ'ଣ କାର୍ଯ୍ୟାନୁଷ୍ଠାନ ନିଆଗଲା ତାହା ମଧ୍ୟ ସେହି ନମ୍ବରରେ ସୂଚନା ଦିଆଗଲା। ଏଭଳି ବ୍ୟବସ୍ଥା ଗଲା ୨୦୨୪ ମସିହା ଶେଷ ପର୍ଯ୍ୟନ୍ତ ପ୍ରାୟ ଠିକଠାକ୍ ଚାଲୁଥିଲା। ପରବର୍ତ୍ତୀ ସମୟରେ ଏହି ବ୍ୟବସ୍ଥା ଥଣ୍ଡା ପଡ଼ିଗଲା। ଯାହାଫଳରେ ଅଭିଯୋଗକାରୀମାନଙ୍କୁ ପୂର୍ବରୁ ରହିଥିବା ବ୍ୟବସ୍ଥା ପରି ଡିସିପିଙ୍କ କାର୍ଯ୍ୟାଳୟକୁ ଯିବାକୁ ପଡୁଛି । ସେହିପରି ଏହି ଜାରି ହୋଇଥିବା ନମ୍ବରରେ ଅଭିଯୋଗ ପାଇବା ପରେ ଆନ୍ତରିକତା ଓ ତତ୍ପରତା ନଥିବାରୁ କାଁ ଭାଁ କେହି କେବେ ଅଭିଯୋଗ ଯାହା ପଠାଉଛନ୍ତି । ବର୍ତ୍ତମାନର ଡିଜିଟାଲ ଓ ଅନଲାଇନ ଯୋଗାଯୋଗ ତ୍ୱରିତ ବ୍ୟବସ୍ଥା ସମୟରେ ଏଭଳି ଏକ ଲୋକଙ୍କୁ ଯୋଡ଼ି ପାରୁଥିବା ଓ ତତ୍କାଳ ସୁରକ୍ଷା ସହାୟତା ପ୍ରଦାନ କରୁଥିବା ଲୋକାଭିମୁଖୀ ଓ ଗୁରୁତ୍ୱପୂର୍ଣ୍ଣ ଯୋଜନାଟିକୁ ସତେ ଯେପରି ଅଚଳ କରିଦିଆଯାଇଛି । ଉଚ୍ଚକର୍ତ୍ତୃପକ୍ଷଙ୍କୁ ଅଭିଯୋଗ କଲେ ନମ୍ବର ଦୁଇଟି କାମ କରୁଛନ୍ତି ବୋଲି ଜଣାଇବା ସହ ଲୋକମାନେ ଅନ୍ୟ ବିକଳ୍ପ ପସନ୍ଦ କରୁଛନ୍ତି ବୋଲି ମତ ରଖୁଛନ୍ତି । କିନ୍ତୁ ଦ୍ୱୈତ ନଗରୀରେ ଦିନକୁ ଦିନ ଅପରାଧର କାୟା ଯେଉଁପରି ବଢ଼ି ବଢ଼ି ଚାଲିଛି ଏବଂ କଟକ ସହରର ଦୁଇପଟରେ ଦୁଇଟି ନୂଆ ବ୍ରିଜ ନିର୍ମାଣ ପରେ ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ଜିଲ୍ଲାଗୁଡିକ ସହ ହଜାର ବର୍ଷର କଟକ ସହର ତ୍ୱରାନ୍ୱିତ ଭାବେ ଯୋଗାଯୋଗ ବ୍ୟବସ୍ଥା ଦ୍ୱାରା ଯୋଡ଼ି ହୋଇପାରୁଛି। ଦିନକୁ ଦିନ ବାହାରୁ ଅନେକ ଲୋକ ଏହି ସହରକୁ ଆସୁଛନ୍ତି ଏବଂ ଏହି ପୁରୁଣା ସହରର କାୟା ଗୋଟିଏ ପଟେ ନରାଜକୁ ଛୁଇଁବାକୁ ବସିଥିଲାବେଳେ ଅନ୍ୟ ପଟେ ଏହା ବିଦ୍ୟାଧରପୁର ଅତିକ୍ରମ କରି କନ୍ଦରପୁରକୁ ଛୁଇଁବାକୁ ବସିଲାଣି। ଅନ୍ୟ ପଟକୁ ଦେଖିଲେ କାଠଯୋଡ଼ି ଅତିକ୍ରମ କରି ପାହାଳର ଆଗ ପର୍ଯ୍ୟନ୍ତ ଏମିତିରେ ବି କଟକ ସହ ଯୋଡ଼ି ହୋଇଥିବା ପରିସୀମା ରହୁଥିବାବେଳେ ବିପରୀତ ଦିଗକୁ ଦେଖିଲେ ଏହା ଜଗତପୁର ଅତିକ୍ରମ କରି ଟାଙ୍ଗୀ ପର୍ଯ୍ୟନ୍ତ ଲମ୍ବିଛି। ଏତେ ବଡ଼ ବିଶାଳ ଆୟତନ ଓ ବଡ଼ ଜନସଂଖ୍ୟା ବିଶିଷ୍ଟ ସହରରେ ଅନେକ ଭଡ଼ାଟିଆ ବି ରହୁଛନ୍ତି। ବର୍ଷର ବିଭନ୍ନ ସମୟରେ ଆଇନ ଶୃଙ୍ଖଳ ପରିସ୍ଥିତି ବିଗିଡ଼ି ଥାଏ ଓ ପୋଲିସ ବ୍ୟବସ୍ଥା ମଧ୍ୟ ବାଲିଯାତ୍ରା, ଦଶହରା ପରି ପାର୍ବଣ ସମୟରେ ନାକେଦମ ହୋଇଯାଏ। ତେବେ ଲୋକଙ୍କ ସ୍ୱାର୍ଥ ଓ ସୁରକ୍ଷାକୁ ଗୁରୁତ୍ୱପୂର୍ଣ୍ଣ ଭାବେ ଯୋଡୁଥିବା ପୋଲିସ ବ୍ୟବସ୍ଥାର ଷ୍ଟ୍ରିଟ କ୍ରାଇମ ହେଲପ ଲାଇନ ଅତ୍ୟାଧୁନିକ ଡିଜିଟାଲ ବ୍ୟବସ୍ଥା ସହ ତ୍ୱରାନ୍ୱିତ ହେବା ଜରୁରୀ। ସେହିପରି ଅନେକ ପରିଣତ ବୟସର ନାଗରିକ ଓ ପ୍ରାୟତଃ ମହିଳା ଘରେ ରହୁଥିବାରୁ ସେମାନଙ୍କ ପାଇଁ ସ୍ୱତନ୍ତ୍ର ଭାବରେ ହ୍ୱାଟସଆପରେ ଗ୍ରିଭାନ୍ସ ପିଟିସନ ସେଲ ବି ଖୋଲିବା ଗୁରୁତ୍ୱପୂର୍ଣ୍ଣ। ଲୋକ ସମ୍ବଳ ଅଭାବ ପୋଲିସ ଦର୍ଶାଇ ଅଭିଯୋଗକୁ ପ୍ରାୟତଃ ଖାମଖିଆଲି ଭାବେ ଦେଖୁଥିବାରୁ ଲୋକମାନେ ବଡ଼ ସମସ୍ୟାକୁ ସାମ୍ନା କରିଥାନ୍ତି। ତେଣୁ ତୁରନ୍ତ ପୋଲିସ ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରନ୍ତୁ ।

*ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ*
*ମୋ. : ୮୩୨୮୯୪୮୬୪୩*

ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ





ମଣିଷର ସୁସ୍ଥତା କେବଳ ତା'ର ଶାରୀରିକ ସତେଜତାକୁ ବୁଝାଏ ନାହିଁ । ମାନସିକ ଅସୁସ୍ଥତା ଏବଂ ଅସନ୍ତୁଳନ ମଧ ଶାରୀରିକ ସୁସ୍ଥତାକୁ ପ୍ରଭାବିତ କରିପାରେ । ମନ ସୁସ୍ଥ ଏବଂ ସତେଜ ନରହିଲେ ବିଭିନ୍ନ ସମସ୍ୟା ଦେଖାଦିଏ । ଏବେ ଦେଖାଯାଉଛି ଅଧିକାଂଶ ଲୋକ ମାନସିକ ଅସୁସ୍ଥତାର ଶିକାର । ଏଇଭଳି ଏକ ମାନସିକ ଅସୁସ୍ଥତାର ନାଁ ହେଲା– 'ସିଜୋଫ୍ରେନିୟା' । ଏହାକୁ ଓଡ଼ିଆରେ ମାନସିକ ଶଙ୍କା ବୋଲି ମଧ କୁହାଯାଏ । ଏ ସମସ୍ୟା ଭୋଗୁଥିବା ରୋଗୀ ସବୁବେଳେ ନିଜକୁ ଅସୁରକ୍ଷିତ ମନେକରେ । ସବୁବେଳେ ଶଙ୍କାଗ୍ରସ୍ତ ଥାଏ । ସାରା ବିଶ୍ୱରେ ଏ ରୋଗ ଧୀରେ ଧୀରେ ତାର କାୟା ବିସ୍ତାର କରିଚାଲିଛି । ଭାରତରେ ପ୍ରତି ଶହେ ଜଣରେ ଜଣେ ଏ ରୋଗରେ ଆକ୍ରାନ୍ତ ହେଉଛନ୍ତି ।



# ବଢ଼ିବାରେ ଲାଗିଛି ସିଜୋଫ୍ରେନିଆ



ବିଶେଷଜ୍ଞମାନେ କହନ୍ତି– ଏ ରୋଗ ଯେକୌଣସି ବୟସରେ ହୋଇପାରେ । କିନ୍ତୁ ସାଧାରଣତଃ ଦେଖାଯାଏ ପୁରୁଷମାନେ ୧୬ ବର୍ଷରୁ ୨୦ ବର୍ଷ ବୟସ ମଧରେ ଏ ରୋଗରେ ଆକ୍ରାନ୍ତ ହୋଇଥାନ୍ତି । ଠିକ୍ ସେଇଭଳି ମହିଳାମାନେ ୨୦ ବର୍ଷରୁ ୩୦ ବର୍ଷ ବୟସରେ ଏ ରୋଗର କବଳରେ ପଡ଼ିଥାନ୍ତି । ସାରା ବିଶ୍ୱରେ ପ୍ରାୟ ଏକ ପ୍ରତିଶତ ଲୋକ ଏ ସମସ୍ୟାରେ ପୀଡିତ ଅଛନ୍ତି ।

### ମାନସିକ ଶଙ୍କା କ'ଣ

ମାନସିକ ଶଙ୍କା ବା ସିଜୋଫ୍ରେନିୟା ଏଭଳି ଏକ ମାନସିକ ସ୍ଥିତି ଯେଉଁଠି ମଣିଷର ଚିନ୍ତାଶକ୍ତି ଏବଂ ସମସ୍ୟା ସମାଧାନ କରିବାର ଶକ୍ତି ଠିକ୍‌ସେ କାମ କରେନାହିଁ । ଏଭଳି ଅବସ୍ଥାରେ ମଣିଷଟି କୌଣସି ସିଦ୍ଧାନ୍ତ ନେଇପାରେ ନାହିଁ । ସବୁବେଳେ ରୋଗୀଟି ଏକ କଳ୍ପନା ରାଜ୍ୟରେ ଥାଏ । ଧୀରେ ଧୀରେ ସେ ସନ୍ଦେହୀ ହୋଇପଡେ । ସିଜୋଫ୍ରେନିଆ ବିଭିନ୍ନ ପ୍ରକାରର ହୋଇଥାଏ । ସେଗୁଡ଼ିକ ଭିତରୁ ପେରାନଏଡ୍ ସିଜୋଫ୍ରେନିୟାରେ ଅଧିକାଂଶ ଲୋକ ଏବେ ଆକ୍ରାନ୍ତ ହେଉଛନ୍ତି ।

ପେରାନଏଡ ସିଜୋଫ୍ରେନିୟା ରୋଗୀ ନିଜ ଭାବନା ଏବଂ ଅନୁଭବକୁ ନିଜ ଆୟତ୍ତ ଭିତରେ ଗୁମ୍‌ସୁମ୍ ରହିବାକୁ ସେ ପସନ୍ଦ କରେ ଧୀରେ ଧୀରେ । ଏକୁଟିଆ ରହିବାକୁ ତାକୁ ଅଧିକ ଭଲ ଲାଗେ । ନିଜ ଭାବନା ରାଜ୍ୟରେ ସେ ସବୁବେଳେ ବିଚରଣ କରୁଥାଏ । ଏ ସମସ୍ୟା ଲାଗି ରହିଲେ ନିଦ କମିଯାଏ । ଦୈନନ୍ଦିନ କାର୍ଯ୍ୟରେ ତା'ର ଆଉ ଆଗ୍ରହ ରହେ ନାହିଁ ।

### ସବୁବେଳେ ଶଙ୍କାଗ୍ରସ୍ତ ଥାଏ ରୋଗୀ

ସିଜୋଫ୍ରେନିୟା ରୋଗୀ ଗାଧୋଇବାକୁ, ଏଭଳିକି ଲୁଗାପଟା ବଦଳାଇବାକୁ ମଧ ଚାହେଁ ନାହିଁ । ଖାଇବାର ଶୈଳୀ ଏବଂ ରୁଚି ମଧ ତା'ର ବଦଳିଯାଏ । ଆଖପାଖର ଲୋକ ତାକୁ ବିରକ୍ତିକର ମନେ ହୁଅନ୍ତି । ରୋଗ ପୁରୁଣା ହେଲେ ରୋଗୀ ଧୀରେ ଧୀରେ ସମସ୍ତଙ୍କୁ ସନ୍ଦେହ କରିବାକୁ ଲାଗେ । ବିଭିନ୍ନ ଅଜଣା ଶବ୍ଦ ତାକୁ ଶୁଣାଯାଏ । ତାକୁ



ରଖିପାରେ ନାହିଁ । ନିଜ ଅନୁଭବ ସେ ଠିକଣା ଢଙ୍ଗରେ ଅନ୍ୟକୁ ପ୍ରକାଶ ମଧ କରିପାରେ ନାହିଁ । ଏଇଭଳି ସମସ୍ୟା ଲାଗି ରହିଲେ ରୋଗୀର ବ୍ୟବହାର ମଧ ବଦଳିଯାଏ । ଖୁବ୍ ସବୁବେଳେ ମନେହୁଏ, କେହି ଯେମିତି ତା'ର ପିଛା କରୁଛି ସବୁବେଳେ । ତା'ର ଗତିବିଧି ଲକ୍ଷ୍ୟ କରୁଛି ଲୁଚିଲୁଚି ।

### ଏକାକୀତ୍ୱ

### ମାଡ଼ିବସେ

ଅନ୍ୟ ଜଣେ କ'ଣ ଭାବୁଛି, ବେଳେବେଳେ ତାକୁ ମଧ ସେ ସନ୍ଦେହ କରେ । ନିଜେ ନିଜ ସହ କଥା ହୁଏ ସିଏ । ଧୀରେ ଧୀରେ ବାସ୍ତବତା ଠାରୁ ଦୂରେଇଯାଏ । ସତକୁ ମାନିବାରୁ ରାଜି ହୁଏନି । ରୋଗୀକୁ ମନେହୁଏ ସତେ ଯେମିତି ସମସ୍ତେ ତା' ବିରୋଧରେ କୌଣସି ଏକ ଷଡଯନ୍ତ୍ର ରଚୁଛନ୍ତି । ସବୁବେଳେ ସିଏ ଭାବେ ସମସ୍ତେ ତାଙ୍କୁ ମାରିବାକୁ ସୁଯୋଗ ଉଣ୍ଡୁଛନ୍ତି । ଏଇ କାରଣରୁ ସିଏ ସମସ୍ତଙ୍କ ଠାରୁ ଦୂରେଇ ରହିବାକୁ ଚାହେଁ ।

ବେଳେବେଳେ ରୋଗୀଟି ଅତ୍ୟଧିକ ଶଙ୍କାଗ୍ରସ୍ତ ହୋଇ ନିଜ ଉପରେ କିମ୍ବା ଅନ୍ୟ ଉପରେ ଶାରୀରିକ ଅତ୍ୟାଚାର ମଧ କରିପାରେ । ସମସ୍ୟା ଅଣାୟତ୍ତ ହେଲେ ରୋଗୀ ନିଜ ଜୀବନ ମଧ ହାରିବାକୁ ଚେଷ୍ଟା କରେ ।

### କାହିଁକି ଏଭଳି ହୁଏ

ବିଶେଷଜ୍ଞମାନେ କହନ୍ତି– ଏ ରୋଗ ଯେକୌଣସି ବୟସରେ ହୋଇପାରେ । କିନ୍ତୁ ସାଧାରଣତଃ ଦେଖାଯାଏ ପୁରୁଷମାନେ ୧୬ ବର୍ଷରୁ ୨୦ ବର୍ଷ ବୟସ ମଧରେ ଏ ରୋଗରେ ଆକ୍ରାନ୍ତ ହୋଇଥାନ୍ତି । ଠିକ୍ ସେଇଭଳି ମହିଳାମାନେ ୨୦ ବର୍ଷରୁ ୩୦ ବର୍ଷ ବୟସରେ ଏ ରୋଗର କବଳରେ ପଡ଼ିଥାନ୍ତି । ସାରା ବିଶ୍ୱରେ ପ୍ରାୟ ଏକ ପ୍ରତିଶତ ଲୋକ ଏ ସମସ୍ୟାରେ ପୀଡିତ ଅଛନ୍ତି ।

- ମସ୍ତିଷ୍କରେ (ବାୟୋକେମିକାଲ ଚେଞ୍ଜ) କୌଣସି ରାସାୟନିକ ପରିବର୍ତ୍ତନ ଘଟିଲେ ଏ ସମସ୍ୟା ଦେଖାଦେଇଥାଏ ।
- ଡୋପାମାଇନ୍ ନାମକ ଏକ



ହରମୋନ୍ ଆମ ଚିନ୍ତା ଚେତନାକୁ ପ୍ରଭାବିତ କରିଥାଏ । ଏହାର ଅସନ୍ତୁଳନରେ ମଧ ଏଭଳି ସମସ୍ୟା ଦେଖାଦିଏ ।
- ବ୍ୟକ୍ତିଟି ଯଦି ଖୁବ୍ ଚୁପଚାପ୍ ପ୍ରକୃତିର ଏବଂ ନିଜ ସମସ୍ୟା ଅନ୍ୟକୁ ନକହି ନିଜ ଭିତରେ ରଖେ ଏବଂ ସାଙ୍ଗସାଥୀଙ୍କ ସହ ମିଳାମିଶା କମ୍ କରୁଥାଏ, ଏଭଳି ବ୍ୟକ୍ତି ଏ ରୋଗରେ ଆକ୍ରାନ୍ତ ହେବାର ସମ୍ଭାବନା ଦ୍ୱିଗୁଣ ଅଧିକ ।
- ପାରିବାରିକ ସମସ୍ୟା ବା ଅଧିକ ଦିନ ଚିନ୍ତାଗ୍ରସ୍ତ ରହିଲେ ଏ ସମସ୍ୟା ଦେଖାଦେଇଥାଏ । କର୍ମକ୍ଷେତ୍ର ଏବଂ ବ୍ୟବସାୟିକ ଚାପ ମଧ ମାନସିକ ସନ୍ତୁଳନକୁ କ୍ଷତିଗ୍ରସ୍ତ କରାଇ ସିଜୋଫ୍ରେନିୟା ଭଳି ରୋଗକୁ ଡାକିଆଣିପାରେ ।
- ଆନୁବଂଶିକ କାରଣ ମଧ ରହିଛି ଏ ରୋଗର ଶିକାର ହେବା ପାଇଁ । ଯଦି କୌଣସି ନିକଟ ସମ୍ପର୍କୀୟ କିମ୍ବା ଦୂର ସମ୍ପର୍କୀୟଙ୍କ ଠାରେ ଏ ସମସ୍ୟା ଥାଏ ତା'ହେଲେ ମଧ ଏ ରୋଗ ଦେଖାଦେଇପାରେ ।
- ବାପା-ମା, ଭାଇ-ଭଉଣୀ କାହାରିକୁ ଏ ରୋଗ ହୋଇଥିଲେ ବା ଆଗରୁ କେବେ ହୋଇଥିଲେ ସେ ବ୍ୟକ୍ତିଙ୍କୁ ଏ ରୋଗ ହେବାର ସମ୍ଭାବନା ଶତକଡ଼ା ୬୦ ।

### ସହଯୋଗ ଜରୁରୀ

ଏ ରୋଗରୁ ରୋଗୀକୁ ମୁକୁଳାଇବା ପାଇଁ ଆତ୍ମୀୟଙ୍କ ସହଯୋଗ ଖୁବ୍ ଜରୁରୀ । ଏଭଳି ରୋଗୀକୁ କେବେ ଏକୁଟିଆ ଛାଡନ୍ତୁ ନାହିଁ । ତା'ସହ ଖୋଲାଖୋଲି ଆଲୋଚନା କରନ୍ତୁ । ତା'ଇଚ୍ଛା ଏବଂ ଅନୁଭବକୁ ଗୁରୁତ୍ୱ ଦିଅନ୍ତୁ । ସବୁବେଳେ କୌଣସି ନା କୌଣସି କାମରେ ରୋଗୀକୁ ବ୍ୟସ୍ତ ରଖନ୍ତୁ । ତା' ଆଗରେ ଅନ୍ୟର ସଫଳତା ବଖାଣନ୍ତୁ ନାହିଁ । ଯୋଗ ଏବଂ ପ୍ରାଣାୟାମ ଖୁବ୍ ଉପଯୋଗୀ ଏଭଳି ରୋଗୀଙ୍କ ପାଇଁ ।

### ଜିନ୍ ପାଇଁ ଏ ସମସ୍ୟା ହୋଇପାରେ

ଗବେଷଣାରୁ ଜଣାଯାଇଛି ସିଜୋଫ୍ରେନିୟା ପାଇଁ ଜିନ୍‌କୁ ଦାୟୀ କରାଯାଇପାରେ । ଯଦି ବାପା-ମା କିମ୍ବା ପରିବାରରେ କାହା ପାଖରେ ଏ ସମସ୍ୟା ଥାଏ ତା'ହେଲେ ଗୁଣସୂତ୍ର ଜରିଆରେ ଏ ରୋଗ ଆସିପାରେ ସମ୍ପର୍କୀୟଙ୍କ ପାଖକୁ । କିନ୍ତୁ ମନୋଚିକିତ୍ସା ଏବଂ କାଉନସେଲିଂ ମାଧ୍ୟମରେ ଏ ରୋଗକୁ ଦୂର କରାଯାଇପାରେ ।

---

ସମସ୍ତେ ଯୁବ ପିଢ଼ିର ସଫଳତାରେ ଖୁସି ହୁଅନ୍ତି, ସେମାନଙ୍କୁ ନେଇ ଗର୍ବ କରନ୍ତି । ହେଲେ କେହି ସେମାନଙ୍କ ଦୁଃଖସୁଖ ଜାଣିବାକୁ ଚେଷ୍ଟା କରନ୍ତି ନାହିଁ । ଗ୍ଲୋବାଲ୍ ମନିଟରିଂ ଷ୍ଟଡି ପକ୍ଷରୁ ଏହାଜାଣିବା ପାଇଁ ଚେଷ୍ଟା କରାଯାଇଥିଲା । ଏଥିରୁ ଯାହା ଜଣାପଡ଼ିଲା ସେ ସମ୍ପର୍କରେ ବିଚାର କରିବା ଖୁବ୍ ଜରୁରୀ ।







# ଆରାମ ମିଳୁନି ଯୁବପିଢ଼ିକୁ

ସର୍ଭେରୁ ଜଣାପଡ଼ିଛି ଭାରତୀୟ ଯୁବ ପିଢ଼ିର ଜୀବନରେ ଆରାମ ଆଦୌ ନାହିଁ । ୨୫ରୁ ୩୦ ବର୍ଷ ବୟସ ଶ୍ରେଣୀର ୭୭ ପ୍ରତିଶତ ଯୁବକଙ୍କ ପାଖରେ ନିଜ ସୌକ ପାଇଁ ସମୟ ନାହିଁ । ସପ୍ତାହରେ ପ୍ରାୟ ୫୬ ଘଣ୍ଟାରୁ ଅଧିକ ସମୟ ସେମାନଙ୍କୁ ଅଫିସରେ କଟାଇବାକୁ ପଡୁଛି । ଇଚ୍ଛାନୁଯାୟୀ କ'ଣ ଆବଶ୍ୟକତା ଅନୁଯାୟୀ ବି ଛୁଟି ମିଳିପାରୁନି ସେମାନଙ୍କୁ । ଜଣାଯାଇଛି ଏହି ବୟସ ଶ୍ରେଣୀର ଭାରତୀୟମାନଙ୍କୁ ବର୍ଷକୁ ୨୬ଟି ଛୁଟି ମିଳେ । ସେଥିମଧ୍ୟରୁ ୨୨ଟି ସେମାନେ ନେଇ ପାରନ୍ତି । ତେବେ ଏହାକୁ ନେଇ ସେମାନଙ୍କର ବେଶି ଦୁଃଖ ନାହିଁ । ଅଧିକ ଅର୍ଥ ରୋଜଗାର କରୁଥିବାରୁ ସେମାନେ ସନ୍ତୁଷ୍ଟ । କାରଣ ସେମାନଙ୍କର ଉଚ୍ଚ ରୋଜଗାର ପରିବାର ଏବଂ ସମାଜରେ ତାଙ୍କୁ ଦାମୀ ପରିଚୟ ଦେଉଛି । ପ୍ରକୃତରେ ଜଗତିକରଣ ଓ ଉଦାରିକରଣ ଯୋଗୁ ଆଜିକାଲି କାମର ଢାଞ୍ଚା ବଦଳି ଗଲାଣି । ଘରୋଇ ଏବଂ ବହୁରାଷ୍ଟ୍ରୀୟ କମ୍ପାନୀମାନେ ଖୁବ୍ ଅଧିକା ଦରମା ଦେଉଛନ୍ତି, ଯାହା ବିଷୟରେ ଗତ କିଛିବର୍ଷ ତଳେ ଚିନ୍ତା କରିବା ବି କଷ୍ଟ ଥିଲା । ଫଳରେ ମଧ୍ୟବିତ୍ତ ପରିବାରରେ ଅର୍ଥ ରୋଜଗାର ପାଇଁ ପ୍ରତିଯୋଗିତା ଲାଗିଛି । ଏହି ସ୍ଥିତି କେବଳ ଭାରତରେ ନୁହେଁ, ଜାପାନ୍, ଦକ୍ଷିଣକୋରିଆ ଓ ଅନ୍ୟ ବିକାଶଶୀଳ ଦେଶମାନଙ୍କରେ ପରିସ୍ଥିତି ଠିକ୍ ଏୟା । ଆଜିର ଯୁବପିଢ଼ି ପାଇଁ ସଫଳତାର ଏକ ମାତ୍ର ମାପଦଣ୍ଡ ଅଧିକରୁ ଅଧିକ ରୋଜଗାର କରିବା । ହେଲେ ମୋଟା ଦରମା ଦେଉଥିବା କମ୍ପାନୀମାନେ ସେମାନଙ୍କ ଜୀବନର ଏକ ବଡ଼ ଅଂଶକୁ କବ୍‌ଜା କରିନେଇଛନ୍ତି । ଏହା ସେମାନଙ୍କ ବ୍ୟକ୍ତିଗତ ଓ ସାମାଜିକ ଜୀବନକୁ ପ୍ରାୟ ଶେଷକରି ଦେଇଛି ।

ମନସ୍ତତ୍ତ୍ୱବିତ୍ ଏବଂ ସମାଜବିତ୍‌ମାନଙ୍କ ମତ କାମର ଅତ୍ୟଧିକ ବୋଝ ଯୁବପିଢ଼ିର ଶରୀର ଓ ମନ ଉପରେ ପ୍ରତିକୂଳ ପ୍ରଭାବ ପକାଉଛି । ଏହାଦ୍ୱାରା ଧୀରେ ଧୀରେ ସମ୍ବେଦନାହୀନ ନାଗରିକ ପିଢ଼ି ପ୍ରସ୍ତୁତ ହେଉଛି, ଯେଉଁମାନେ ନିଜ ପରିବେଶରୁ ସମ୍ପୂର୍ଣ୍ଣ ଭାବରେ ବିଚ୍ଛିନ୍ନ ହୋଇ କେବଳ ନିଜ ଭିତରେ ସୀମିତ ହୋଇରହିଛନ୍ତି । ସାମୂହିକ ଜୀବନରୁ ବିଚ୍ଛିନ୍ନ ହେବାର କୁପରିଣାମ ମହାନଗରମାନଙ୍କରେ ବେଶି ଦେଖିବାକୁ ମିଳୁଛି । ଅତୀତରେ ପାଶ୍ଚାତ୍ୟଦେଶରେ ଏମିତି ପରିସ୍ଥିତି ହୋଇଥିଲା । ସେଠାରେ ଯୁବପିଢ଼ିଙ୍କୁ ସମାଜ ସହ ଯୋଡ଼ିବା ପାଇଁ ଅନେକ ଚେଷ୍ଟା କରାଯିବା ପରେ ସମସ୍ୟା କିଛି ସୁଧୁରିଛି । ସେମାନଙ୍କୁ ଅନୁଭବ କରାଇ ଦିଆଗଲା ଯେ ବ୍ୟକ୍ତିଗତ ସଫଳତା ହିଁ ସବୁ କିଛି ନୁହେଁ । ସମାଜ ସହ ରହି ଏବଂ ସମାଜ ପ୍ରତି ଉତ୍ତରଦାୟୀ ରହି ସେମାନେ ସୁଖି ହୋଇପାରିବ । ଭାରତରେ ମଧ୍ୟ ଏବେ ଏମିତି ପ୍ରୟାସ ଆରମ୍ଭ କରିବାର ସମୟ ଆସିଯାଇଛି ।

---

# ଅସଲ ଶତ୍ରୁ ଲୁଣ ଆଉ ସଫ୍ଟ ଡ୍ରିଙ୍କ୍

ପୁରା ଆମେରିକା ଏବେ ବିଚିତ୍ର ଶତ୍ରୁଙ୍କ ସହ ଲଢୁଛି, ଯାହାକୁ ହରେଇବାର ଉପାୟ ବି ସେ ଜାଣିନି । ଆମେରିକାର ଏହି ଶତ୍ରୁ ହେଉଛି ଲୁଣ, ହଁ ଖାଦ୍ୟରେ ପଡୁଥିବା ଲୁଣ । ଆମେରିକାରେ ହେଉଥିବା ୧୦ ପ୍ରତିଶତ ମୃତ୍ୟୁର କାରଣ ଅତ୍ୟଧିକ ଲୁଣ ବ୍ୟବହାର, ଏହା ମିଠା ଜନିତ ମୃତ୍ୟୁର ୧୦ ଗୁଣ । ଉଦ୍‌ବେଗର ବିଷୟ ଆମେରିକାରେ ପ୍ରକ୍ରିୟାକୃତ ଓ ଡବାବନ୍ଦ ଖାଦ୍ୟର ବ୍ୟବହାର ଅଧିକ । ଏ ପ୍ରକାର ଖାଦ୍ୟରେ ଲୁଣର ମାତ୍ରା





ଅଧିକ ଥାଏ ।

ଏକ ଅଧ୍ୟୟନରୁ ଜଣାପଡିଛି ମିଠା ଠାରୁ ଖାଦ୍ୟରେ ଲୁଣର ମାତ୍ରା ଅଧିକ ହେବା ବିପଜ୍ଜନକ । ରିପୋର୍ଟ ଅନୁଯାୟୀ ଖାଦ୍ୟ ପ୍ରସ୍ତୁତିରେ ପଡୁଥିବା ଲୁଣ ୭୦ ବର୍ଷରୁ କମ୍ ବୟସର ଲୋକଙ୍କ ଅସଲ ହତ୍ୟାକାରୀ । ଗବେଷଣାରୁ ଜଣାପଡିଛି ସଫ୍ଟ ଡ୍ରିଙ୍କର ମିଠା ପ୍ରତିବର୍ଷ ଆମେରିକାର ୨୫ ହଜାର ଲୋକଙ୍କ ଜୀବନ ନେଉଛି । ମାତ୍ର ନିକଟରେ ଜଣାପଡିଛି, ୨୦୧୦ରେ ସାରା ବିଶ୍ୱରେ ଅଧିକ ଲୁଣ ସେବନ ଜନିତ ମୃତ୍ୟୁ ୨୫ ଲକ୍ଷରୁ ଅଧିକ । ଏମାନଙ୍କର ମୃତ୍ୟୁ ହୃଦ୍‌ରୋଗରୁ ହୋଇଛି । ବୋଷ୍ଟନର ପ୍ରତିଷ୍ଠିତ ହାବାର୍ଡ ସ୍କୁଲ ଅଫ୍ ପବ୍ଲିକ୍ ହେଲ୍‌ଥ ପକ୍ଷରୁ ଏହି ରିପୋର୍ଟ ପ୍ରକାଶ ପାଇଛି । ରିପୋର୍ଟର ତଥ୍ୟ ଅନୁଯାୟୀ ଆମେରିକାରେ ପ୍ରତିବର୍ଷ ଅଧିକ ଲୁଣ ପାଇବା ଯୋଗୁଁ ୨.୫ ଲକ୍ଷ ଲୋକଙ୍କ ମୃତ୍ୟୁ ହୁଏ । ଏହା ମିଠା ଯୋଗୁଁ ହୋଇଥିବା ମୃତ୍ୟୁଠାରୁ ଦଶଗୁଣ ଅଧିକ ।

ହାଭାର୍ଡ ସ୍କୁଲ ଅଫ୍ ପବ୍ଲିକ ହେଲ୍ଥର ବୈଜ୍ଞାନିକ ଡ. ଡେରିୟଶ ମୋଜାଫରିନ୍‌ଙ୍କ ମତାନୁଯାୟୀ ଲୋକଙ୍କ ସ୍ୱାସ୍ଥ୍ୟ ପାଇଁ ମିଠା ଠାରୁ ଅଧିକ ବିପଜ୍ଜନକ ସୋଡିୟମ । ଏହା ଲୁଣ ଦେଇ ଶରୀରରେ ପହଞ୍ଚୁଛି । ଡଃ ଡେରିୟଶଙ୍କ ମତାନୁଯାୟୀ ମିଠା କିଛି ଖାଦ୍ୟରେ ମିଶେ, ଚାହିଁଲେ ସେସବୁକୁ ଏଡାଇ ଦିଆଯାଇପାରେ, ମାତ୍ର ଲୁଣ ସବୁ ଖାଦ୍ୟରେ ମିଶେ । ତେଣୁ ଏହାକୁ ଏଡାଇବା ସମ୍ଭବ ନୁହେଁ ।
ଡେରିୟଶ






ମିଠା ଓ ଲୁଣ ଉଭୟର କ୍ଷତିକାରକ ପ୍ରମୁଖ

ବିଷୟରେ ଗବେଷଣା କରିଥିଲେ । ତାଙ୍କ ଗବେଷଣା ଅନୁଯାୟୀ ପ୍ରତି ୩ଟି ସୋଡିୟମ ଜନିତ ମୃତ୍ୟୁ ମଧ୍ୟରୁ ଗୋଟିକର ଶିକାର ହୁଅନ୍ତି ୭୦ ଛୁଇଁନଥିବା ବ୍ୟକ୍ତି । ଏହା ବୟସ୍କଙ୍କ ତୁଳନାରେ ଯୁବପିଢିଙ୍କୁ ଅଧିକ ପ୍ରଭାବିତ କରୁଛି । ଏହି ରିପୋର୍ଟ ଗତ ଗୁରୁବାର ଆମେରିକାନ୍ ପାର୍ଟି ଆସୋସିଏସନର ବାର୍ଷିକ ବୈଠକରେ ଆଗତ ହୋଇଛି ।

ଏଥିରେ ପ୍ରକ୍ରିୟାକୃତ ଓ ଡବାବନ୍ଦ ଖାଦ୍ୟରେ ଅଧିକ ଲୁଣ ବ୍ୟବହାର ନେଇ ଉଦ୍‌ବେଗ ପ୍ରକାଶ କରାଯାଉଥିଲା ।

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର ୨୦ ଫେବୃଆରୀ ୨୦୨୬ । ଶୁକ୍ରବାର


## ଶୈବପୀଠ ଉପରେ ଷ୍ଟିଲ ସିଡି ନିର୍ମାଣକୁ ବିରୋଧ

**ଢେଙ୍କାନାଳ,୧୯।୨ ଏକ୍ସପ୍ରେସ୍ ନ୍ୟୁଜ୍**

୮ମ ଶତାବ୍ଦୀରୁ ନିର୍ମିତ ଢେଙ୍କାନାଳର ଅନ୍ୟତମ ପ୍ରାଚୀନ ଶୈବପୀଠ ପଶ୍ଚିମେଶ୍ୱର ଶିବ ମନ୍ଦିରକୁ ନେଇ ବିବାଦ ଉପୁଜିଛି। ଏହି ଶିବ ମନ୍ଦିର ଉପରେ ଏକ ଷ୍ଟିଲ ସିଡି ନିର୍ମାଣକୁ ତୀବ୍ର ବିରୋଧ କରିଛନ୍ତି ସ୍ଥାନୀୟ ଗଙ୍ଗାଧର ପ୍ରସାଦ ଗ୍ରାମବାସୀ। ଏ ସମ୍ପର୍କରେ ଗ୍ରାମବାସୀମାନେ ଢେଙ୍କାନାଳ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ଢେଙ୍କାନାଳର ଭାପୁର ଗଙ୍ଗାଧର ପ୍ରସାଦ ଠାରେ ଅବସ୍ଥିତ ପ୍ରଭୁ ପଶ୍ଚିମେଶ୍ୱର ମହାଦେବଙ୍କ ମନ୍ଦିର ବହୁ ପ୍ରାଚୀନ। ପ୍ରତ୍ନତତ୍ୱ ବିଭାଗ ଅଧୀନରେ ରହିଥିବା ଏହି ମନ୍ଦିରକୁ ଢେଙ୍କାନାଳ ଦେବୋତ୍ତର ବିଭାଗ ପରିଚାଳନା କରୁଛି। ମାତ୍ର ସମସ୍ତଙ୍କ ଅଗୋଚରରେ ସ୍ଥାନୀୟ ଧିରପାଟଣା ସରପଞ୍ଚ ମନ ଇଚ୍ଛା ଏହି ମନ୍ଦିର ଚୂଡାକୁ ଯିବାପାଇଁ ଦଧି ନଉତିକୁ ଡ୍ରିଲ କରି ଷ୍ଟିଲ ସିଡି ଲଗାଇଛନ୍ତି ବୋଲି ଅଭିଯୋଗ ଉଠାଇ ବିରୋଧ ହୋଇଛି। ଏହି ସିଡି ଯୋଗୁଁ ଡ୍ରିଲ କରିବାରୁ ବହୁ ପ୍ରାଚୀନ କୀର୍ତିରାଜି ଅସୁରକ୍ଷିତ ହୋଇପଡିଛି। ତେବେ ତୁରନ୍ତ ଏହାକୁ ବାହାର କରାନଗଲେ ମନ୍ଦିରରେ ତାଲା ପକାଇ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଏପଟେ ମନ୍ଦିରର ଉନ୍ନୟନ କାର୍ଯ୍ୟ ଓ ମହାଦୀପ ଉଠାଇବା ପାଇଁ ସେବାୟତଙ୍କ ସୁରକ୍ଷା ଦୃଷ୍ଟିରୁ ସିଡି କରାଯାଇଛି। ତିଆରି ବେଳେ କେହି ଆପତି କରିନଥିବା ବେଳେ ଅଯଥା ପ୍ରଭୁଙ୍କୁ ନେଇ ବିବାଦ ସୃଷ୍ଟି କରୁଥିବା ପାଲଟା ସଫେଇ ଦେଇଛନ୍ତି ଧିରପାଟଣା ସରପଞ୍ଚ। ଯାହାକୁ ନେଇ ଏହି ପଶ୍ଚିମେଶ୍ୱର ଶୈବପୀଠ ଏବେ ବିବାଦ ଘେରକୁ ଆସିଛି।

## +୨ ପରୀକ୍ଷା କେନ୍ଦ୍ରରେ ୧୭୫୪ ପରୀକ୍ଷାର୍ଥୀ

**କେନ୍ଦ୍ରାପଡ଼ା,୧୯।୨ ଏକ୍ସପ୍ରେସ୍ ନ୍ୟୁଜ୍**

ଚଳିତ ବର୍ଷର +୨ ପରୀକ୍ଷା ଆରମ୍ଭ ହୋଇଛି । ଏହା ଆଗାମୀ ମାର୍ଚ୍ଚ ମାସ ୨୫ତାରିଖ ପର୍ଯ୍ୟନ୍ତ ଚାଲିବ। କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟରେ ହୋଇଥିବା ପରୀକ୍ଷା କେନ୍ଦ୍ରରେ କେନ୍ଦ୍ରାପଡା ଉଚ୍ଚମାଧ୍ୟମିକ ବିଦ୍ୟାଳୟ ସମେତ ୮ଟି ଘରୋଇ ଆବାସିକ ବିଜ୍ଞାନ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ମୋଟ ୧୭୫୪ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଉଛନ୍ତି। ଏହି ପରୀକ୍ଷାର୍ଥୀଙ୍କ ମଧ୍ୟରେ ଛତାସ୍ଥିତ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ମଧ୍ୟରୁ କେନ୍ଦ୍ରାପଡା ଆବାସିକ ବିଜ୍ଞାନ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ୧୧୩ଜଣ ରେଗୁଲାର ଓ ୩ଜଣ ଏକ୍ସରେଗୁଲାର ପରିକ୍ଷାର୍ଥୀ ଥିବା ବେଳେ ତେଣ୍ଡାକୁଡାସ୍ଥିତ ଆରଏନଏମ ବିଜ୍ଞାନ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୨୬ଜଣ ରେଗୁଲାର ପରିକ୍ଷାର୍ଥୀ ଅଛନ୍ତି। ସେହିପରି ହଳଦିଆଗଡାସ୍ଥିତ ତାରିଣୀ ବିଜ୍ଞାନ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୫୭ଜଣ ରେଗୁଲାର, ଶିଳିପୁରସ୍ଥିତ ଡଲଫିନ ବିଜ୍ଞାନ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୭ଜଣ ରେଗୁଲାର, ଛତାସ୍ଥିତ ଲୋଟୋସ ବିଜ୍ଞାନ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୯୪ଜଣ ରେଗୁଲାର ଓ ୬ଜଣ ଏକ୍ସ ରେଗୁଲାର, ଦୁହୁରିଆସ୍ଥିତ ବିଦ୍ୟା ବିଜ୍ଞାନ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୯ଜଣ ରେଗୁଲାର, ବାରୋସ୍ଥିତ ରମାଦେବୀ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୨୧ଜଣ ରେଗୁଲାର ଓ ବାରୋସ୍ଥିତ ଓମ୍‌ଶାନ୍ତି ବିଜ୍ଞାନ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୯ଜଣ ରେଗୁଲାର ପରୀକ୍ଷାର୍ଥୀ ଅଛନ୍ତି। କେନ୍ଦ୍ରାପଡା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ବିଜ୍ଞାନରେ ୫୦୨ଜଣ ରେଗୁଲାର ଓ ୧୪ଜଣ ଏକ୍ସ ରେଗୁଲାର, କଳାରେ ୩୭୬ଜଣ ରେଗୁଲାର ଓ ବାଣିଜ୍ୟରେ ୩୪୭ଜଣ ରେଗୁଲାର ଛାତ୍ରଛାତ୍ରୀ +୨ ପରୀକ୍ଷା ଦେଉଛନ୍ତି। ଏଥିସହିତ ଆସନ୍ତା ୨୪ତାରିଖରେ ଇଂରାଜୀ, ୨୮ତାରିଖରେ ପଦାର୍ଥ ବିଜ୍ଞାନ ଓ ମାର୍ଚ୍ଚ ୬ତାରିଖରେ ରସାୟନବିଜ୍ଞାନ ବିଷୟରେ ସର୍ବାଧିକ ୧୦୩୧ଜଣ ଲେଖାଏଁ ଛାତ୍ରଛାତ୍ରୀ ପରୀକ୍ଷା ଦେଉଛନ୍ତି। କେନ୍ଦ୍ରାପଡା ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପରୀକ୍ଷାକେନ୍ଦ୍ରର ଅଧୀକ୍ଷକ କଲେଜ ଅଧ୍ୟକ୍ଷ ପ୍ରଫେସର ଶାନ୍ତନୁ କୁମାର ଜେନାଙ୍କ ସହ ଉପଅଧୀକ୍ଷକ ଡ. ବାସନ୍ତୀ ଶୁକ୍ଳା, ଅଧ୍ୟାପିକା ସଂଯୁକ୍ତା ସେଠୀ, ଅଧ୍ୟାପକ ବିକାଶ କୁମାର ନାୟକ, ଅଧ୍ୟାପକ ସତ୍ୟରଞ୍ଜନ ମିଶ୍ର ଓ ନିଲେଶ ଦାସ ପରୀକ୍ଷା ପରିଚାଳନା ଦାୟିତ୍ୱରେ ରହିଛନ୍ତି।

## ବିବେକାନନ୍ଦ ପବ୍ଲିକ ସ୍କୁଲର ବାର୍ଷିକୋତ୍ସବ




**ଜଗତସିଂହପୁର,୧୯।୨ ଏକ୍ସପ୍ରେସ୍ ନ୍ୟୁଜ୍**

ଜଗତସିଂହପୁର ଜିଲ୍ଲା, କାଦୁଅପଡା ଗ୍ରାମପଂଚାୟତର ରନ୍ଦୋଳ (କୁସିଙ୍ଗା )ଗ୍ରାମସ୍ଥ ବିବେକାନନ୍ଦ ପବ୍ଲିକ ସ୍କୁଲର ବାର୍ଷିକୋତ୍ସବ ୨୫-୨୬ ମହାଆଡମ୍ବରରେ ବିଦ୍ୟାଳୟ ପ୍ରାଙ୍ଗଣ ରେ ଅନୁଷ୍ଠିତ ହୋଇଯାଇଛି। ଉପାଧ୍ୟକ୍ଷ ପ୍ରଦୀପ୍ତ କୁମାର ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଅଜୟ କୁମାର ମହାନ୍ତି, ତହସିଲଦାର, ଜଗତସିଂହପୁର, ମୁଖ୍ୟବକ୍ତା ପରିବେଶବିତ ଉତ୍କଳ ରଞ୍ଜନ ମହାନ୍ତି, ସମ୍ମାନୀତ ବକ୍ତାବୃନ୍ଦ ଅଧ୍ୟାପକ ଗୋପାଳ ଚନ୍ଦ୍ର ମିଶ୍ର, ପ୍ରଧାନ ଶିକ୍ଷକ ରାଇଚରଣ ତ୍ରିପାଠୀ, ଉପାଧ୍ୟକ୍ଷ ବିଦ୍ୟାଳୟ ପରିଚାଳନା ସମିତି ଭକ୍ତ ଚରଣ ପାଲ, ସଭ୍ୟ ପରିଚାଳନା ସମିତି ନିରଞ୍ଜନ ପାଲ, ବ୍ଲକ୍ ସ୍ୱାସ୍ଥ୍ୟଅଧିକାରିଣୀ ସଙ୍ଗୀତା ପଟ୍ଟନାୟକ, ରେଡକ୍ରସ ଅଧିକାରୀ ତ୍ରିଲୋଚନ ସାହୁ, ପୂର୍ବତନ ପ୍ରଧାନ ଶିକ୍ଷକ ଶରତଚନ୍ଦ୍ର ବାରିକ, ପୂର୍ବତନ ଶିକ୍ଷକ ନଗେନ ପଣ୍ଡା, ପରିଚାଳନା ସମିତି ସମ୍ପାଦକ ରଣଜିତ କିଶୋର ମହାନ୍ତି, ଶିକ୍ଷକ ତଥା ପରିଚାଳନା ସମିତି ସଭ୍ୟ ଅଜିତ କିଶୋର ମହାନ୍ତି ଆଦି ଉପସ୍ଥିତ ଥିଲେ। ମୁଖ୍ୟଅତିଥି ଏବଂ ଅନ୍ୟ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇ, ମନ୍ତ୍ରପାଠ କରାଯାଇ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଅଧ୍ୟକ୍ଷା ସମାପିକା ପାଲ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ଅତିଥିମାନଙ୍କର ମାର୍ଗଦର୍ଶନ ପୂର୍ବକ ଉଦ୍‌ବୋଧନ ପରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବାର୍ଷିକ ଉତ୍ସବର ସନ୍ଧ୍ୟାଟି ସ୍ୱର୍ଗତ ସଞ୍ଜିତ କିଶୋର ମହାନ୍ତି ରୁନା ସାରଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ କରାଯାଇ, ତାଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ଓ କର୍ମଚାରୀବୃନ୍ଦ ରୂପାଲୀ ପ୍ରଧାନ, ସନ୍ଧ୍ୟାରାଣୀ ପଣ୍ଡା, କବିତା ବାରିକ, ପ୍ରତିମା ଦାସ, ଶୁଭଶ୍ରୀ ଦାସ, ପ୍ରିୟଙ୍କା ପଣ୍ଡା, ପ୍ରିୟଦର୍ଶିନୀ ଜେନା, କୁମାରୀ ଧାରାଶ୍ରାବଣୀ ସାହୁ, କୁମାରୀ ପ୍ରିୟମ୍ବଦା ଦାସ, କୁମାରୀ ସ୍ୱାଗତିକା ପରିଜା, କୁମାରୀ ଶର୍ମିଷ୍ଠା ମହାନ୍ତି, କୁମାରୀ ରୋଜାଲିନ ମଲ୍ଲିକ, କଳ୍ପବାସୀ ନନ୍ଦ, ଶୁଭାଶିଷ ସେଠୀ, ଜ୍ୟୋତିରଞ୍ଜନ ମହାରଣା, ବିଶ୍ୱଜିତ ମଲ୍ଲିକ, ଦେବାଶିଷ ମଲ୍ଲିକ, ସ୍ମୃତିରଞ୍ଜନ ଦାସ, ହୃଷିକେଶ ସାହୁ ଆଦିଙ୍କର ସହଯୋଗରେ କାର୍ଯ୍ୟକ୍ରମ ଶେଷ ହୋଇଥିଲା। ଶେଷରେ କୁମାରୀ ରଶ୍ମିରେଖା ଓଝାଙ୍କ ନିର୍ଦ୍ଦେଶନାରେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କଦ୍ୱାରା ପରିବେଷଣ କରାଯାଇଥିଲା।

## ଠାକୁର ଅଭିରାମଙ୍କ ଧର୍ମ ସମ୍ମିଳନୀ

**ରାଜନଗର,୧୯।୨ ଏକ୍ସପ୍ରେସ୍ ନ୍ୟୁଜ୍**

ଜଗତଗୁରୁ ଠାକୁର ଶ୍ରୀ ଶ୍ରୀ ଅଭିରାମ ପରମହଂସ ଦେବଙ୍କ ୫ମ ସନାତନ ଧର୍ମ ସମ୍ମିଳନୀ ଓ ଭକ୍ତ ମିଳନ ଉତ୍ସବ ୨୦ ତାରିଖରୁ ୨୩ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ମହୁଲିଆ ଠାରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି ଅବସରରେ ଏକ ପ୍ରସ୍ତୁତି ବୈଠକ ପରମ ପୂଜ୍ୟ ବାବାଜୀ ଅଦ୍ୱୈତ ଦାସ ମହାରାଜଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ୯ ଘଟିକା ଠାରୁ ରାଜନଗର ଠାକୁରଙ୍କ ମନ୍ଦିର ଠାରୁ ଠାକୁରଙ୍କ ଶୋଭାଯାତ୍ରା ବାହାରି ରୟଜନଗର ବଜାର ପରିକ୍ରମା କରି କୁରୁଣ୍ଡି, ପଶ୍ଚିମଭେଡ ଓ ଜରିମୂଳ ହୋଇ ସମ୍ମିଳନୀ ସ୍ଥଳକୁ ବିଜେ କରିବେ। ଠାକୁରଙ୍କ ଏହି ଶୋଭାଯାତ୍ରାରେ ସାମିଲ ହେବା ପାଇଁ ସମସ୍ତ ଭକ୍ତବୃନ୍ଦ ଓ ଭଗବତପ୍ରେମୀଙ୍କୁ ପରିଚାଳନା ପରିଷଦ ଓ ସମସ୍ତ ଭକ୍ତ ଗୋଷ୍ଠୀ ତରଫରୁ ନିବେଦନ କରାଯାଇଛି।

## ରାଜନଗରରେ ନୂଆ ବିଡିଓ

**ରାଜନଗର,୧୯।୨ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକରେ ନୂତନ ବିଡିଓ ଭାବେ ଅଶୋକ କୁମାର ମହାନ୍ତି ଯୋଗଦାନ କରିଛନ୍ତି। ବିଡିଓ ତିଳୋତମା ପୃଷ୍ଟିଙ୍କର ମାହାଙ୍ଗା ବ୍ଲକକୁ ବଦଳି ପରେ ପଟ୍ଟାମୁଣ୍ଡାଇ ଉପନିବନ୍ଧକ ଭାବେ କାର୍ଯ୍ୟରତ ଥିବା ଶ୍ରୀ ମହାନ୍ତିଙ୍କୁ ରାଜନଗର ବିଡିଓ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଶ୍ରୀ ମହାନ୍ତି ବିଡିଓ ଭାବେ ଯୋଗଦେବା ପରେ ମୁଖ୍ୟ କିରାଣୀ ଏମଡି ଜମିଲ, ଏପିଇଓ ପ୍ରଦ୍ୟୁମ୍ନ ଆଚାର୍ଯ୍ୟ, ସିପି ଆଶିଷ ସାହୁ, କର୍ମଚାରୀ ନିଗମ ନାୟକ ପ୍ରମୁଖ ଫୁଲତୋଡା ଦେଇ ସ୍ୱାଗତ କରିଥିଲେ।

## ଅବକାରୀ କର୍ମଚାରୀଙ୍କୁ ଆକ୍ରମଣରେ ଜଣେ ଗିରଫ



**ଆଠଗଡ଼,୧୯।୨ ଏକ୍ସପ୍ରେସ୍ ନ୍ୟୁଜ୍**

ଦାମୀ କାରରେ ହେଉଥିଲା ବେଆଇନ ଦେଶୀମଦ କାରବାର। ବିଶେଷ ସୂତ୍ରରୁ ଖବର ପାଇ ଆଠଗଡ଼ ସହର ଚାନ୍ଦବାଲି ଛକରେ ମାଡିବସିଲା ଅବକାରୀ ବିଭାଗ। ୫୨୦ ଲିଟର ଦେଶୀମଦ ସହିତ କାର ସହ ଜଣେ ଗିରଫ ହୋଇଥିବା ଜଣାପଡିଛି। ତେବେ ଅନ୍ୟ ଜଣେ ଫେରାର ହୋଇଛନ୍ତି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ଆଠଗଡ଼ ଥାନା ହମମାଳପୁରର ସୌମ୍ୟକାନ୍ତ ଜେନା। ଆଠଗଡ଼ ଚାନ୍ଦବାଲି ଛକ ଆଡ଼କୁ ଅଭିନବ ଉପାୟରେ ନକଲି ଦେଶୀ ମଦ ବୋଝେଇ ଏକ ନାମିଦାମୀ କାର ଯୋଗେ ଢେଙ୍କାନାଳ ଜିଲ୍ଲା ଶଙ୍କରପୁର ପଟରୁ ଆଠଗଡ଼ ଆସୁଥିବା ବେଳେ ଚାନ୍ଦବାଲି ଛକ ଠାରେ ଅବକାରୀ ବିଭାଗ ଅଧିକାରୀ ଏବଂ କର୍ମଚାରୀମାନେ ସାଧା ପୋଷାକରେ ରହି ଗାଡ଼ିକୁ ଅଟକାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ଗାଡ଼ି ନ ରହି ଓଲଟା ଅବକାରୀ କର୍ମଚାରୀଙ୍କୁ ଆକ୍ରମଣ କରିଥିବା ଦେଖିବାକୁ ମିଳିଥିଲା। ତେବେ ବହୁ କଷ୍ଟରେ ଧସ୍ତାଧସ୍ତି ମଧ୍ୟରେ ମଦ ବୋଝେଇ କାରକୁ ଜବତ କରିବା ସହ ଆଠଗଡ଼ ଥାନା ଅନ୍ତର୍ଗତ ହେମମାଳପୁରର ସୌମ୍ୟକାନ୍ତ ଜେନାକୁ ଗିରଫ କରିଛି ଏବଂ ଖୁବ୍ ଶୀଘ୍ର ଫେରାର ଅଭିଯୁକ୍ତକୁ ଗିରଫ କରାଯିବ ବୋଲି କହିଛନ୍ତି ଆଠଗଡ଼ ଅବକାରୀ ନିରୀକ୍ଷକ।

## ଧରା ପଡିଲା ମନ୍ଦିର ଚୋର

**ଭୁବନ,୧୯।୨ ଏକ୍ସପ୍ରେସ୍ ନ୍ୟୁଜ୍**

ଗଛରେ ବନ୍ଧା ହେଲା ମନ୍ଦିର ଚୋର। ତାହା ପୁଣି ଭୁବନର ଆରାଧ୍ୟ ଠାକୁର ବୁଦ୍ଧେଶ୍ୱର ମନ୍ଦିର। ଦୈନିକ ବିଭିନ୍ନ ସ୍ଥାନରୁ ଚୋରି କରିଥିଲା ଲୋକେ ହଁ ମ କହି ଛାଡିଦେଉଥିଲେ। ଏବେ ଠାକୁର ଧରାଇଲେ। ଧରାପଡିଲା କୁଖ୍ୟାତ ମନ୍ଦିର ଚୋର। ବିଭିନ୍ନ ମନ୍ଦିରରୁ ଚୋରିକରି ଖସିଯାଉଥିଲା। କିନ୍ତୁ ଚୋର ଘର ସବୁବେଳେ ଅନ୍ଧାର ନଥାଏ। ଦିନେ ନା ଦିନେ ଆଲୁଅ ହେବ। ମଧ୍ୟରାତ୍ରିରେ ମନ୍ଦିରରୁ ଚୋରିକରି ଚମ୍ପଟ ମାରୁଥିବାବେଳେ ଲୋକଙ୍କ ଦ୍ୱାରା ଧରାପଡି ଗଛରେ ବନ୍ଧା ହେଲା। ଏପରି ଘଟଣା ଦେଖିବାକୁ ମିଳିଛି ଢେଙ୍କାନାଳ ଜିଲ୍ଲା ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦରେ।

ଭୁବନର ଆରାଧ୍ୟ ପ୍ରସିଦ୍ଧ ବାବା ବୁଦ୍ଧେଶ୍ୱରଙ୍କ ମନ୍ଦିର, ଶନି ମନ୍ଦିର, ରାଧାକୃଷ୍ଣ ଓ ପାର୍ବତୀ ମନ୍ଦିରରୁ ଲକ୍ଷାଧିକ ଟଙ୍କାର ପିତଳ ସାମଗ୍ରୀ ଯଥା ଘଣ୍ଟି, ଥାଳ, ନାଗ ଓ ଡାଳ ଚୋରିକରି ଏକ ଅଳିଆ ଟ୍ରଲି ସାହାଯ୍ୟରେ ଲଦି ଠେଲିଠେଲି ନେଉଥିଲା ଚୋର। ରାତ୍ରି ପ୍ରାୟ ଦୁଇରୁ ତିନିଟା ହେବ। କେହି କହିବେ ଅଳିଆ ଫୋପାଡିବାକୁ ନିଆଯାଉଛି। କିଛି ଶ୍ରମିକ କାମକୁ ବାହାରିଥିବାବେଳେ ସନ୍ଦେହରେ ଚୋରଟିକୁ ଅଟକାଇ ଦେଖିଥିଲେ। ଅଳିଆ ବୁହା ଟ୍ରଲିରୁ ମିଳିଲା ପୁଳାପୁଳା ପିତଳ ସାମଗ୍ରୀ। ଚୋରକୁ ନେଇ ବାବା ବୁଦ୍ଧେଶ୍ୱରଙ୍କ ମନ୍ଦିର ପ୍ରାଙ୍ଗଣରେ ଏକ ଗଛରେ ବାନ୍ଧି ମନ୍ଦିର କମିଟକୁ ଖବର କରିଥିଲେ। ଚୋର ଜଣକ ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦ ୱାର୍ଡ- ୯ ଅନ୍ତର୍ଗତ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ପୁଅ ମାନସ ମହାପାତ୍ର। ଖବର ପାଇ ଘଟଣାସ୍ଥଳରେ ଭୁବନ ପୋଲିସ ପହଞ୍ଚି ତଦନ୍ତ ଚଳାଇଛି।

## ବ୍ଲକ କାର୍ଯ୍ୟାଳୟକୁ ଜନପ୍ରତିନିଧିଙ୍କ ପ୍ରବେଶ ନିଷେଧ

**ନିଆଳି,୧୯।୨ ଏକ୍ସପ୍ରେସ୍ ନ୍ୟୁଜ୍**



କଣ୍ଟାପଡା ବ୍ଲକ ବିଡ଼ିଓ ସ୍ୱପ୍ନିତା ନାୟକ ଓ ପଞ୍ଚାୟତ ସମିତିର ଅଧିକାଂଶ ଜନ ପ୍ରତିନିଧି ମଧ୍ୟରେ ଲାଗିରହିଥିବା ବିବାଦ ବୁଧବାର ଉଗ୍ର ରୂପ ନେଇଥିଲା। ପଞ୍ଚାୟତ ସମିତି ନିଷ୍ପତ୍ତିକୁ ବ୍ଲକ ପ୍ରଶାସନ ମାନୁ ନଥିବାରୁ ଯାହା ଫଳରେ ବିଭିନ୍ନ ପଞ୍ଚାୟତରେ ଉନ୍ନୟନ ମୂଳକ କାମ ଠପ ହୋଇଯାଇଛି। ଏହାର ପ୍ରତିବାଦରେ ବ୍ଲକ ଅଧ୍ୟକ୍ଷା ସୁଶ୍ରୀ ଜୀନା ଭୋଇଙ୍କ ନେତୃତ୍ୱରେ ଗତ ୧୦ ତାରିଖରେ ବିଡ଼ିଓ ଶ୍ରୀମତୀ ନାୟକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ହେଲେ ଏହି ଦାବିପତ୍ର ବିଷୟରେ ଆଲୋଚନା ପାଇଁ ସକାଳ ୧୦ ଘଟିକା ସମୟରେ ବ୍ଲକ କାର୍ଯ୍ୟାଳୟ ଆଗରେ ପହଁଚିଲା ବେଳକୁ ଅଫିସ କାର୍ଯ୍ୟାଳୟ ଆଗରେ ତାଲା ଝୁଲୁଥିବା ଦେଖି ଉତ୍ତ୍ୟକ୍ତ ହୋଇଥିଲେ। ବିଡ଼ିଓଙ୍କ ବଦଳି ଦାବି ସହ ବିଭିନ୍ନ ଦାବି ନେଇ ପ୍ରତିବାଦ କରିଥିଲେ। ଘଟଣା ଅଥଳରେ ସଦର ଏସଡିପିଓ ବିଜୟ କୁମାର ମଲିକ ପହଞ୍ଚି ଲୋକ ପ୍ରତିନିଧିମାନଙ୍କୁ ବୁଝାସୁଝା କରି ଫାଟକ ଖୋଲିଥିଲେ। ଲୋକ ପ୍ରତିନିଧିମାନେ ନିଜ ନିଜ ଦଳୀୟ ବ୍ୟାନର ମାରି ଅହରହ ଧାରଣାରେ ବସିଛନ୍ତି। ସବୁଠୁ ବଡ଼ ବିଚିତ୍ର ଦୃଶ୍ୟ ଦେଖିବାକୁ ମିଳିଥିଲା ସାଶକ ଦଳ ଓ ପ୍ରଶାସନ ବିରୁଦ୍ଧରେ ଖୋଦ ସାଶକ ଦଳର କଣ୍ଟାପଡା ବ୍ଲକ ଅଧ୍ୟକ୍ଷା ସୁଶ୍ରୀ ଜୀନା ଭୋଇ, ବ୍ଲକ ଉପାଧ୍ୟକ୍ଷ ଯାଚିନ୍ଦ୍ର ବରାଳ ପ୍ରତିବାଦ କରିବା ସରକାରୀ ଦଳ ପାଇଁ ଅଡୁଆ ସୃଷ୍ଟି କରିଛି। ବିଡ଼ିଓ ଶ୍ରୀମତୀ ନାୟକ କେଉଁ ନେତାଙ୍କ ଛତ୍ର ଛାୟା ତଳେ ରହି ସରକାରୀ ଦଳର ଅଧ୍ୟକ୍ଷା ଓ ଅନ୍ୟାନ୍ୟ ସାଶକ ଦଳର ଜନ ପ୍ରତିନିଧିମାନଙ୍କୁ ଅଣ ଦେଖା କରୁଛନ୍ତି। ଏହି ଧାରଣାରେ ଜିଲ୍ଲାପରିଷଦ ପିୟୁଷ ମିଶ୍ର, କ୍ରିଷ୍ଣା ରାଣୀ ବେହେରା, ସରପଞ୍ଚ ସଂଜୟ ରାଉତ ରାୟ, ସସ୍ମିତା ସାସେନୀ, ସୁବ୍ରତ ଦାସ, ସୁମିତ୍ରା ପାଢ଼ୀ, ତୃପ୍ତି ମୟୀ ରାଉତ ରାୟ, କୁନି ମଲିକ, ସମିତି ସଭ୍ୟ ପ୍ରଶାନ୍ତ କୁମାର ପାଢ଼ୀ, ପ୍ରିୟବ୍ରତ ବେଉରା, ବୁଧନାଥ ବେହେରା ଧାରଣାରେ ବସିଛନ୍ତି। ଏହି ସର୍ବ ଦଳୀୟ ଧାରଣା ଯଦି ଆଗକୁ ଜାରି ରୁହେ ବିଭିନ୍ନ ରାଜନୀତିକ ଦଳର ସମର୍ଥକମାନେ ଏହି ଧାରଣାକୁ ସମର୍ଥନ କରିବା ପାଇଁ ପ୍ରସ୍ତୁତ ହେଉଛନ୍ତି। ଏ ନେଇ ବିଡ଼ିଓ ସ୍ୱପ୍ନିତା ନାୟକଙ୍କୁ ପଚାରିବାରୁ ଗୁରୁବାର ଆଲୋଚନା ହେବା ପାଇଁ କାର୍ଯ୍ୟକ୍ରମ ଥିଲା ହେଲେ ଏହା ପୂର୍ବରୁ ଧାରଣା ହେଲା।

## ହଳଦୀକୁ ହରାଇ ଗୁଲମୀ ଚମ୍ପିୟାନ

**ମୁରିବାହାଲ,୧୯।୨ ଏକ୍ସପ୍ରେସ୍ ନ୍ୟୁଜ୍**

ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ହଳଦୀ ହାଇସ୍କୁଲ ଖେଳ ପଡ଼ିଆରେ ଚାଲିଥିବା ଜୟ ଡଙ୍ଗରବୁଢ଼ୀ କପ୍ ଫୁଟବଲ୍ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ଉଦଯାପନୀ ଫାଇନାଲ ଖେଳରେ ଆୟୋଜକ ହଳଦୀ ଇଲେଭେନ ବ୍ରଦର୍ସ ଫୁଟବଲ ଆସୋସିଏନକୁ ୧-୦ ଗୋଲରେ ହରାଇ ଗୁଲମି ଦଳ ଚମ୍ପିୟାନ ଆଖ୍ୟା ଅର୍ଜନ କରିଛି। ଉଦଯାପନୀ ଉତ୍ସବରେ ବଲାଙ୍ଗିର ଜିଲ୍ଲା ବିଜେପି ସଭାପତି ଶ୍ରୀବତ୍ସ ବେହେରା ମୁଖ୍ୟଅତିଥି, ବିଧାୟକ ପ୍ରତିନିଧି ଗଙ୍ଗାଧର ହେର୍ଣ୍ଣା, ବିଜେପି ଜିଲ୍ଲା ଓବିସି ମୋର୍ଚ୍ଚା ସଭାପତି ମନୋଜ ହାତୀ, ବିଜେପି ଯୁବ ସଂଗଠକ ଦେବବ୍ରତ ବିଶି, ହଳଦୀ ସମିତି ସଭ୍ୟ ଟୁନାମଣି ମହାନନ୍ଦ, ମାଳିଶିରା ପେକ୍ସ ସମ୍ପାଦକ ପିତାମ୍ବର ବାଗ, ପୂର୍ବତନ ହଳଦୀ ସରପଞ୍ଚ ହୃଷିକେଶ ବାଗ, ନାଏବ ସରପଞ୍ଚ ଦିଗାମ୍ବର ବାଗ, ପଟାମରା ୱାର୍ଡସଭ୍ୟ ତଥା କଣ୍ଠଶିଳ୍ପୀ ଯୋଗଧାନ ହଂସ, ବିଜେପି ଗାଁରେଇ ମଣ୍ଡଳ ସଭାପତି ପ୍ରଦୀପ ବଛା, ପତ୍ରାପାଲି(ଖ) ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଲକ୍ଷ୍ମୀନାରାୟଣ ଛତ୍ରିଆ, ମୁରିବାହାଲ ବ୍ଲକ ଜର୍ଣ୍ଣାଲିଷ୍ଟ ଆସୋସିଏନ ସଭାପତି ଦୁର୍ଗାନନ୍ଦ ମହାକୁର, କୋଷାଧ୍ୟକ୍ଷ ନବୀନ ତାଣ୍ଡି, ବରିଷ୍ଠ ସାମ୍ବାଦିକ କେଦାର ବଡ଼ଜେନା ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

## ତାରା ତାରିଣୀଙ୍କ ଚୈତ୍ର ଯାତ୍ରା ଲାଗି ପ୍ରସ୍ତୁତି

**ବ୍ରହ୍ମପୁର,୧୯।୨ ଏକ୍ସପ୍ରେସ୍ ନ୍ୟୁଜ୍**



ଗଞ୍ଜାମ ଜିଲ୍ଲାର ଆରାଧ୍ୟ ଦେବୀ ମା'ତାରାତାରିଣୀଙ୍କ ଚୈତ୍ର ମାସ ଯାତ୍ରା ଲାଗି ଏକ ପ୍ରସ୍ତୁତି ବୈଠକ ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପ୍ରସ୍ତୁତି ବୈଠକରେ ମା'ତାରା ତାରିଣୀଙ୍କ ଯାତ୍ରା ସୁରୁଖୁରୁରେ ଶେଷ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଚଳିତ ବର୍ଷ ମା'ଙ୍କ ଯାତ୍ରା ୪ଟି ପାଳି ଅନୁଷ୍ଠିତ ହେବ। ପ୍ରଥମ ପାଳି ମାର୍ଚ୍ଚ ମାସ ୧୦ ତାରିଖରେ ଅନୁଷ୍ଠିତ ହେବାକୁଥିବା ବେଳେ ଦ୍ୱିତୀୟ ପାଳି ମାର୍ଚ୍ଚ ୧୭ ତାରିଖ, ତୃତୀୟ ପାଳି ମାର୍ଚ୍ଚ ମାସ ୨୪ ତାରିଖ ଓ ଚତୁର୍ଥ ତଥା ଶେଷ ପାଳି ମାର୍ଚ୍ଚ ୩୧ରେ ଅନୁଷ୍ଠିତ ହେବ। ମା'ଙ୍କ ଯାତ୍ରା ଉପଲକ୍ଷେ ଗତ ବର୍ଷ ୧ ଲକ୍ଷ ଲୋକ ମା'ଙ୍କ ମାଗଣା ଅନ୍ନ ପ୍ରସାଦ ପାଇଥିବା ବେଳେ ଚଳିତ ବର୍ଷ ମଧ୍ୟ ଏହାକୁ ସୁରୁଖୁରରେ ସମ୍ପାଦନା କରିବାକୁ ଜିଲ୍ଲାପାଳ ବୈଠକରେ ନିର୍ଦ୍ଦେଶ ଦେଇଥିଲେ। ଚଳିତ ବର୍ଷ ପ୍ରଥମ ପାଳି ମଙ୍ଗଳବାର ସହିତ ବରୁଣେଇ ସ୍ନାନ ପଡୁଥିବା ବେଳେ ଅଧିକ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିପାରେ। ସେମାନଙ୍କ ସୁରକ୍ଷା ପାଇ ହେଲିପ୍ୟାଡ଼ ଠାରୁ ମନ୍ଦିର ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଶେଡ଼ ନିର୍ମାଣ କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ମା'ଙ୍କ ଯାତ୍ରା ଉପଲକ୍ଷେ ୪ ପାଳି ମଙ୍ଗଳବାର ମନ୍ଦିର ପରିସରରେ ଚଣ୍ଡୀ ଯଜ୍ଞ ଅନୁଷ୍ଠିତ ହେବ। ଯାତ୍ରୀମାନେ ପାହାଡ଼ ତଳୁ ଉପରକୁ ଯିବା ପାଇଁ ଅଧିକ ବସ ନିୟୋଜିତ କରାଯିବ। ବସ ଟିକେଟ ୪୦ ଟଙ୍କା ଓ ରୋପ ୱେ ପାଇଁ ୬୦ ଟଙ୍କା ଧାର୍ଯ୍ୟ କରାଯାଇଛି। ମଙ୍ଗଳବାର ଯାତ୍ରା ଅନୁଷ୍ଠିତ ହେବାକୁଥିବା ବେଳେ ସୋମବାର ସନ୍ଧ୍ୟାରୁ ଆଇନ ଶୃଙ୍ଖଳା ବ୍ୟବସ୍ଥାର ସୁଧାର କରିବା ପାଇଁ ବ୍ୟାପକ ପୋଲିସ ମୂତୟନ ରହିବେ। ସେହିପରି ସେବାୟତମାନଙ୍କ ଯିବା ଆସିବା ପାଇଁ ୨ଟି ବୋଲେରୋ କରାଯିବ। ଯାତ୍ରା ସମୟରେ ବିଦ୍ୟୁତ ସରୋବରହ ଯେପରି ବାଧା ସୃଷ୍ଟି ନହୁଏ ସେଥିପାଇଁ ୪ଟି ଜେନେରେଟର ପ୍ରସ୍ତୁତ କରି ରଖିବାକୁ ଟିପିଏସଓଡ଼ିଏଲକୁ କୁହାଯାଇଛି। ନଦୀଘାଟ ପାଖରେ ସୁରକ୍ଷା ଦୃଷ୍ଟିରୁ ଓଡ୍ରାଫ ଓ ଦମକଳ ବାହିନୀ ନିୟୋଜିତ ହୋଇ ରହିବେ। ବିଶେଷ କରି ପଲିଥିନ ମୁକ୍ତ ଭାବେ ଯାତ୍ରା କରିବା ପାଇଁ ଚେଷ୍ଟା କରାଯିବ ବୋଲି ଜିଲ୍ଲାପାଳ ବୈଠକରେ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ପରିମଳ ସୁରକ୍ଷା, ପାନୀୟ ଜଳ, ଭ୍ରାମ୍ୟମାଣ ପାଇପ ଆଦି ଉପରେ ବୈଠକରେ ଆଲୋଚନା ହୋଇଛି। ସେହିପରି ୱାଇ ଫାଇର ବ୍ୟବସ୍ଥା, ଯାତ୍ରୀଙ୍କ ସୁରକ୍ଷା ପାଇଁ ବ୍ୟାରିକେଟ ଆଦିର ସୁବନ୍ଦୋବସ୍ତ କରିବା ପାଇଁ ଜିଲ୍ଲାପାଳ କହିଛନ୍ତି। ନକଲି ଘିଅରେ ପ୍ରସ୍ତୁତ ଦୀପକୁ ବାରଣ କରାଯାଇଛି। ନକଲି ଘିଅର ଯାଞ୍ଚ କରାଯିବ ବୋଲି ମଧ୍ୟ ଜିଲ୍ଲାପାଳ ବୈଠକରେ କହିଥିଲେ। ବୈଠକରେ ଗଞ୍ଜାମ ଏସପି ଶୁଭେନ୍ଦୁ କୁମାର ପାତ୍ର, ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳ, ମୁଖ୍ୟ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ, ପୁରୁଷୋତ୍ତମପୁର ବିଡ଼ିଓ ଶରତ କୁମାର ପାତ୍ର, ପୁରୁଷୋତ୍ତମପୁର ତହସିଲଦାର ବିନୋଦ କୁମାର ବେହେରାଙ୍କ ସମେତ ବହୁ ପଦସ୍ଥ ଅଧିକାରୀ ଉପସ୍ଥିତ ଥିଲେ।

## ବିଭିନ୍ନ ସ୍ଥାନରେ ମାଟ୍ରିକ ପରୀକ୍ଷା

**ନୀଳଗିରି,୧୯।୨ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟସରକାର ଓ ଶିକ୍ଷାବିଭାଗ ପକ୍ଷରୁ ନିର୍ଦ୍ଧାରିତ ସୂଚୀ ଅନୁଯାୟୀ କଡ଼ା ସୁରକ୍ଷା ଓ ସିସି କ୍ୟାମେରା ବ୍ୟବସ୍ଥା ମଧ୍ୟରେ ବାଲେଶ୍ୱର ଜିଲ୍ଲା ନୀଳଗିରିର ସର୍ବପୁରାତନ କେସି ହାଇସ୍କୁଲରେ ଆରମ୍ଭ ହୋଇଛି ମାଟ୍ରିକ ପରୀକ୍ଷା। ଏଥର ସଜନକ୍ଷଗଡ ବଣଭୁଇଁ ହାଇସ୍କୁଲ, ଧୋବଶିଳା ହାଇସ୍କୁଲ, ବାଲିଗୋହିରି ରତ୍ନାକର ଟାଉନ ହାଇସ୍କୁଲର ମୋଟ ୨୨୬ଜଣ ପରୀକ୍ଷାର୍ଥୀ ନୀଳଗିରି କେସି ହାଇସ୍କୁଲରେ ପରୀକ୍ଷା ଦେଇଛନ୍ତି। ମୋଟ ୯ଟି ରୁମରେ ପ୍ରତି ରୁମରେ ୨୪ଜଣ ପରିକ୍ଷାର୍ଥୀଙ୍କ ପରୀକ୍ଷା ଦେବା ପାଇଁ ବ୍ୟବସ୍ଥା କରାଯାଇଛି। ଏଥିସହିତ ପ୍ରଶ୍ନପତ୍ରକୁ ଷ୍ଟ୍ରଙ୍ଗରୁମରୁ କଡ଼ା ସୁରକ୍ଷା ଓ ଏଆଇ କ୍ୟାମେରାର ଦେଖାରେଖରେ ବିଭିନ୍ନ ସେଣ୍ଟରକୁ ଆଜିର ପ୍ରଶ୍ନପତ୍ର ସଠିକ ସମୟରେ ପହଞ୍ଚାଇଯାଇଛି। ପରିକ୍ଷାର୍ଥୀମାନେ ପୂର୍ବ ନିର୍ଦ୍ଧାରିତ ସମୟରେ ହାଇସ୍କୁଲ ମଧ୍ୟକୁ ପ୍ରବେଶ କରିବା ସହିତ ପରୀକ୍ଷାରେ ବ୍ୟବହୃତ ଏଡିମିଟ କାର୍ଡ, କଲମ ବ୍ୟତିତ ହାତ ଓ ସ୍ମାର୍ଟ ଘଣ୍ଟା, ମୋବାଇଲ ସହ ଅନ୍ୟ କୌଣସି ଜିନିଷ ୧୯୮୮ ମସିହାରେ ପ୍ରଚଳିତ ନିୟମ ଅନୁସାରେ ଭିତରକୁ ନେବାରେ ବାରଣ ହୋଇଥିବାରୁ ହାଇସ୍କୁଲ ଶିକ୍ଷକ/ ଶିକ୍ଷୟତ୍ରୀମାନେ ଯାଞ୍ଚ କରି ସେଣ୍ଟର ମଧ୍ୟକୁ ପ୍ରବେଶ କରାଇଛନ୍ତି। ପରିକ୍ଷାର୍ଥୀମାନଙ୍କ ନିମନ୍ତେ ସେମନଙ୍କର କ୍ରମିକ ନମ୍ବର ଅନୁସାରେ କେଉଁ ସ୍କୁଲର ରୁମରେ ବ୍ୟବସ୍ଥା କରାଯାଇଛି ତାହା ଜାଣିବା ପାଇଁ ପ୍ରବେଶ ଦ୍ୱାରରେ ବ୍ଲାକବୋର୍ଡ ଦର୍ଶାଯାଇଥିବା ବେଳେ ପାନୀୟ ଜଳ ଓ ଅନ୍ୟାନ୍ୟ ସାମଗ୍ରୀର ବ୍ୟବସ୍ଥା କରାଯାଇଛି। ପରୀକ୍ଷାକୁ ସ୍ୱଚ୍ଛ ଓ ନିର୍ମଳ ଭାବେ ପାଳନ କରିବା ପାଇଁ ଶିକ୍ଷାବିଭାଗ ଓ ସ୍ଥାନୀୟ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବାର ଦେଖିବାକୁ ମିଳିଛି।

**ବୈଶିଙ୍ଗା:** ସାରା ରାଜ୍ୟରେ ଫେବୃଆରୀ ୧୯ ତାରିଖ ଠାରୁ ଆରମ୍ଭ ହୋଇଥିବା ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ବେତନଟୀ ବ୍ଲକରେ ସୁରୁଖୁରୁରେ ସମାପନ ହୋଇଥିବାରଯାଇଛି। ଏହି ବ୍ଲକ ଅନ୍ତର୍ଗତ ୧୧ଟି ପରୀକ୍ଷା କେନ୍ଦ୍ରରେ ୧୮୫୩ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁଥିବା ବେଳେ ୧୮୨୯ ଜଣ ପରୀକ୍ଷା ଦେଇଥିବା ଓ ୨୪ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ଥିବା ଜଣାପଡିଛି। ତନ୍ମଧ୍ୟରୁ ଜନତା ସରକାରୀ ହାଇସ୍କୁଲ ସନ୍ତରାରେ ୧୫୬ ଜଣରୁ ୧୫୫ ଜଣ, ସତ୍ୟସାଇ ସରକାରୀ ହାଇସ୍କୁଲ ଖୁଣ୍ଟାପୁରରେ ୧୨୨ ଜଣରୁ ୧୧୪ ଜଣ, ଅଁଳା ସରକାରୀ ହାଇସ୍କୁଲରେ ୧୨୩ ଜଣରୁ ୧୨୨ ଜଣ, ମୁନିଲାଲ ସରକାରୀ ହାଇସ୍କୁଲ ବୈଶିଙ୍ଗାରେ ୧୮୨ରୁ ୧୮୨ ଜଣ, କେସିଏସଏନ ସରକାରୀ ହାଇସ୍କୁଲ ପାଟଳିପୁରାରେ ୧୫୮ରୁ ୧୫୭ ଜଣ, ପଞ୍ଚାୟତ ହାଇସ୍କୁଲ ଗଡଦେଉଳିଆରେ ୨୩୦ରୁ ୨୩୦ ଜଣ, ସରକାରୀ ବାଳିକା ହାଇସ୍କୁଲ ବେତନଟୀରେ ୧୮୭ରୁ ୧୮୫ ଜଣ, ପିଏମଶ୍ରୀ ଏମ୍ ପିସି ହାଇସ୍କୁଲ ବେତନଟୀରେ ୧୮୫ରୁ ୧୭୮ ଜଣ, ସରକାରୀ ବାଳିକା ହାଇସ୍କୁଲ ନହଣ୍ଡାଶୋଳରେ ୧୯୮ରୁ ୧୯୮ ଜଣ, ସିଦ୍ଧେଶ୍ୱର ହାଇସ୍କୁଲ ଛଚିନାପଦାରେ ୧୫୧ରୁ ୧୪୮ ଜଣ, ବ୍ରହ୍ମପୁରା ସରକାରୀ ହାଇସ୍କୁଲରେ ୧୬୧ରୁ ୧୬୦ଜଣ ପରୀକ୍ଷାର୍ଥୀ ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଦେଇଥିବା ଜଣାପଡିଛି। ସିଦ୍ଧେଶ୍ୱର ହାଇସ୍କୁଲ ଛଚିନାପଦାରେ ୧୪୮ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୦୪ ଜଣ ସାଧାରଣ ବିଦ୍ୟାଳୟ ଓ ୪୪ ଜଣ ସଂସ୍କୃତ ମଧ୍ୟମା ବର୍ଗର ଅଟନ୍ତି। ପରୀକ୍ଷାକୁ ଶାନ୍ତିଶୃଙ୍ଖଳା ସହ ପରିଚାଳିତ କରିଥିବାରୁ ଏହି ପରୀକ୍ଷା ସହ ଜଡ଼ିତ ଥିବା ସମସ୍ତ ଶିକ୍ଷକ ଭାଇ ଓ ଭଉଣୀମାନଙ୍କୁ ଓଷ୍ଟା ସଂଘ ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯାଇଛି।

**ଶେରଗଡ:** ଶେରଗଡ ବ୍ଲକର ବିଭିନ୍ନ ସରକାରୀ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ମ୍ୟାଟ୍ରିକ ପରୀକ୍ଷାର ପ୍ରଥମ ଦିବସରେ ସାହିତ୍ୟରେ ରେଗୁଲାର ୧୬୯୫ ଓ ଏକ୍ସରେଗୁଲାରରେ ୩ ଜଣ ପରୀକ୍ଷା ଦେଇଛନ୍ତି। ସେଥିମଧ୍ୟରୁ ଶେରଗଡ ମହାତ୍ମାଗାନ୍ଧୀ ଉଚ୍ଚ ବିଦ୍ୟାଳୟରେ ରେଗୁଲାରର ୨୭୦ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୬୯ଜଣ ପରୀକ୍ଷା ଦେଇଥିବା ବେଳେ ଜଣେ ପରୀକ୍ଷାର୍ଥୀ ଅନୁପସ୍ଥିତ ଏବଂ ଏକ୍ସରେଗୁଲାରରେ ୧ଜଣ ପରୀକ୍ଷା ଦେବାକୁଥିବା ବେଳେ ପରୀକ୍ଷାର୍ଥୀ ଜଣଙ୍କ ଅନୁପସ୍ଥିତ ଅଛନ୍ତି। ଶେରଗଡ ବାଳିକା ଉଚ୍ଚ ବିଦ୍ୟାଳୟରେ ୨୮୩ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୮୦ଜଣ ପରୀକ୍ଷା ଦେଇଥିବା ବେଳେ ୩ଜଣ ପରିକ୍ଷାର୍ଥୀ ଅନୁପସ୍ଥିତ ଏବଂ ଜଣେ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। କରଡାକଣା ହାଇସ୍କୁଲରେ ରେଗୁଲାରର ୨୫୯ ଜଣଙ୍କ ମଧ୍ୟରୁ ୨୪୫ଜଣ ପରୀକ୍ଷା ଦେଇଥିବା ବେଳେ ୧୪ଜଣ ଅନୁପସ୍ଥିତ ଅଛନ୍ତି। ଡାକରଡା ଶହୀଦ ଉଚ୍ଚ ବିଦ୍ୟାଳୟରେ ସମସ୍ତ ୨୬୪ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ଏକ୍ସରେଗୁଲାରର ସମସ୍ତ ୨ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ଧନନ୍ତର ନାଥେଶ୍ୱର ଉଚ୍ଚ ବିଦ୍ୟାଳୟରେ ରେଗୁଲାରର ୧୬୯ ଜଣଙ୍କ ମଧ୍ୟରୁ ୧୬୬ଜଣ ପରୀକ୍ଷା ଦେଇଥିବା ବେଳେ ୩ ଜଣ ଅନୁପସ୍ଥିତ ଅଛନ୍ତି। ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟରେ ୧୫୪ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୫୧ ଜଣ ପରୀକ୍ଷା ଦେଇଛନ୍ତି ଏବଂ ୩ଜଣ ଅନୁପସ୍ଥିତ ଅଛନ୍ତି। ପିତଳ ଉଚ୍ଚ ବିଦ୍ୟାଳୟରେ ସମସ୍ତ ୧୪୬ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ କୁରୁଳା ଉଚ୍ଚ ବିଦ୍ୟାଳୟରେ ସମସ୍ତ ୧୭୪ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ଶେରଗଡ ବ୍ଲକର ସମସ୍ତ ୮ଟି ପରୀକ୍ଷା କେନ୍ଦ୍ରରେ ରେଗୁଲାର ପରୀକ୍ଷାର୍ଥୀ ୧୭୧୯ ଜଣଙ୍କ ମଧ୍ୟରୁ ୧୬୯୫ ଜଣ ପରୀକ୍ଷା ଦେଇଥିବା ବେଳେ ୨୪ ଜଣ ଅନୁପସ୍ଥିତ ଅଛନ୍ତି।

**କେନ୍ଦୁଝର:** ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳିତ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା-୨୦୨୬ ଗୁରୁବାର ଠାରୁ ରାଜ୍ୟବ୍ୟାପୀ ଆରମ୍ଭ ହୋଇଛି। କେନ୍ଦୁଝର ଜିଲ୍ଲାରେ ମୋଟ ୨୫୭୩୦ଜଣ ଛାତ୍ରଛାତ୍ରୀ ପରୀକ୍ଷା ନିମନ୍ତେ ଫର୍ମପୂରଣ କରିଥିବା ବେଳେ ସେଥିମଧ୍ୟରୁ ୨୪୮୭୩ଜଣ ପରୀକ୍ଷାର୍ଥୀ ୧୩୮ ପରୀକ୍ଷାକେନ୍ଦ୍ରରେ ପରୀକ୍ଷା ଦେଇଛନ୍ତି ଏବଂ ୮୫୭ଜଣ ଅନୁପସ୍ଥିତ ଥିବାବେଳେ କପି ଅଭିଯୋଗରେ ଜଣେ ମଧ୍ୟ ପରୀକ୍ଷାର୍ଥୀ ଦଣ୍ଡିତ ହୋଇନଥିବା ଜିଲ୍ଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ। ଚଳିତବର୍ଷ କେନ୍ଦୁଝର ଜିଲ୍ଲାର ୪୮୦ଟି ହାଇସ୍କୁଲର ରେଗୁଲାର, ଏକ୍ସ-ରେଗୁଲାର ଓ ପତ୍ରବିନିମୟ ପରୀକ୍ଷାର୍ଥୀଙ୍କୁ ମିଶାଇ ମୋଟ ୨୫୭୩୦ଜଣ ଛାତ୍ରଛାତ୍ରୀ ଫର୍ମ ପୂରଣ କରିଥିବା ବେଳେ ସେଥିମଧ୍ୟରୁ ୨୪୪୮୦ଜଣ ପରୀକ୍ଷା ଦେଇଥିବା ବେଳେ ୭୯୧ଜଣ ଅନୁପସ୍ଥିତ ରହିଛନ୍ତି । ୧୪ଟି ରାଜ୍ୟ ମୁକ୍ତ ବିଦ୍ୟାଳୟର ୨ଟି ପରୀକ୍ଷାକେନ୍ଦ୍ରରେ ୩୭୭ଜଣ ଛାତ୍ରଛାତ୍ରୀ ଫର୍ମପୂରଣ କରିଥିବା ବେଳେ ୩୧୪ଜଣ ପରୀକ୍ଷା ଦେଇଛନ୍ତି ଏବଂ ୬୩ଜଣ ଅନୁପସ୍ଥିତ ରହିଛନ୍ତି । ସେହିଭଳି ୩ଟି ମଧ୍ୟମା ବିଦ୍ୟାଳୟର ୮୨ଜଣ ଛାତ୍ରଛାତ୍ରୀ ୨ଟି ପରୀକ୍ଷାକେନ୍ଦ୍ରରେ ପରୀକ୍ଷା ନିମନ୍ତେ ଫର୍ମ ପୂରଣ କରିଥିବା ବେଳେ ସେଥିମଧ୍ୟରୁ ୭୯ଜଣ ପରୀକ୍ଷା ଦେଇଛନ୍ତି ଏବଂ ୩ଜଣ ଅନୁପସ୍ଥିତ ଥିବା ଜଣାପଡିଛି । ବିଗତବର୍ଷ ପରି ଚଳିତଥର ମଧ୍ୟ ପ୍ରଶ୍ନପତ୍ର ମହଜୁଦ୍ ପାଇଁ ସମସ୍ତ ୧୩ଟି ବ୍ଲକ ସଦର ମହକୁମାସ୍ଥିତ ହାଇସ୍କୁଲକୁ ନୋଡାଲକେନ୍ଦ୍ର ଗଠନ କରାଯାଇ କଡା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ପ୍ରଶ୍ନପତ୍ର ଗଚ୍ଛିତ ରଖାଯାଇଛି । ଜିଲ୍ଲା ଓ ପୋଲିସ ପ୍ରଶାସନର ସହଯୋଗରେ ୩୯ଟି ଡେସପାଚ୍ ଦଳ ଗଠନ କରାଯାଇ ସମସ୍ତ ପରୀକ୍ଷାକେନ୍ଦ୍ରମାନଙ୍କରେ ପ୍ରଶ୍ନପତ୍ର ସୁରକ୍ଷିତ ଭାବେ ଯୋଗାଇ ଦିଆଯାଉଛି। ପ୍ରଶ୍ନପତ୍ର କୌଣସି ପରିସ୍ଥିତିରେ ଯେପରି ପ୍ରଘଟ ନହୁଏ ସେଥିପାଇଁ ରାତିବେଳା ପାଟ୍ରୋଲିଂ ବ୍ୟବସ୍ଥା ସହ ଅତର୍କିତ ଯାଞ୍ଚ କରାଯାଇ ପଦକ୍ଷେପ ନିଆଯାଇଥିବା ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା କହିଛନ୍ତି। ପରୀକ୍ଷାକେନ୍ଦ୍ରରେ କପିକରି ଧରାପଡିଲେ ଉଭୟ ପରୀକ୍ଷାର୍ଥୀ ଏବଂ ନିରୀକ୍ଷକ ଓ କେନ୍ଦ୍ର ସୁପରିଟେଣ୍ଡେଣ୍ଟଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲା ଶିକ୍ଷା ଅଧିକାରୀ ଶ୍ରୀ ବରିହା ସତର୍କ କରାଇ ଦେଇଛନ୍ତି । ପରୀକ୍ଷା ପରିଚାଳନାକୁ ସ୍ୱଚ୍ଛ କରିବା ପାଇଁ ପରୀକ୍ଷା ସହ ଜଡିତ ନଥିବା ବ୍ୟକ୍ତିବିଶେଷଙ୍କୁ ପରୀକ୍ଷାକେନ୍ଦ୍ରର ୨୦୦ମିଟର ଦୂରତା ମଧ୍ୟରେ ପ୍ରବେଶକୁ ବାରଣ କରାଯାଇଛି।

## ହାଓଡ଼ା-ଜୁନାଗଡ଼ ରୋଡ୍ ଇସ୍ପାତ ଏକ୍ସପ୍ରେସ୍ ସମ୍ପ୍ରସାରଣ



**ଭୁବନେଶ୍ୱର,୧୯।୨ ଏକ୍ସପ୍ରେସ୍ ନ୍ୟୁଜ୍**

ପଶ୍ଚିମ ଓଡ଼ିଶାରେ ରେଳ ସଂଯୋଗକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ହାଓଡ଼ା-ଟିଟିଲାଗଡ଼-ହାଓଡ଼ା ଇସ୍ପାତ ଏକ୍ସପ୍ରେସ୍ ଜୁନାଗଡ଼ ରୋଡ୍ ପର୍ଯ୍ୟନ୍ତ ସମ୍ପ୍ରସାରିତ କରାଯାଇଛି। ଏହି ସମ୍ପ୍ରସାରଣ ବଲାଙ୍ଗୀର ଏବଂ କଳାହାଣ୍ଡି ଜିଲ୍ଲାର ଜନସାଧାରଣଙ୍କ ପାଇଁ ଅଧିକ ଯାତ୍ରୀ ସୁବିଧା, ଉନ୍ନତ ସୁଗମତା ଏବଂ ନୂତନ ସୁଯୋଗ ଆଣିବ। ଜୁନାଗଡ଼ ରୋଡ୍ ଏବଂ ଟିଟିଲାଗଡ଼ ମଧ୍ୟରେ ସମ୍ପ୍ରସାରିତ ଭାଗର ଉଦଘାଟନୀ କାର୍ଯ୍ୟକ୍ରମ ୧୯ ଫେବୃଆରୀ ୨୦୨୬ରେ ଅନୁଷ୍ଠିତ ହେବ। ଯାହା ଏହି ଅଞ୍ଚଳରେ ରେଳ ସେବାକୁ ବୃଦ୍ଧି କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଭାବେ ଚିହ୍ନିତ ହେବ। ଟ୍ରେନ୍ ନମ୍ବର ୧୨୮୭୧ (ହାଓଡ଼ା-ଟିଟିଲାଗଡ଼ ଏକ୍ସପ୍ରେସ୍) ଏବେ ଜୁନାଗଡ଼ ରୋଡ୍ ପର୍ଯ୍ୟନ୍ତ ଚାଲିବ, ଯାହା ୨୧ ତାରିଖରୁ ହାଓଡ଼ାରୁ ଆରମ୍ଭ ହେବ। ଟ୍ରେନ ନମ୍ବର ୧୨୮୭୨ (ଟିଟିଲାଗଡ଼-ହାଓଡ଼ା ଏକ୍ସପ୍ରେସ) ୨୨ ତାରିଖରୁ ଜୁନାଗଡ଼ ରୋଡରୁ ଆରମ୍ଭ ହେବ। ସମ୍ପ୍ରସାରିତ ହାଓଡ଼ା-ଟିଟିଲାଗଡ଼ - ଜୁନାଗଡ଼ ରୋଡ ଇସ୍ପାତ ଏକ୍ସପ୍ରେସ ଟିଟିଲାଗଡ଼ ଏବଂ ଜୁନାଗଡ଼ ରୋଡ ମଧ୍ୟରେ କେସିଙ୍ଗା, ଲାଞ୍ଜିଗଡ଼ ରୋଡ ଏବଂ ଭବାନୀପାଟଣା ଷ୍ଟେସନରେ ରହଣି କରିବ। ହାଓଡ଼ା ଏବଂ ଟିଟିଲାଗଡ଼ ମଧ୍ୟରେ ସମସ୍ତ ବିଦ୍ୟମାନ ରହଣି ଏବଂ ସମୟ ଅପରିବର୍ତ୍ତିତ ରହିବ। ଟ୍ରେନଟି ହାଓଡ଼ା ଏବଂ ଟିଟିଲାଗଡ଼ ମଧ୍ୟରେ ଏକ ସୁପରଫାଷ୍ଟ ଏକ୍ସପ୍ରେସ ଏବଂ ଟିଟିଲାଗଡ଼ ଏବଂ ଜୁନାଗଡ଼ ରୋଡ ମଧ୍ୟରେ ଏକ ମେଲ/ଏକ୍ସପ୍ରେସ ସେବା ଭାବରେ କାର୍ଯ୍ୟ କରିବ। ଇସ୍ପାତ ଏକ୍ସପ୍ରେସର ଜୁନାଗଡ଼ ରୋଡ ପର୍ଯ୍ୟନ୍ତ ସମ୍ପ୍ରସାରଣ ପଶ୍ଚିମ ଓଡ଼ିଶା ପାଇଁ ଏକ ପ୍ରମୁଖ ପ୍ରୋତ୍ସାହନ। ଏହା କଳାହାଣ୍ଡି ଏବଂ ଏହାର ଆଖପାଖ ଅଞ୍ଚଳର ଲୋକମାନଙ୍କୁ ସିଧାସଳଖ ଏବଂ ନିର୍ଭରଯୋଗ୍ୟ ସଂଯୋଗ ପ୍ରଦାନ କରିବ। ସଂଯୋଗକାରୀ ଟ୍ରେନ ଉପରେ ନିର୍ଭରଶୀଳତା ହ୍ରାସ କରିବ ଏବଂ ଦୈନନ୍ଦିନ ଯାତ୍ରୀଙ୍କ ପାଇଁ ଯାତ୍ରାକୁ ସହଜ କରିବ। ଏହି ବର୍ଦ୍ଧିତ ସେବା ଛାତ୍ରଛାତ୍ରୀ, ଚିକିତ୍ସା ସୁବିଧା ଚାହୁଁଥିବା ରୋଗୀ, ବ୍ୟବସାୟୀ, ସରକାରୀ କର୍ମଚାରୀ ଏବଂ କାର୍ଯ୍ୟରତ ପେସାଦାରମାନଙ୍କୁ ଲାଭାନ୍ୱିତ କରିବ। ଏହା ମଧ୍ୟ ପର୍ଯ୍ୟଟନକୁ ପ୍ରୋତ୍ସାହନ କରିବା ସହିତ ସାମଗ୍ରୀର ସୁଗମ ପରିବହନ ଏବଂ କ୍ଷୁଦ୍ର ବାଣିଜ୍ୟର ଗତିବିଧିକୁ ସହଜ କରିବ ବୋଲି ମଧ୍ୟ ଆଶା କରାଯାଉଛି। ଯାହାଦ୍ୱାରା ସ୍ଥାନୀୟ ଅର୍ଥନୈତିକ ଅଭିବୃଦ୍ଧିରେ ଏହା ସହାୟକ ହେବ। ମୋଟାମୋଟି ଭାବେ, ଏହି ସମ୍ପ୍ରସାରଣ ସମାବେଶୀ ଏବଂ ସନ୍ତୁଳିତ ଆଞ୍ଚଳିକ ବିକାଶ ପ୍ରତି ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି, ଯାହା ଦ୍ୱାରା ଉନ୍ନତ ରେଳ ଭିତ୍ତିଭୂମି ପଶ୍ଚିମ ଓଡ଼ିଶାର ଆକାଂକ୍ଷା ଏବଂ ପ୍ରଗତିକୁ ସମର୍ଥନ କରିବ।

## ପଞ୍ଚଦିବସୀୟ 'ପ୍ରବୋଧନ' ପ୍ରଶିକ୍ଷଣ




**ଅସ୍ତରଙ୍ଗ,୧୯।୨ ଏକ୍ସପ୍ରେସ୍ ନ୍ୟୁଜ୍**

ସୁରେନ୍ଦ୍ରନାଥ ନୋଡାଲ ଉଚ୍ଚ ବିଦ୍ୟାଳୟ ଠାରେ ପାଞ୍ଚ ଦିନ ଧରି ଚାଲିଥିବା ଇସିଏଫ-ସିଇ ୨୦୨୫ ପ୍ରଶିକ୍ଷଣ ଶିବିର 'ପ୍ରବୋଧନ' ଉଦଯାପିତ ହୋଇଯାଇଛି। ଏହି ଶିବିରରେ ବିଭିନ୍ନ ବିଦ୍ୟାଳୟର ୫୦ ଜଣ ଶିକ୍ଷକ-ଶିକ୍ଷୟିତ୍ରୀ ଭାଗ ନେଇଥିଲେ। ମଣ୍ଡଳ ଶିକ୍ଷା ଅଧିକାରୀ ଶ୍ରୀକାନ୍ତ କୁମାର ସ୍ୱାଇଁ, ସହଶିକ୍ଷା ଅଧିକାରୀ ପ୍ରିୟବ୍ରତ ବିଶ୍ୱାଳ ଏବଂ ମଙ୍ଗୁଳି ଚରଣ ଦାସ ତଥା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶୁଭେନ୍ଦୁ କୁମାର ଦାସ ମହୋଦୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମଟି ସୂଚାରୁ ରୂପେ ସମ୍ପାଦିତ ହୋଇଛି ଓ ସାଧନ କର୍ମୀ ସଞ୍ଜୟ କୁମାର ନାୟକ, ଧୀରେନ୍ଦ୍ର ପ୍ରଧାନ, ଆଲୋକ ରଞ୍ଜନ ମହାନ୍ତି ଏବଂ ଅଭିମନ୍ୟୁ ନାୟକ ବିଭିନ୍ନ ତଥ୍ୟ ଫରଦ ଓ ସୂଚନା ପ୍ରଯୁକ୍ତି ବିଦ୍ୟାର ଉପଯୋଗ କରି ପ୍ରଶିକ୍ଷଣ ଶିବିରଟିକୁ ସାର୍ଥକ କରିଥିଲେ। ଶିଶୁ କେନ୍ଦ୍ରିକ ଶିକ୍ଷଣ ପ୍ରକ୍ରିୟାରେ ପଞ୍ଚପଦୀ ଆଧାର, ତ୍ରିଭାଷୀ ବ୍ୟବସ୍ଥା, ସଂସ୍କୃତି ଓ ପରମ୍ପରା ସମୃଦ୍ଧ ପାଠ୍ୟକ୍ରମ ଆଦି ବେଶ୍ ରୋଚକ ସାବ୍ୟସ୍ତ ହୋଇଥିଲା। ପ୍ରଶିକ୍ଷାର୍ଥୀମାନଙ୍କ ମଧ୍ୟରେ ପ୍ରମୋଦ ବେହେରା, ରାମକୃଷ୍ଣ କର, ଜେନାମଣି ରାଜଲକ୍ଷ୍ମୀ, ଯାଜ୍ଞସେନୀ ପ୍ରଧାନ, ହରିହର ସ୍ୱାଇଁ, ନୃସିଂହ ପୋଲେଇ, ସୋନାଲି ସ୍ୱାଇଁ, ରମାକାନ୍ତ ମହାପାତ୍ର, ଅନିତା ରାୟ, ବସନ୍ତ ଦାସ, ଯଶୋବନ୍ତ ବେହେରା, ଦୀପ୍ତିମୟୀ ନାୟକ, ରମେଶ ମିଶ୍ର, ଅକ୍ଷୟ ପରିଡା, ସ୍ୱାଧୀନ ବେହେରା ପ୍ରମୁଖଙ୍କର ନିଜ ନିଜର ସୃଜନଶୀଳତା ଓ ସକ୍ରିୟ ଭାଗୀଦାରୀତା ପାଇଁ ଶିବିରଟି ଚଳଚଞ୍ଚଳ ହେଉଥିଲା। ଆସନ୍ତା ଶିକ୍ଷାବର୍ଷରୁ ନୂତନ ପାଠ୍ୟ ପୁସ୍ତକ, ନୂତନ ପାଠ୍ୟକ୍ରମ ପ୍ରଚଳନ ହେବାକୁ ଥିବାରୁ ଜାତୀୟ ଶିକ୍ଷା ନୀତିର ସଫଳ କାମନା କରି ଶିକ୍ଷା ଦାନରେ ବ୍ରତୀ ହେବାକୁ ଶିକ୍ଷକ ଶିକ୍ଷୟିତ୍ରୀମାନେ ସଂକଳ୍ପ ବଦ୍ଧ ହୋଇଥିଲେ।

## ନଦୀରୁ ମିଳିଲା ବାପା-ଝିଅଙ୍କ ମୃତଦେହ

**ବୈପାରୀଗୁଡା : ଏକ୍ସପ୍ରେସ୍ ନ୍ୟୁଜ୍**

ସାବରୀ ନଦୀରୁ ମିଳିଲା ଦୁଇଟି ଗଳିତ ଶବ। ମାଛ ଧରିବାକୁ ଯାଇ ବାଦୁଡି ପାହାଡ଼ରେ ପୁରା ପରିବାର ନିଖୋଜ ଥିଲେ। ଦୁଇ ମୃତଦେହ ଉଦ୍ଧାର କଲା ଓଡ୍ରାଫ୍ ଟିମ୍।

ସୂଚନାଯୋଗ୍ୟ ଯେ, କୋରାପୁଟ ଜିଲ୍ଲା ବୈପାରୀଗୁଡା ବାଦୁଡି ପାହାଡ଼ରେ ମାଛ ଧରିବାକୁ ଯାଇ ପୁରା ପରିବାର ନିଖୋଜ ଥିଲେ। ସାବରୀ ନଦୀରୁ ନିଖୋଜ ଦୁଇ ଜଣଙ୍କ ଗଳିତ ଶବ। ମୃତଦେହ ଉଦ୍ଧାର କଲା ଓଡ୍ରାଫ ଟିମ୍। ମୃତକ ଦଣ୍ଡାବାଡ଼ି ଗାଁର ଲଳିତ ପୂଜାରୀ ଏବଂ ତାଙ୍କ ଚାରି ବର୍ଷର ସାନ ଝିଅ ଗେଲି ପୂଜାରୀ। ନିଖୋଜ ଚାରି ସଦସ୍ୟଙ୍କ ମଧ୍ୟରୁ ବାପା ଓ ସାନ ଝିଅଙ୍କ ଶବ ଉଦ୍ଧାର ହୋଇଥିବା ବେଳେ ୭ ମାସର ଗର୍ଭବତୀ ମା' ଓ ବଡ଼ ଝିଅରେ ପତ୍ତା ମିଳୁନି। ଘଟଣାସ୍ଥଳରେ ଓଡ୍ରାଫ୍ ଟିମ୍, ଅଗ୍ନିଶମ ବାହିନୀ, ପୋଲିସ ପ୍ରଶାସନ ଓ ଗ୍ରାମବାସୀ ତଦନ୍ତ ଜାରି ରଖିଛନ୍ତି। ଗତ ଫେବୃଆରୀ ୧ ତାରିଖ ଦିନ ମାଛ ଧରିବାକୁ ଯାଇ ଲଳିତ ପୂଜାରୀଙ୍କ ପୁରା ପରିବାର ବାଦୁଡି ପାହାଡ଼ରେ ନିଖୋଜ ହୋଇଯାଇଥିଲା।

## ପଞ୍ଚାନନ ସ୍ୱାଇଁ ବ୍ଲକ୍ ବିଜେଡି ସଭାପତି

**ଅସ୍ତରଙ୍ଗ:ଏକ୍ସପ୍ରେସ୍ ନ୍ୟୁଜ୍**

ପୁରୀ ଜିଲ୍ଲା କାକଟପୁର ନିର୍ବାଚନ ମଣ୍ଡଳୀ ଅସ୍ତରଙ୍ଗ ବ୍ଲକ୍ ବିଜୁ ଜନତା ଦଳର ବରିଷ୍ଠ ନେତା ପଞ୍ଚାନନ ସ୍ୱାଇଁଙ୍କୁ ସଭାପତି ଭାବେ ଦଳ ନିଯୁକ୍ତ କରିଛି। ଅସ୍ତରଙ୍ଗ ବ୍ଲକ୍‌ର ଜଣେ ପରିଚିତ ବ୍ୟକ୍ତିତ୍ୱ, ଶିକ୍ଷକ ନେତା, ଦୃଢ ସଂଗଠକ ଓ ପୂର୍ବ ତନ ଜିଲ୍ଲାପରିଷଦ ସଭ୍ୟ ଏବଂ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ସୁରେନ୍ଦ୍ର ନାଥ ନାୟକଙ୍କ ଘନିଷ୍ଠ ସହଯୋଗୀ ଭାବେ ଜଣାଶୁଣା। ବୁଧବାର ଦିନ ଦଳର ରାଜ୍ୟ ରାଜନୈତିକ ସଂଗଠନ ବ୍ୟାପାର ପକ୍ଷରୁ ତାଙ୍କ ନାମକୁ ଘୋଷଣା କରାଯାଇଛି। ମୋର କାର୍ଯ୍ୟ ଶୈଳୀ ଓ ସାଙ୍ଗଠନିକ ଦକ୍ଷତା ଉପରେ ଦଳ ଭରସା କରି ନିଯୁକ୍ତି ଦେଇଥିବାରୁ ରାଜ୍ୟ ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ଜିଲ୍ଲା ସଭାପତି ଉମାକାନ୍ତ ସାମନ୍ତରାୟ, କାକଟପୁର ବିଧାୟକ ତୁଷାରକାନ୍ତି ବେହେରା ଓ ପୁରୀ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକଙ୍କୁ ଶ୍ରୀ ସ୍ୱାଇଁ କୃତଜ୍ଞତା ଜଣାଇବା ସହ ଅସ୍ତରଙ୍ଗବାସୀଙ୍କ ପାଇଁ କାର୍ଯ୍ୟ କରିବି ବୋଲି କହିଛନ୍ତି।

## ୨୨ରୁ ମହେନ୍ଦ୍ର ସ୍ୱାଇଁ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ

**ଖଣ୍ଡପଡ଼ା:ଏକ୍ସପ୍ରେସ୍ ନ୍ୟୁଜ୍**

ଖଣ୍ଡପଡ଼ା ସହରର ମଧୁବନ ମିନି ଷ୍ଟାଡିୟମ ପରିସରରେ ଆସନ୍ତା ୨୨ ତାରିଖ ରବିବାରଠାରୁ ୭ମ ରାଜ୍ୟସ୍ତରୀୟ ମହେନ୍ଦ୍ର ସ୍ୱାଇଁ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ।ଉଦଘାଟନୀ ମ୍ୟାଚ ମା ଭୈରବ କାଳୀ ଭଞ୍ଜନଗର ଫୁଟବଲ ଟିମ ଓ ବିଡାନାସି ଫୁଟବଲ ଏକାଡେମି କଟକ ମଧ୍ୟରେ ଅନୁଷ୍ଠିତ ହେବ। ସେହିପରି ୨୩ ତାରିଖରେ ବଜରଙ୍ଗୀ କ୍ଲବ ଘାଟିକିଆ ଓ ପପୁଲାର କ୍ଲବ ଢେଙ୍କାନାଳ ମଧ୍ୟରେ ୨ୟ ମ୍ୟାଚ ଅନୁଷ୍ଠିତ ହେବ। ୨୪ରେ ସ୍ପୋର୍ଟସ ଆସୋସିଏସନ ଖଣ୍ଡପଡ଼ା ଓ ବାପୁଜୀ କ୍ଲବ କଟକ, ୨୫ ରେ ଫ୍ରେଣ୍ଡସ ପାରାଡାଇଜ ଜଟଣୀ ଓ ରକି ସ୍ପୋଟିଙ୍ଗ ବୌଦ୍ଧ ମଧ୍ୟରେ ଶେଷ ଲିଗ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଜଣାପଡିଛି। ଆସନ୍ତା ୨୬ ଓ ୨୭ରେ ପ୍ରଥମ ଓ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହେବା ସହ ୨୮ ତାରିଖରେ ଦର୍ଶକମାନଙ୍କ ମନୋରଞ୍ଜନ ନିମନ୍ତେ କଟକ ଓ ଭୁବନେଶ୍ୱର ଟିମକୁ ନେଇ ମହିଳା ପ୍ରଦର୍ଶନୀ ଫୁଟବଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଜଣାପଡିଛି। ସେହିପରି ମାର୍ଚ୍ଚ ୧ ତାରିଖରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଟୁର୍ଣ୍ଣାମେଣ୍ଟର ଆୟୋଜକ ଖଣ୍ଡପଡ଼ା ସ୍ପୋର୍ଟସ ଆସୋସିଏସନର ମୁଖ୍ୟ ତଥା ବିଶିଷ୍ଟ କ୍ରୀଡାବିତ ଭିକାରୀ ଖଣ୍ଡାୟତଙ୍କ ଠାରୁ ପ୍ରକାଶ।

## ବନ୍ଧୁମିଳନରେ ପାରାଦୀପ ରାଜନୀତିକୁ ନେଇ ଚର୍ଚ୍ଚା

**କୁଜଙ୍ଗ:ଏକ୍ସପ୍ରେସ୍ ନ୍ୟୁଜ୍**

ନୂତନ ବର୍ଷ ଉପଲକ୍ଷେ ଆୟୋଜିତ ଏକ ବନ୍ଧୁମିଳନ ସମାରୋହରେ ପାରାଦୀପ ନିର୍ବାଚନ ମଣ୍ଡଳୀର ସାଂପ୍ରତିକ ରାଜନୀତି ଉପରେ ବେଶ ଚର୍ଚ୍ଚା କରାଯାଇଛି। ୨୦୧୪ ସାଧାରଣ ନିର୍ବାଚନରେ ବିଜେପି ଟିକେଟରୁ ପାରାଦୀପ ନିର୍ବାଚନ ମଣ୍ଡଳୀ କ୍ଷେତ୍ରରେ ବିଧାୟିକା ପ୍ରାର୍ଥିନୀ ରହିଥିବା ଦୀପ୍ତିରେଖା ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ପାଖାପାଖି ୨୦୦ ଛାମୁଆ ନେତୃମଣ୍ଡଳୀ ତଥା ସଂଗଠକମାନେ ସାମିଲ ହୋଇଥିଲେ। ବିଶେଷକରି ପାରାଦୀପ ନିର୍ବାଚନ ମଣ୍ଡଳୀ ରାଜନୀତିରେ ବେଶ ସକ୍ରିୟ ଥିବା ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ, ଯୁବନେତାଙ୍କ ମୁହଁ ମଧ୍ୟ ଏଠି ଦେଖିବାକୁ ମିଳିଥିଲା।

କଟକ ଚୌଦ୍ୱାରସ୍ଥିତ ଏକ ଫାର୍ମ ହାଉସରେ ଅନୁଷ୍ଠିତ ଏହି ବନ୍ଧୁମିଳନ ସମାରୋହଟି ରାଜନୈତିକ ଦୃଷ୍ଟିକୋଣରୁ କେତେକାଂଶରେ ଗୁରୁତ୍ୱ ବହନ କରିଛି। କାରଣ ଉତ୍ସବ ପରିସରରେ ଦୀପ୍ତିରେଖାଙ୍କ ଯେଉଁ ହୋର୍ଡିଂ ମରାଯାଇଥିଲା ସେଥିରେ 'ଆପଣ କେମିତି ଅଛନ୍ତି, ଆଉ ଆମ କୁଜଙ୍ଗ-ପାରାଦୀପ କେମିତି ଅଛି ଉଲ୍ଲେଖ କରାଯାଇଥିଲା। ଏଣେ ପରୋକ୍ଷରେ କଟାକ୍ଷଯୁକ୍ତ ଅଭିଭାଷଣ ରଖି ପରିବେଶକୁ ଉଷ୍ମ କରି ଦେଇଥିଲେ ଦିପ୍ତୀରେଖା। ସିଧାସଳଖ କାହା ପ୍ରତି ଆକ୍ଷେପ କରିନଥିଲେ ସୁଦ୍ଧା ବିଜେପି ନାରୀନେତ୍ରୀ ଦୀପ୍ତିରେଖା ପାରାଦୀପ ନିର୍ବାଚନ ମଣ୍ଡଳୀର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ଅପରପକ୍ଷେ ରାଜ୍ୟ ସରକାରଙ୍କୁ ପ୍ରଶଂସାରେ ପୋତି ଦୀପ୍ତିରେଖା ପାରାଦୀପ ନିର୍ବାଚନ ମଣ୍ଡଳୀ ସଂକ୍ରାନ୍ତରେ ଦେଇଥିବା ଉପରୋକ୍ତ ବକ୍ତବ୍ୟ

ରାଜନୈତିକ ସ୍ତରରେ ଏକପ୍ରକାର ହଟଚମଟ ଖେଳାଇଛି। ଏଣେ ବନ୍ଧୁମିଳନ ଉତ୍ସବରେ ଉକ୍ତ ନିର୍ବାଚନ ମଣ୍ଡଳୀର କେତେକ ପୁରୁଖା ବିଜେପି କର୍ମୀ ଯୋଗଦେଇ ଥିବାରୁ ଆଗକୁ ପାରାଦୀପରେ ନୂଆ କିଛି ରାଜନୈତିକ ସମୀକରଣ ହୋଇପାରେ ବୋଲି ଅନୁମାନ କରାଯାଉଛି। ବରିଷ୍ଠ ବିଜେପି ନେତା ତଥା ସାମ୍ବାଦିକ ମନୋଜ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବନ୍ଧୁମିଳନ ଉତ୍ସବରେ କବି ପୀତାମ୍ବର ତରାଇ, ବିଜେପି ନେତ୍ରୀ କ୍ରୀଷ୍ଣା ମହାନ୍ତି, ପୂର୍ବତନ ସରପଞ୍ଚ ସଞ୍ଜୟ ସ୍ୱାଇଁ, ଲକ୍ଷ୍ମୀକାନ୍ତ ସ୍ୱାଇଁ, କୃଷ୍ଣ ପ୍ରସନ୍ନ ଦାସ, ଡ଼.ରଘୁନାଥ ସାହୁ, ବାବାଜୀ ମହାପାତ୍ର, ମଥୁରାନନ୍ଦ ତରାଇ, ବାବାଜୀ ଚରଣ ସେଠୀ, ଅବସରପ୍ରାପ୍ତ ସର୍ବୋଚ୍ଚ ଯନ୍ତ୍ରୀ ଡ. ସୁବୋଧ ମହାପାତ୍ର, ସିନେ ପ୍ରଯୋଜକ ବିଜୟ କୁମାର, ଦୁଷ୍ମନ୍ତ ମାଝୀ, ରଂଜିତ ପଣ୍ଡା, ଜ୍ୟୋତି ରଂଜନ ସାମଲଙ୍କ ସମେତ ପାରାଦ୍ୱୀପ,କୁଜଙ୍ଗ ଅଞ୍ଚଳରୁ ବହୁ ବୁଦ୍ଧିଜୀବୀ ଯୋଗ ଦେଇଥିଲେ।

## ସ୍କୁଲରେ ଶିଶୁ ସୁରକ୍ଷା ସଚେତନତା

**ଯାଜପୁର:ଏକ୍ସପ୍ରେସ୍ ନ୍ୟୁଜ୍**

ଜିଲ୍ଲା ପ୍ରଶାସନ ଓ ରୁଚିକା ସମାଜ ମଙ୍ଗଳ ସଂଗଠନ ମିଳିତ ସହଯୋଗରେ ହରିସାମନ୍ତ ଉଚ୍ଚ ବିଦ୍ୟାଳୟରେ ଶିଶୁମାନଙ୍କର ଯୌନ ସୁରକ୍ଷା ନିମନ୍ତେ ସଚେତନତା କାର୍ଯକ୍ରମ ଆରମ୍ଭ ହୋଇଛି। ଆଜିକାଲି ଯୌନ ଅପରାଧ ଓ କିଶୋରୀ ମାତୃତ୍ୱ ବଢ଼ିବାରେ ଲାଗିଛି। ଏସବୁକୁ ନିୟନ୍ତ୍ରଣ କରିବା ସହ ଶିଶୁମାନେ କିପରି ସୁରକ୍ଷା ବଳୟ ଭିତରେ ରହିପାରିବେ, ସେହି ପରୀପ୍ରେକ୍ଷୀରେରେ କାର୍ଯକ୍ରମ ଟି ଅନୁଷ୍ଠିତ ହୋଇଛି। ପ୍ରଥମେ ଜିଲ୍ଲା ସଂଯୋଜିକା ଶୁଭସ୍ମିତା ମହାନ୍ତି ସ୍ୱାଗତ ଜଣାଇବା ସହ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବିଷୟରେ କହିଥିଲେ। ଶିଶୁ ସୁରକ୍ଷା ସମିତିର ସଦସ୍ୟ ତପନ କୁମାର ପାତ୍ର ଶିଶୁ ଅଧିକାର ଓ ନିରାପତ୍ତା ବିଷୟରେ ଆଲୋକପାତ କରିଥିଲେ। ଶିଶୁ ସୁରକ୍ଷା କମିଟିର ଅଧକ୍ଷା ରେକ୍ସୋନା ଜେନା କିଶୋରୀ ମାତୃତ୍ୱର ପ୍ରଭାବ କିପରି ପଡୁଛି, ସ୍ୱାସ୍ଥ୍ୟ, ଶିକ୍ଷା, ସାମାଜିକ କ୍ଷେତ୍ରରେ କଣ ସମସ୍ୟା ସୃଷ୍ଟି ହେଉଛି, ସେ ସବୁ ଉପରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ଏହି ପରୀପ୍ରେକ୍ଷୀରେ ଓକିଲ ପାର୍ଥ ସାରଥୀ ରାୟ ଶିଶୁ ଯୌନ ଅପରାଧ ଓ ଏହା ସମ୍ବନ୍ଧୀୟ ଆଇନ୍ ବ୍ୟବସ୍ଥା ସମ୍ପର୍କରେ ଉଦାହରଣ ଦେଇ ଆଲୋଚନା କରିଥିଲେ। ପରେ ରୁଚିକା ସମାଜ ମଙ୍ଗଳ ସଂଗଠନର ଜିଲ୍ଲା ସଂଯୋଜିକା ଶୁଭସ୍ମିତା ମହାନ୍ତି କିପରି ଖେଳ ଓ ଚିତ୍ର ମାଧ୍ୟମରେ ଆମେ ପିଲାମାନଙ୍କୁ କାଉନସେଲିଂ କରି ସେମାନଙ୍କ ଉପରେ ଘଟୁଥିବା ସମସ୍ୟାଗୁଡ଼ିକୁ ଚିହ୍ନଟ କରି ପାରିବା, ସେ ସବୁ ଉପରେ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ପିଲାମାନଙ୍କ ସହ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପ୍ରାୟ ୫୦ରୁ ଅଧିକ ଜଣ ଅଂଶୀଦାର ଯୋଗ ଦେଇଥିଲେ। ପରିଶେଷରେ ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ଗୀତାରାଣୀ ସାମଲ ଏହି ସଚେତନତା କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ସବୁବେଳେ ଏହି ଭଳି କାର୍ଯ୍ୟକ୍ରମ ସ୍ୱାଗତ ଯୋଗ୍ୟ ବୋଲି କହିଥିଲେ ଓ ଧନ୍ୟବାଦ୍ ଅର୍ପଣ କରିଥିଲେ। ଏଥିରେ ଶିଶୁ ସୁରକ୍ଷା କମିଟିର ଅଧକ୍ଷା ଶ୍ରୀମତି ରେକ୍ସୋନା ଜେନା, ଓକିଲ ପାର୍ଥ ସାରଥୀ ରାୟ, ସୁରକ୍ଷା ଅଧିକାରୀ ଶ୍ରୀ ତପନ କୁମାର ପାତ୍ର, ହରିସାମନ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଗୀତାରାଣୀ ସାମଲ, ରୁଚିକାର ଜିଲ୍ଲା ସଂଯୋଜିକା ଶୁଭସ୍ମିତା ମହାନ୍ତି, ଚାଇଲ୍ଡ ହେଲ୍ପ ଲାଇନର ସଦସ୍ୟ ଓ ଅନ୍ୟ ଶିକ୍ଷକ ଶିକ୍ଷୟତ୍ରୀ ଉପସ୍ଥିତ ଥିଲେ। ରୁଚିକାର ସଦସ୍ୟା ସ୍ୱର୍ଣ୍ଣମ ରତୁପର୍ଣ୍ଣା ବଳ, ସୋନାଲି ସାହୁ, ସସ୍ମିତା ସାହୁ ଓ ଚାଇଲ୍ଡ ହେଲ୍ପ ଲାଇନର ସଦସ୍ୟମାନେ ପରିଚାଳନା କରିଥିଲେ।

## କରଡ଼ା ଘାଟିରେ ମହୁଲ ବୋଝେଇ ଟ୍ରକ ଖସିଲା

**ରାଇକିଆ:ଏକ୍ସପ୍ରେସ୍ ନ୍ୟୁଜ୍**

କନ୍ଧମାଳ ଜିଲା ରାଇକିଆ ବ୍ଲକର ବଣ ପାହାଡ ଘେରା ବିପଦପୂର୍ଣ୍ଣ କରଡ଼ା ଘାଟିଠାରେ ଆଜି ନିୟନ୍ତ୍ରଣ ହରାଇ ଏକ ମହୁଲ ବୋଝେଇ ଟ୍ରକ ଘାଟିର ପ୍ରାୟ ୫୦ ଫୁଟ ଘାଟି ତଳକୁ ଖସିଯାଇଛି। ଫଳରେ ଗାଡ଼ି ଚାଳକ ଗୁରୁତର ଆହତ ହୋଇଛନ୍ତି। ସୂଚନା ଥାଉକି ଟ୍ରକଟି ବଲାଙ୍ଗୀରରୁ ମହୁଲ ନେଇ କରଡ଼ା ଅଭିମୁଖେ ଯାଉଥିଲା। ଖବର ପାଇ ଘଟଣାସ୍ଥଳରେ ରାଇକିଆ ଅଗ୍ନିଶମ ବିଭାଗ କର୍ମଚାରୀ ଗୁରୁତରଙ୍କୁ ଉଦ୍ଧାର କରିବା ସହ ରାଇକିଆ ମେଡିକାଲରେ ଭର୍ତ୍ତି କରିଥିଲେ। ଦୁର୍ଘଟଣାର ପ୍ରକୃତ କାରଣ ଜଣାପଡ଼ି ନଥିଲେ ମଧ ଘାଟି ରାସ୍ତାରେ ଗାର୍ଡ ୱାଲ ନଥିବାରୁ ଅନେକ ସମୟରେ ଏହି ସ୍ଥାନରେ ଦୁର୍ଘଟଣାମାନ ଘଟୁଛି। ଆଗକୁ ଆଉ କିଛି ଅଘଟଣ ଘଟିବା ପୂର୍ବରୁ ଦାୟିତ୍ୱରେ ଥିବା ବିଭାଗୀୟ ଗୁରୁତ୍ୱ ମନେ କରି ତୁରନ୍ତ ସୁରକ୍ଷା ପାଚେରୀ ନିର୍ମାଣ କରିବାକୁ ସାଧାରଣରେ ଦାବି।

## କାହ୍ନୁ ଲେଙ୍କାଙ୍କ ସ୍ମୃତି ସଭା

**ଫୁଲନଖରା:ଏକ୍ସପ୍ରେସ୍ ନ୍ୟୁଜ୍**

କଟକ ସଦର ଥାନା ଅନ୍ତର୍ଗତ ଖଣ୍ଡେଇତା ଗ୍ରାମପଞ୍ଚାୟତର ଅରଡ ଗ୍ରାମସ୍ଥିତ ଲକ୍ଷ୍ମଣ ଲେଙ୍କା ଉଚ୍ଚ ବିଦ୍ୟାଳୟ ପରିସରରେ ସ୍କୁଲର ପ୍ରତିଷ୍ଠାତା ସଭାପତି ସ୍ୱର୍ଗତଃ କାହ୍ନୁଚରଣ ଲେଙ୍କାଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ମଙ୍ଗରାଜ ଲେଙ୍କାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଅଞ୍ଚଳର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଓ ସମାଜସେବୀ ଯୋଗଦେଇ ସ୍ୱର୍ଗତଃ ଲେଙ୍କାଙ୍କ ଅବଦାନକୁ ସ୍ମରଣ କରିଥିଲେ। ସଭାର ଶେଷରେ ସମସ୍ତ ଉପସ୍ଥିତ ଅତିଥି ଓ ସ୍ଥାନୀୟବାସୀମାନେ ଦୁଇ ମିନିଟ୍ ନିରବତା ପାଳନ କରି ସ୍ୱର୍ଗତଃ ଲେଙ୍କାଙ୍କ ପ୍ରତି ଶ୍ରଦ୍ଧା ଜଣାଇଥିଲେ। ସଭାରେ ଡଃ.ଶରତ କୁମାର ରଥ, ବରିଷ୍ଠ ସାମ୍ବାଦିକ ଲଳିତ କୁମାର ଦାଶ, ଶିକ୍ଷାବିତ୍ ପ୍ରଦ୍ୟୁମ୍ନ କୁମାର ପତି, ସୁଲଭ କୁମାର ବେହେରା, ନଳିନୀକାନ୍ତ ନନ୍ଦ, ପାର୍ଥ ସାରଥି ନନ୍ଦ, ବସନ୍ତ କୁମାର ଲେଙ୍କା, ଲକ୍ଷ୍ମୀଧର ଲେଙ୍କା, ପ୍ରଦୀପ୍ତ କୁମାର ସାହୁ, ଦେବଦର୍ଶୀ ମିଶ୍ର, ଅଶ୍ୱିନୀ କୁମାର ମହାନ୍ତି, ଚିତ୍ତରଞ୍ଜନ ପ୍ରଧାନ, ମନମୋହନ ମହାପାତ୍ର, ଦେବେନ୍ଦ୍ର ପ୍ରଧାନ, ପ୍ରମୋଦ କୁମାର ଲେଙ୍କା, ଧନେଶ୍ୱର ଜେନା, ବିଚିତ୍ରାନନ୍ଦ ବେହେରା, ଅନିରୁଦ୍ଧ ଜେନା, ସନ୍ତୋଷ କୁମାର ନନ୍ଦ, ସଞ୍ଜୟ ସାହୁ, ପ୍ରକାଶ ରଞ୍ଜନ ଦାସ, ଅଶୋକ କୁମାର ନନ୍ଦ, ସନ୍ତୋଷ କୁମାର ମଲ୍ଲିକ, ଶରତ ଚନ୍ଦ୍ର ଜେନା, ବାଉରୀବନ୍ଧୁ ସାହୁ, ଦିଲ୍ଲୀପ କୁମାର ଲେଙ୍କା, ସୁକାନ୍ତ ଚରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ଉପସ୍ଥିତ ରହି ସଭା କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

## ଫୁଟପାଥରେ ଅସହାୟ ବୃଦ୍ଧଙ୍କ ମୃତ୍ୟୁ

**ଜଳେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟର ଉପାନ୍ତ ସହର ଜଳେଶ୍ୱରର ଚାକଚକ୍ୟ ଭିତରେ ତଳିଆ ଅଞ୍ଚଳ, ଫୁଟପାତ୍ ଓ ପରିତ୍ୟକ୍ତ ଘରେ ୭୦ରୁ ଉର୍ଦ୍ଧ୍ୱ ଗୃହହୀନ ବଞ୍ଚିବା ପାଇଁ ରାହା ଖୋଜୁଛନ୍ତି। ଦୀର୍ଘ ୪୫ ବର୍ଷ ଧରି ପୌରାଞ୍ଚଳରେ ଏଣେ ତେଣେ ରହି ଆସୁଥିବା ମୁନସାମୀ ବିନ୍ଧାଣୀ(୭୬) ୬ ବର୍ଷ ଧରି ପରିତ୍ୟକ୍ତ ଟାଉନ୍ ହଲ୍‌ରେ ପରିବାର ସହ ରହୁଥିଲେ। ସ୍ତ୍ରୀର ମୃତ୍ୟୁ ପରେ କିଛି ବର୍ଷଧରି ରେଳ ପୋଲ ତଳେ ରହି ଜରି ଗୋଟାଇ କାଳାତିପାତ କରୁଥିଲେ। ଭୋଲା ଭଣ୍ଡାରୀ ଅନ୍ନଦାତା ପରିବାର ପକ୍ଷରୁ ଅନ୍ୟ ୭୦ ଦିନଦୁଃଖିଙ୍କ ସହିତ ମୁନସାମୀକୁ ପ୍ରତ୍ୟହ ଖାଦ୍ୟ ଯୋଗାଇ ଦିଆଯାଉଥିଲା। କିନ୍ତୁ ଗୁରୁବାର ସକାଳେ ପୁରୁଣା କୋର୍ଟ ବଜାର ପୋଲ ତଳେ ତାର ଶବ ଠାବ ହୋଇଥିଲା।

### ୭୦ ବାସହୀନଙ୍କ ବିକଳ ଚିତ୍ର

ସମାଜସେବୀ ଆନନ୍ଦ କର ଜଳେଶ୍ୱର ପୋଲିସକୁ ଖବର ଦେବା ପରେ ଘଟଣା ସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ କରିଥିଲେ। ଯୁବ ମଞ୍ଚ ପରିଚାଳିତ ଶାନ୍ତି ରଥରେ ଶବକୁ ଜିକେ ଭଟ୍ଟର ହସ୍ପିଟାଲକୁ ନେଇ ବ୍ୟବଛେଦ



କରାଯାଇଥିଲା। ପୌରାଧକ୍ଷ ପ୍ରତୀପ କୁମାର ପ୍ରଧାନ ଘଟଣା ସ୍ଥଳରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଜଣାଇବା ସହିତ ଶବ ସତ୍କାରର ବ୍ୟବସ୍ଥା କରିଥିଲେ। ମେ ଆଇ ହେଲ୍ପ ୟୁ ସଂଗଠନ ସଭାପତି ଜଗନ୍ନାଥ ପରିଡ଼ାଙ୍କ ନେତୃତ୍ୱରେ ବହୁ ସ୍ୱେଚ୍ଛାସେବୀଙ୍କ ସହଯୋଗରେ ସାନ୍ତିଆ ସ୍ଥିତ ଶବ ଦାହ ଗୃହରେ ସତ୍କାର ହୋଇଥିଲା। ଜଳେଶ୍ୱର ସହରରେ ୭୦ରୁ ଉର୍ଦ୍ଧ୍ୱ ଗୃହହୀନ ବୃଦ୍ଧବୃଦ୍ଧା ବର୍ଷା, ଖରା, କାକରରେ ବଞ୍ଚିବା ପାଇଁ ଏବେବି ସଂଗ୍ରାମ କରୁଛନ୍ତି। ତେଣୁ ସରକାରଙ୍କ ପକ୍ଷରୁ ଏକ ଦୁଃଖି କଲ୍ୟାଣ ଗୃହ ନିର୍ମାଣ କରି ସେମାନଙ୍କୁ ବଞ୍ଚାଇବାକୁ ସହରବାସୀ ଦାବି କରିଛନ୍ତି।

## ଏଆଇର ବୈଶ୍ୱିକ ମଞ୍ଚରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ପ୍ରତିନିଧିତ୍ୱ

**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

"କୃତ୍ରିମ ବୁଦ୍ଧିମତ୍ତା କେବଳ ବୈଷୟିକ ପ୍ରଗତିର ମାଧ୍ୟମ ନ ସାଜି ସାମାଜିକ ରୂପାନ୍ତରଣର ମାଧ୍ୟମ ପାଲଟୁ। ସେଥିପାଇଁ ଏହାକୁ ସୁଲଭ, ନୈତିକ ଏବଂ ଲୋକାଭିମୁଖୀ କରିବା ନେଇ ଉଦ୍ୟମ ହେଉ।" ଫେଡେରେସନ ଅଫ୍ ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରୀ-ଫିକ୍କି ପକ୍ଷରୁ ଫେବୃଆରି ୧୬ରୁ ୨୦ ତାରିଖ ପର୍ଯ୍ୟନ୍ତ ନୂଆଦିଲ୍ଲୀଠାରେ ଆୟୋଜିତ କୃତ୍ରିମ ବୁଦ୍ଧିମତ୍ତା ପ୍ରଭାବ ଉପରେ ଶିଖର ସମ୍ମିଳନୀ 'ଭାରତ-୨୦୨୬'ରେ ଅତିଥି ବକ୍ତା ଭାବରେ ଯୋଗଦେଇ ଏକଥା କହିଛନ୍ତି ସ୍ଥାନୀୟ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର କୁଳାଧକ୍ଷା ପ୍ରଫେସର ରଜିତା କୁଲକର୍ଣ୍ଣୀ। ପ୍ରଫେସର କୁଲକର୍ଣ୍ଣୀ ଉଦୀୟମାନ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଯୋଗଦାନ ସମ୍ପର୍କରେ ଆଲୋଚନା କରି କହିଥିଲେ, ସମଗ୍ର ଶିକ୍ଷା କାର୍ଯ୍ୟକ୍ରମର ରୂପାୟନ ସହ ବିଭିନ୍ନ ବିଭାଗରେ କୃତ୍ରିମ ବୁଦ୍ଧିମତ୍ତା ସାମିଲ କରାଯାଉଛି। ଏଥିସହ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଏବଂ ଶିକ୍ଷାନୁଷ୍ଠାନମାନଙ୍କ ସହ ଏହାର ସହଭାଗିତା ମଧ୍ୟ ଗଢ଼ିଉଠିଛି। ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ସମକାରୀ ସଂସ୍ଥାମାନଙ୍କ ସହ ମଧ୍ୟ ସମନ୍ୱୟ ରଖି କାର୍ଯ୍ୟ କରୁଛି। ସାଇବର ସୁରକ୍ଷା ଏବଂ ଡିଜିଟାଲ ମାନବବାଦ କ୍ଷେତ୍ରରେ ଉତ୍କୃଷ୍ଟ କେନ୍ଦ୍ର ସ୍ଥାପନ ପାଇଁ ପଦକ୍ଷେପ ନେଉଛି। ମହିଳା, ଗ୍ରାମାଞ୍ଚଳର ଉଦ୍‌ଯୋଗୀ




ଏବଂ କ୍ଷୁଦ୍ର ବ୍ୟବସାୟୀମାନଙ୍କ ପର୍ଯ୍ୟନ୍ତ କୃତ୍ରିମ ବୁଦ୍ଧିମତ୍ତା କିଭଳି ପହଞ୍ଚି ପାରିବ, ସେଥିପାଇଁ ପ୍ରୟାସ ଜାରି ରହିଛି। ଏହି ଅବସରରେ ଏପିସିଓର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ମିଷ୍ଟର ବ୍ରାଡ୍ ଷ୍ଟେପଲ୍ସ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ୨୫ରୁ ଉର୍ଦ୍ଧ୍ୱ ରାଷ୍ଟ୍ରାଧକ୍ଷ ତଥା ୧୦୦ରୁ ଉର୍ଦ୍ଧ୍ୱ ଦେଶର ୩୫ ହଜାରରୁ ଅଧିକ ପ୍ରତିନିଧିଙ୍କ ସହଭାଗିତାରେ ଏହି ସମ୍ମିଳନୀ ବିଶ୍ୱର ଏକ ପ୍ରମୁଖ କୃତ୍ରିମ ବୁଦ୍ଧିମତ୍ତା ସମ୍ମିଳନୀ ପାଲଟିଥିଲା। ଗୁରୁଦେବ ଶ୍ରୀ ଶ୍ରୀ ରବିଶଙ୍କରଙ୍କ ଦ୍ୱାରା ପରିକଳ୍ପିତ 'ପରମ ବୁଦ୍ଧିମତ୍ତା ସଂସ୍ଥାନ'ଠାରୁ ପ୍ରେରଣା ନେଇ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ କିଭଳି ବୈଷୟିକ ଶିକ୍ଷାରେ ନୂତନତ୍ୱକୁ ମାନବୀୟ ମୂଲ୍ୟବୋଧ ସହ ଯୋଡ଼ି ଅଗ୍ରସର ହେଉଛି, ପ୍ରଫେସର କୁଲକର୍ଣ୍ଣୀ ତାହା ପୁନର୍ବାର ପ୍ରମାଣିତ କରିଥିଲେ।

## ୧୦ କେନ୍ଦ୍ରରେ ପରୀକ୍ଷା ଦେଲେ ୧୮୧୯ ପରୀକ୍ଷାର୍ଥୀ

**ବୁଗୁଡା:ଏକ୍ସପ୍ରେସ୍ ନ୍ୟୁଜ୍**

ଶିକ୍ଷା ବର୍ଷ ୨୦୨୫-୨୬ ପାଇଁ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ପରୀକ୍ଷା ଆଜିଠାରୁ ଆରମ୍ଭ ହୋଇଯାଇଛି। ବୁଗୁଡା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧୀନସ୍ଥ ୨୭ଟି ହାଇସ୍କୁଲର ଫର୍ମ ପୂରଣ କରିଥିବା ମୋଟ ୧୮୪୪ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୮୧୯ ଜଣ ପରୀକ୍ଷା ଦେଇଥିବା ବେଳେ ୨୫ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ରହିଥିବା ଜଣାଯାଇଛି। ତେବେ ପରୀକ୍ଷା କେନ୍ଦ୍ରଗୁଡିକ ମଧ୍ୟରୁ ବାଲିପଦର ହାଇସ୍କୁଲ କେନ୍ଦ୍ରରେ ସର୍ବାଧିକ ୨୬୯ରୁ ୨୬୮ ଜଣ ପରୀକ୍ଷା ଦେଇଥିବା ବେଳେ

ବୀରଧନଞ୍ଜୟପୁରସ୍ଥ ବୁଦ୍ଧଗିରି ବିଦ୍ୟାପୀଠ କେନ୍ଦ୍ରରେ ୨୨୫ରୁ ୨୨୧ ଜଣ, ତାଳସାକର ମହାମାୟୀ ହାଇସ୍କୁଲ କେନ୍ଦ୍ରରେ ୨୦୧ରୁ ୧୯୮ ଜଣ, ପଙ୍କଳବାଡି ରିଜିଓନାଲ ଏଗ୍ରିକଲଚର ହାଇସ୍କୁଲ କେନ୍ଦ୍ରରେ ୧୯୪ରୁ ୧୯୦ ଜଣ, ବୁଗୁଡ଼ା ପିପୁଲ୍ସ ହାଇସ୍କୁଲ କେନ୍ଦ୍ରରେ ୧୯୧ରୁ ୧୮୯ ଜଣ, ବି.କରଡ଼ାବାଡ଼ି ସର୍ଦ୍ଦାର ଅନ୍ତର୍ଯ୍ୟାମୀ ବିଦ୍ୟାପୀଠ କେନ୍ଦ୍ରରେ ୧୮୪ ଜଣ, ବୁଗୁଡ଼ା ଶ୍ରୀ ବିରଞ୍ଚି ନାରାୟଣ ଗାର୍ଲସ୍ ହାଇସ୍କୁଲ କେନ୍ଦ୍ରରେ ୧୭୫ରୁ ୧୭୨ ଜଣ, ମାଣିତରା ରିଜିଓନାଲ ହାଇସ୍କୁଲ କେନ୍ଦ୍ରରେ ୧୪୮ରୁ ୧୪୬ ଜଣ, ପୋଚାଲୁଣ୍ଡି ଗ୍ରାମସ୍ଥ ମା କାଳୀ କୃଷକ ହାଇସ୍କୁଲ କେନ୍ଦ୍ରରେ ୧୪୧ ଜଣ ଏବଂ କରଚୁଲି ଶକୁନ୍ତଳା ବିଦ୍ୟାପୀଠ କେନ୍ଦ୍ରରେ ସର୍ବନିମ୍ନ ୧୧୬ରୁ ୧୧୦ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ଜଣାପଡିଛି।


### ପୂର୍ବ ତଟ ରେଳପଥ

ଫାଇଲ ସଂ. DRM/Engg/KUR/25-26/E-Tender/111 ତା.16.02.2026ରିଖ

1) ଟେଣ୍ଡର ସଂ. eTender-SouthKUR-354-2025, ତା.09.02.2026ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ଖୋର୍ଦ୍ଧା ରୋଡ଼-ପଳାସା ସେକ୍ସନରେ ଇଚ୍ଛାପୁରମ ୟାର୍ଡର ଲୁପ୍ ଲାଇନଗୁଡ଼ିକରେ CTR(S)ର ସମ୍ପାଦନ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) :** 49.66 ଲକ୍ଷ, EMD (₹) : 99,300.00

2) ଟେଣ୍ଡର ସଂ. eTender-SouthKUR-355-2025, ତା.09.02.2026ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ଖୋର୍ଦ୍ଧା ରୋଡ଼-ପଳାସା ସେକ୍ସନରେ ବ୍ରହ୍ମପୁର ୟାର୍ଡର ଲୁପ୍ ଲାଇନଗୁଡ଼ିକରେ CTR(S)ର ସମ୍ପାଦନ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) :** 49.08 ଲକ୍ଷ, EMD (₹) : 98,200.00

3) ଟେଣ୍ଡର ସଂ. etenderEastkur-356-2025, ତା.09.02.2026ରିଖ

**ବିବରଣୀ :** ପୂର୍ବ ତଟ ରେଳପଥର ହରିଦାସପୁର (HDS) ଷ୍ଟେସନରେ ଗୋଟିଏ 18 ଶଯ୍ୟା ବିଶିଷ୍ଟ ରନିଂ ରୁମ୍ ନିର୍ମାଣ ପାଇଁ ବଳକା କାର୍ଯ୍ୟ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) :** 60.09 ଲକ୍ଷ, EMD (₹) : 1,20,200.00

ଶେଷ ହେବା ଅବଧି : 06 (ଛଅ) ମାସ (କ୍ର. ସଂ. 1 ଏବଂ 2 ପାଇଁ), 03 (ତିନି) ମାସ (କ୍ର. ସଂ. 3 ପାଇଁ)।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** (ସମସ୍ତ ଟେଣ୍ଡର ନିମନ୍ତେ) ତା.03.03.2026ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ କରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ଼୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ** : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ଼

PR-1144/Q/25-26


## ଆଗାମୀ ପଞ୍ଚାୟତ ନିର୍ବାଚନ ହେବ କଂଗ୍ରେସ ପାଇଁ ଅଗ୍ନିପରୀକ୍ଷା: ରତିକାନ୍ତ

**ପାଟକୁରା:** ଗତ ସାଧାରଣ ନିର୍ବାଚନ ୨ ବର୍ଷ ପୂରଣ କରିବାକୁ ଯାଉଥିବା ବେଳେ ପାଟକୁରା ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ଦଳ ତରଫରୁ ପ୍ରଥମ ଜୋନ ସ୍ତରୀୟ କର୍ମିସମ୍ମିଳନୀ ଆଜି ଆରମ୍ଭ ହୋଇଛି। କଂଗ୍ରେସ ଦଳର ପରାଜିତ ବିଧାୟକ ପ୍ରାର୍ଥୀ ଡ.ରତିକାନ୍ତ କାନୁନଗୋଙ୍କ ନେତୃତ୍ୱରେ ଗରଦପୁର ବ୍ଲକ ୧୦ ନଂ ଜିଲ୍ଲା ପରିଷଦ ଜୋନର ତିକନପୁର ଶ୍ରୀରାମ ମନ୍ଦିର ପ୍ରାଙ୍ଗଣରେ ବନ୍ଧୁମିଳନ ବ୍ୟାନରରେ କଂଗ୍ରେସ କର୍ମୀମାନଙ୍କର ଏକ ସଭା ଆୟୋଜନ କରାଯାଇଛି। ବ୍ଲକ ସଭାପତି ଜ୍ୟୋତିରଂଜନ ପରିଡାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ନୂତନ ରୂପେ ଏହି ଜୋନର ସଭାପତି ରୂପେ ଚୟନ କରାଯାଇଥିବା ପ୍ରମୋଦ କୁମାର ନାୟକ ମଞ୍ଚ ପରିଚାଳନା କରିଥିଲେ। କଂଗ୍ରେସ ନେତା ଶ୍ରୀ କାନୁନଗୋ ଯୋଗଦେଇ କହିଥିଲେ ଯେ ଆଗାମୀ ପଞ୍ଚାୟତ ନିର୍ବାଚନ କଂଗ୍ରେସ କର୍ମୀମାନଙ୍କ ପାଇଁ ଅଗ୍ନିପରୀକ୍ଷା ହେବ। ସାଂପ୍ରତିକ ପରିସ୍ଥିତିରେ ପାଟକୁରା ବିଜେଡି ଦୁଇଫାଳ ହୋଇ ନିର୍ବାଚନ ମଣ୍ଡଳୀରେ ପ୍ରତିଯୋଗିତା ମୂଳକ ସଭାକରି ନିଜ ନିଜର ପାୱାର ଶୋ କରିବାରେ ଲାଗିଛନ୍ତି। ସେହିପରି ବିଜେପି ଦୁଇଭାଗ ହୋଇ ଗରଦପୁର ଓ ଡେରାବିଶ ବ୍ଲକରେ ମହୋତ୍ସବ ନାମରେ ନିଜ ନିଜର ପତିଆରା ଲଢେଇକରୁଛନ୍ତି। ଏଭଳି ପରିସ୍ଥିତିରେ ସାଧାରଣ ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଆଗାମୀ ଦିନରେ ଲୋକମାନଙ୍କ ସ୍ୱାର୍ଥକୁ ଆଖିଆଗରେ ରଖି କଂଗ୍ରେସ ଦଳ ତରଫରୁ ବ୍ଲକ, ତହସିଲ ଓ ଥାନା ଆଗରେ ବିକ୍ଷୋଭ, ଘେରାଓ କାର୍ଯ୍ୟକ୍ରମ କରାଯିବ ବୋଲି ସେ କହିଥିଲେ। ୧୫ ତାରିଖ ମଧ୍ୟରେ ନିର୍ବାଚନ ମଣ୍ଡଳୀର ୭ଟି ଜୋନରେ କର୍ମୀମାନଙ୍କର ସମ୍ମିଳନୀ ଆୟୋଜନ କରାଯାଇ ଆବଶ୍ୟକସ୍ଥଳେ ନୂତନ ପଞ୍ଚାୟତ ସଭାପତିମାନଙ୍କୁ ନିଯୁକ୍ତି ଦିଆଯିବ ବୋଲି ଶ୍ରୀ କାନୁନଗୋ ତାଙ୍କ ବକ୍ତବ୍ୟରେ ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରାପଡା ଜିଲ୍ଲା କଂଗ୍ରେସର ପୂର୍ବତନ କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ କୁମାର ଦାସ ବୁଥ କମିଟି, ପଞ୍ଚାୟତ କମିଟି, ବ୍ଲକ କମିଟି କର୍ମକର୍ତ୍ତାମାନଙ୍କର କାର୍ଯ୍ୟଧାରା ଉପରେ ସୂଚନା ପ୍ରଦାନ କରିଥିଲେ। ଡେରାବିଶ ବ୍ଲକ କଂଗ୍ରେସ କମିଟି ସଭାପତି ରାଜୀବ ଲୋଚନ ମିଶ୍ର, ଡେରାବିଶ ମହିଳା କଂଗ୍ରେସ ସଭାନେତ୍ରୀ ରଶ୍ମିତା ମହାନ୍ତି, ମାର୍ଶାଘାଇ ବ୍ଲକ କଂଗ୍ରେସ କମିଟି ସଭାପତି ଶ୍ରୀକାଶୁଂ ଲେଙ୍କା, ଜିଲ୍ଲା କଂଗ୍ରେସ ଉପସଭାପତି ଉମେଶ ଚନ୍ଦ୍ର ତ୍ରିପାଠି, ଜିଲ୍ଲା କଂଗ୍ରେସ କିଷାନ ସେଲ ସଭାପତି ଜୟଦେବ ପରିଡା, ଜିଲ୍ଲା ସାଧାରଣ ସମ୍ପାଦକ ରମାକାନ୍ତ ସ୍ୱାଇଁ, ଜିଲ୍ଲା କଂଗ୍ରେସ ସମ୍ପାଦକ କୁମର ପାଣି ଓ ମନୋରଂଜନ ମହାନ୍ତି ପ୍ରମୁଖ ଅଭିଭାଷଣ ରହିଥିଲେ। ଏହି ଅବସରରେ ତିକନପୁର ପଞ୍ଚାୟତର ୭ ଜଣ ଓ ଭଗବାନପୁର ପଞ୍ଚାୟତର ୨ ଜଣ ବିଜେଡି ଓ ବିଜେପି କର୍ମୀ ଆଜି ବିଧିବଧ ଭାବରେ କଂଗ୍ରେସ ଦଳରେ ଯୋଗଦେଇଛନ୍ତି। ବ୍ଲକ ଗାଁ ସାଥୀ ସଙ୍ଘ ସମ୍ପାଦିକା ବେବିନା ପରିଡା କଂଗ୍ରେସ ଦଳରେ ଯୋଗଦେଇଛନ୍ତି। କଂଗ୍ରେସ ନେତା ଶ୍ରୀ କାନୁନଗୋ ଦଳରେ ଯୋଗଦେଇଥିବା କର୍ମୀମାନଙ୍କୁ ଉତରୀୟ ଓ ପୁଷ୍ପମାଳ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ଶିବ କୁଣ୍ଡୁ, ରଂଜନ ପରିଜା, ଶଙ୍କର ମଲ୍ଲିକ ପ୍ରମୁଖ କର୍ମୀମାନେ ସହଯୋଗ କରିଥିଲେ।

## ଦକ୍ଷିଣ ଓଡ଼ିଶାର ଅଭିବୃଦ୍ଧିକୁ ତ୍ୱରାନ୍ୱିତ ଲାଗି ରେଳ ଭିତ୍ତିଭୂମି ପ୍ରୋତ୍ସାହନ

**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ଦକ୍ଷିଣ ଓଡ଼ିଶାରେ ରେଳ ଭିତ୍ତିଭୂମି ଏବଂ ଆଞ୍ଚଳିକ ବିକାଶକୁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୋତ୍ସାହନ ସ୍ୱରୂପ, ପ୍ରଥମ ପର୍ଯ୍ୟାୟ ଅନ୍ତର୍ଗତ ୯୩.୧୯ କୋଟି ଟଙ୍କା ବ୍ୟୟରେ ବ୍ରହ୍ମପୁର ରେଳ ଷ୍ଟେସନର ପୁନଃବିକାଶକୁ ମଞ୍ଜୁର କରାଯାଇଛି। ଏହି ପ୍ରକଳ୍ପର ଉଦ୍ଦେଶ୍ୟ ହେଉଛି ଷ୍ଟେସନକୁ ଏକ ଆଧୁନିକ, ଯାତ୍ରୀ ଅନୁକୂଳ, ସ୍ମାର୍ଟ ଏବଂ ସ୍ଥାୟୀ ପରିବହନ ହବ୍ ଭାବରେ ପରିଣତ କରିବା ଯାହା ଭବିଷ୍ୟତର ଅଭିବୃଦ୍ଧି ଆବଶ୍ୟକତାକୁ ଆରାମରେ ପୂରଣ କରିପାରିବ। ଓଡ଼ିଶାର ସିଲ୍କ ସିଟି ଭାବେ ଜଣାଶୁଣା ବ୍ରହ୍ମପୁର ଏବଂ ଗୋପାଳପୁର ସମୁଦ୍ର ବେଳାଭୂମି ଏବଂ ତାରାତାରିଣୀ ମନ୍ଦିର ଭଳି ପ୍ରସିଦ୍ଧ ସ୍ଥାନଗୁଡ଼ିକର ପ୍ରବେଶ ଦ୍ୱାର ଭାବରେ ପରିଚିତ ବ୍ରହ୍ମପୁର ରେଳ ଷ୍ଟେସନ, ଏହି ଅଞ୍ଚଳର ସବୁଠାରୁ ପୁରୁଣା ଏବଂ ବ୍ୟସ୍ତବହୁଳ ରେଳ ଷ୍ଟେସନ ମଧ୍ୟରୁ ଗୋଟିଏ। ଅଦ୍ୟତନ କରାଯାଉଥିବା ଏହି ଷ୍ଟେସନ୍ଟି ପୀକ୍ ଆୱରରେ ୫,୦୦୦ରୁ ଅଧିକ ଯାତ୍ରୀ ଭିଡ଼କୁ ସୁଚାରୁ ଭାବେ ପରିଚାଳନା କରିବା ପାଇଁ ଡିଜାଇନ୍ କରାଯାଉଛି, ଯାହା ଫଳରେ ଭିଡ଼ ସମୟ ଏବଂ ପର୍ବପର୍ବାଣୀ ଭିଡ଼ ସମୟରେ ମଧ୍ୟ ସୁଗମ ଏବଂ ବାଧାମୁକ୍ତ ଗତିବିଧି ସୁନିଶ୍ଚିତ ହେବ। ପୁନଃବିକାଶର ସବୁଠାରୁ ସ୍ୱତନ୍ତ୍ର ଦିଗଗୁଡ଼ିକ ମଧ୍ୟରୁ ଗୋଟିଏ ହେଉଛି 'କଳା ଏକ ପରିଚୟ' ଧାରଣା। ଷ୍ଟେସନର ବାହ୍ୟ ଭାଗ ଏବଂ ଆଭ୍ୟନ୍ତରୀଣ ସ୍ଥାନଗୁଡ଼ିକରେ ବ୍ରହ୍ମପୁରର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ପ୍ରତିଫଳିତ କରିବ, ବିଶେଷକରି ଏହାର ପ୍ରସିଦ୍ଧ ରେଶମ ପରମ୍ପରା। ସ୍ଥାନୀୟ କଳାରୂପରୁ ପ୍ରେରିତ ବିଭିନ୍ନ ଉପାଦାନଗୁଡ଼ିକୁ ଚିନ୍ତନମୂଳକ ଭାବରେ ଡିଜାଇନରେ ସମନ୍ୱିତ କରାଯିବ, ଯାହା ଷ୍ଟେସନକୁ କେବଳ ଏକ ପରିବହନ କେନ୍ଦ୍ର ସ୍ଥଳ ନୁହେଁ, ବରଂ ଏକ ଐତିହାସିକ ସ୍ଥାନ ଭାବରେ ଝଲସିବ ଯାହା ସହରର ସାଂସ୍କୃତିକ ଗର୍ବ ଏବଂ ପରିଚୟକୁ ପ୍ରତିନିଧିତ୍ୱ ପ୍ରତିନିଧିତ୍ୱ କରୁଥିବା ଏକ ପ୍ରତୀକାତ୍ମକ ସ୍ଥାନ ଭାବେ ପରିଣତ ହେବ। ଦିନକୁ ପ୍ରାୟ ୧୬୨ଟି ଟ୍ରେନ୍ ଚଳାଚଳ ସହ ଗଞ୍ଜାମ, କନ୍ଧମାଳ, ରାୟଗଡା, କଳାହାଣ୍ଡି ଓ ବଲାଙ୍ଗୀର ଜିଲ୍ଲାର ଯାତ୍ରୀଙ୍କୁ ସେବା ଯୋଗାଇଥିବା ବ୍ରହ୍ମପୁର ରେଳ ଷ୍ଟେସନ ଦକ୍ଷିଣ ଓଡ଼ିଶାର ଆର୍ଥିକ ଓ ସାମାଜିକ ଜୀବନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ପାଳନ କରୁଛି। ଏହି ପୁନଃବିକାଶ ପ୍ରକଳ୍ପ ଭିଡ଼ ହ୍ରାସ କରିବା, ସୁରକ୍ଷା ବୃଦ୍ଧି, ଯାତ୍ରୀ ସୁବିଧାରେ ଉନ୍ନତି ଆଣିବ ଏବଂ ଏକ ପ୍ରମୁଖ ବାଣିଜ୍ୟିକ ଏବଂ ପର୍ଯ୍ୟଟନ କେନ୍ଦ୍ର ଭାବରେ ସହରର ସ୍ଥିତିକୁ ଆହୁରି ସୁଦୃଢ଼ କରିବାରେ ସହାୟକ ହେବ।

## ଶିଳ୍ପ ସଂସ୍ଥାଙ୍କଠୁ ଦେଢ଼ଲକ୍ଷ କୋଟି ଟଙ୍କା ଆଦାୟ ହେଉନି କାହିଁକି ?

**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ଆଜି ପିସିସି ସଭାପତି ଭକ୍ତ ଚରଣ ଦାସ ଢେଙ୍କାନାଳ ଜିଲ୍ଲା, କାଶିପୁର ପଞ୍ଚାୟତ ଅନ୍ତର୍ଗତ ଲହଡ଼ା ଗ୍ରାମରେ ଆୟୋଜିତ ଜନଜାତି ଜାଗରଣ ସଭାରେ ଉପସ୍ଥିତ ଜନତାଙ୍କୁ ସମ୍ବୋଧିତ କରି ଶ୍ରୀ ଦାସ କହିଲେ, ୮୦ ଦଶକରେ କଳାହାଣ୍ଡି ଅଞ୍ଚଳରେ ଲୋକେ ଯେଭଳି ଦୁର୍ଦ୍ଦଶାଗ୍ରସ୍ତ ଅବସ୍ଥାରେ ରହୁଥିଲେ ଏହି ଆଧୁନିକ ଯୁଗରେ ମଧ୍ୟ ଢେଙ୍କାନାଳର ଲହଡ଼ା ଅଞ୍ଚଳରେ ଆଦିବାସୀ, ଦଳିତ ସେଭଳି ଜୀବନଯାପନ କରୁଛନ୍ତି। ଯାହା ଅତି କ୍ଷୋଭର ବିଷୟ ଅଟେ। ଆଦିବାସୀ ଘର ଖଣ୍ଡିଏ ପାଇଁ ଅଫିସରୁ ଅଫିସ ଦୌଡ଼ି ନୟାନ୍ତ। ତାଙ୍କୁ ସରକାର ଜମି ପଟ୍ଟା ଦେଉନାହିଁ। ଫଳରେ ସରକାରଙ୍କ କୌଣସି ଯୋଜନାରେ ଘର ଖଣ୍ଡିଏ ତିଆରି କରିପାରୁ ନାହାନ୍ତି। ସ୍ୱାଧୀନତାର ୭୮ ବର୍ଷ ପରେ ମଧ୍ୟ ଶୁଦ୍ଧ ପିଇବାପାଣି ମୁନ୍ଦିଏ ପିଇବାପାଇଁ ସ୍ୱପ୍ନ। ହଜାର ହଜାର କୋଟି ଟଙ୍କା ଜଳ ଯୋଗାଣ ପାଇଁ ସରକାର ଖର୍ଚ୍ଚ କରୁଛନ୍ତି କିନ୍ତୁ ପାଇପ ସଂଯୋଗ ହୋଇପାରୁ ନାହିଁ। ଦୂଷିତ ପାଣି ଯୋଗୁଁ ଯାଜପୁର ଜିଲ୍ଲାର ପାଲଟପୁର ପଞ୍ଚାୟତର ୧୨୦ ଜଣ କିଡିନି ରୋଗରେ ଆକ୍ରାନ୍ତ ହୋଇ ମରଣ ସହିତ ସଂଗ୍ରାମ କରୁଛନ୍ତି। ଆମ ପୂର୍ବ ପୁରୁଷ କ'ଣ ଏହି ସ୍ୱାଧୀନ ଭାରତର ସ୍ୱପ୍ନ ଦେଖିଥିଲେ। ଚାଷୀଙ୍କ ପରିଶ୍ରମ ଉପାର୍ଜିତ ଧାନ କ୍ୟୁଂଟାଲ ପ୍ରତି ୧୦ କେଜି କାଟୁଛନ୍ତି। ଯଦି ହିସାବ କରାଯାଏ ଓଡ଼ିଶାର ସମସ୍ତ ଚାଷୀଙ୍କ ଠାରୁ ଏହି ପ୍ରାୟ ୫ ହଜାର କୋଟି ଟଙ୍କା ସମବାୟ, ଯୋଗାଣ, କୃଷି ବିଭାଗ ଏବଂ ଏହି ବିଭାଗମାନଙ୍କ ମନ୍ତ୍ରୀ ତଥା ମିଲର ବେନିୟମ ଉପାୟରେ ଚାଷୀଙ୍କ ତଣ୍ଟିଚିପି ନିଜ ଭିତରେ ଅର୍ଥ ବଂଟନ କରୁଛନ୍ତି। ଯେଉଁ ଚାଷୀ ୧୫୦ କ୍ୟୁଂଟାଲରୁ ଅଧିକ ଅମଳ କରୁଛି ସେହି ଅଧିକ ଅମଳ ଧାନକୁ ସରକାରକୁ କିଣୁ ନାହିଁ। ଫଳରେ ମିଲର ୧୭୦୦-୧୮୦୦ ଦେଇ ଶାଗମାଛ ମୂଲ୍ୟରେ କିଣୁଛି। ଦେଶକୁ ବାବା ସାହେବ ଆମ୍ବେଦକର ସମ୍ବିଧାନ ଦେଇଛନ୍ତି କିନ୍ତୁ ସରକାର ସମ୍ବିଧାନ ପାଳନ କରୁ ନାହାନ୍ତି। ସେଥିପାଇଁ ସବୁଠାରୁ ଉତ୍କୃଷ୍ଟ ପନ୍ଥା ହେଉଛି ଗାନ୍ଧୀ ପଥ। ଏହି ପଥ ଅନୁସରଣ କରି ଅହିଂସା ଉପାୟରେ ଯଦି ହଜାର ହଜାର ଜନଜାତି ଏବଂ ଦଳିତ ରାସ୍ତାକୁ ଓହ୍ଲାଇ ଅଧିକାରର ଆନ୍ଦୋଳନ କରିବେ ତେବେ ସରକାର ନ୍ୟାୟ ଦେବାପାଇଁ ବାଧ ହେବ। ଲକ୍ଷ ଲକ୍ଷ କୋଟି ଟଙ୍କାର ଖଣିଜ ଦ୍ରବ୍ୟ ଲୁଟ ଚାଲିଛି। ଖଣି କମ୍ପାନୀମାନଙ୍କ ଉପରେ ଦେଢ଼ଲକ୍ଷ କୋଟି ଟଙ୍କା ବକେୟା ପଡ଼ିଛି। ସରକାର କାହିଁକି ଏହି ଟଙ୍କା ଅସୁଲ କରୁନାହିଁ। ଏତେ ଟଙ୍କାରେ ସ୍କୁଲ, ଗୃହ, ପାଣି, ବିଜୁଳି ସମସ୍ତ ଆବଶ୍ୟକ ପୂରଣ ହୋଇ ଓଡ଼ିଶା ହସିବ। କିନ୍ତୁ ସରକାର ଚୁପ କାହିଁକି ? ଶିଳ୍ପପତି ଆମକୁ ଲୁଟ କରୁଥିବା ବେଳେ ସାଧାରଣ ଜନତା ଗରିବରୁ ଗରିବ ହେବାରେ ଲାଗିଛନ୍ତି। ଦଳିତ ଆଜିବି ନିର୍ଯାତିତ। ଧରାକୋଟରେ ଉଲଗ୍ନ କରି ପ୍ୟାରେଡ କରାଯାଉଛି ତ କେନ୍ଦ୍ରାପଡ଼ାରେ ଦଳିତ ଝିଅ ଅଙ୍ଗନୱାଡ଼ି କର୍ମୀ ହେଲାବୋଲି ତା ହାତ ରନ୍ଧା ନଖାଇ ବାସନ୍ଦକରି ପିଲାଙ୍କୁ ପଠାଉ ନାହାନ୍ତି। ମୁଁ ସରକାରଙ୍କୁ ଚେତାବନୀ ଦେବାକୁ ଚାହେଁ ଏହି ଅଞ୍ଚଳର ଜନଜାତିଙ୍କୁ ତାଙ୍କ ଅଧିକାର ଅନୁଯାୟୀ ସମସ୍ତ ପ୍ରକାର ସହଯୋଗ ଏବଂ ବ୍ୟବସ୍ଥା କରାଯାଉ। ଯଦି କରାନଗଲା ତେବେ କ୍ରାନ୍ତି ହେବ ଏବଂ ସେଥିପାଇଁ ସରକାର ଦାୟୀ ରହିବେ। ସଭାପତି ଶ୍ରୀ ଦାସଙ୍କ ଢେଙ୍କାନାଳ ଗସ୍ତ ଏବଂ ସମାବେଶକୁ ଜିଲ୍ଲା କଂଗ୍ରେସ ସଭାପତି ଛବିରାଜ ବିଶ୍ୱାଳ ଆୟୋଜନ କରିଥିବା ବେଳେ ସମାବେଶରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନ ସାଂସଦ ନଗେନ୍ଦ୍ର ପ୍ରଧାନ, କଂଗ୍ରେସ ମହିଳା ସଭାନେତ୍ରୀ ମିନାକ୍ଷୀ ବାହିନୀପତି, ଡ. ବନମାଳି ଦାସ, ବିଜୟାନନ୍ଦ ଚାଉଳିଆ, ବିପ୍ରବର ସାହୁ, ରଞ୍ଜିତ କୁମାର ସାହୁ, ସୁବ୍ରତ ଗଡ଼ନାୟକ, ଗୋବର୍ଦ୍ଧନ ନାୟକ, ଜିତେନ୍ଦ୍ର ସାହୁ, ପିସିସି ସଂପାଦିକା ଶିଳ୍ପିଶ୍ରୀ ହରିଚନ୍ଦନ ଏବଂ ହଜାର ହଜାର ସ୍ଥାନୀୟ ଆଦିବାସୀ ଜନଜାତି, ଅନୁସୂଚିତ ଜାତିର ଲୋକ ଯୋଗଦେଇଥିଲେ।



